

କଟିବ ମନ୍ତ୍ରୀ ଓ ବିଧାୟକଙ୍କ ୫୦% ଦରମା

ପୃଷ୍ଠା ୫

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 34 ଭାଗ ୩୪ | ସଂଖ୍ୟା ୩୪ | Saturday 25 April 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୨୫ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ବଢୁଛି ରୌଦ୍ରତାପ: ୨୭ରୁ ସ୍କୁଲ୍ ଛୁଟି



- ଝାରସୁଗୁଡ଼ାବାସୀଙ୍କୁ ମିଳୁନି ଆଶ୍ୱସ୍ତି
- ତାପମାତ୍ରା ୪୪.୮ ଡିଗ୍ରୀ ଛୁଇଁଲା

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମପ୍ରବାହର ମାତ୍ରା ବଢ଼ିଚାଲିଥିବା ବେଳେ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଅପେକ୍ଷାକୃତ ସଅଳ ସ୍କୁଲ୍ ଛୁଟି ଘୋଷଣା କରିଛନ୍ତି। ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ଓ କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହାକୁ ଆଜି ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।

ଘୋଷଣା ଅନୁସାରେ, ଆସନ୍ତା ୨୭ ତାରିଖଠାରୁ ସମସ୍ତ ସ୍କୁଲ୍ ଓ କଲେଜ ବନ୍ଦ ରହିଲେ ମଧ୍ୟ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାର୍ଯ୍ୟ ଜାରି ରହିବ। ପୂର୍ବରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସ୍କୁଲ ଛୁଟି ନେଇ ନିଷ୍ପତ୍ତି ନେବାକୁ କୁହାଯାଇଥିଲା। ଏହି ଅନୁସାରେ, ନିଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ କେତେକ ଜିଲ୍ଲାପାଳ ନିଜ ନିଜ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରିଥିଲେ। ପ୍ରଥମେ ତିନି ଦିନ ପରେ ସ୍କୁଲ ଛୁଟି ମଧ୍ୟ ବୃଦ୍ଧି କରାଯାଇଥିଲା। କିନ୍ତୁ ଗ୍ରୀଷ୍ମ ପ୍ରବାହର ମାତ୍ରା ନ କମିବା ଫଳରେ ଆଜି ରାଜ୍ୟ ସରକାର ଛୁଟି ନେଇ ବିଧିବଦ୍ଧ ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଆଜି ମଧ୍ୟ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ତେଜ ଜାରି ରହିଛି। ଗତ କିଛିଦିନ ପରି ଆଜି ମଧ୍ୟ ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ଉତ୍ତମ ସହର ରହିଛି। ଏଠାରେ ➪ପୃଷ୍ଠା-୬

### 'ଜାତୀୟ ପଞ୍ଚାୟତିରାଜ ଦିବସ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

## ବଲାଙ୍ଗୀରକୁ ୫୮୦ କୋଟିର ପ୍ରକଳ୍ପ ଭେଟି



- ପ୍ରତିଷ୍ଠା ହେବ ଚିନି କଳ ଓ ଟେକ୍ସଟାଇଲ୍ ପାର୍କ
- ଲୋକଙ୍କ ସକ୍ରିୟ ଭାଗିଦାରୀ ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିବ
- ଅନ୍ତ୍ୟୋଦୟ ଗୃହ ଯୋଜନାରେ ଦିଆଗଲା ୫୦ ହଜାର କାର୍ଯ୍ୟାଦେଶ
- ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ମିଳିଲା ପ୍ରଥମ କିସ୍ତି

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଆଜି କେବଳ ଯୋଜନା କାର୍ଯ୍ୟକାରୀ କରିବା ଭିତରେ ନିଜକୁ ସୀମିତ ରଖିନାହାନ୍ତି, ବରଂ ସାମାଜିକ, ଅର୍ଥନୈତିକ, ମୌଳିକ ସେବା ଭିତ୍ତିଭୂମି, ମାନବ କଲ୍ୟାଣ ତଥା ପ୍ରାକୃତିକ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ' ପାଳନ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ପଞ୍ଚାୟତିରାଜ ଦିବସ କେବଳ ଏକ ସମାବେଶ ନୁହେଁ, ଏହା ଗ୍ରାମାଞ୍ଚଳ ସ୍ୱ-ଶାସନ ଓ ଲୋକତନ୍ତ୍ରର ମୌଳିକ ଶକ୍ତିକୁ ଜାଗରଣ କରିବାର ଦିବସ। ୭୩ତମ ସମ୍ବିଧାନ ସଂଶୋଧନର ୩ ଦଶକ ପରେ ପଞ୍ଚାୟତିରାଜ ବ୍ୟବସ୍ଥା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଲୋକଙ୍କ ସକ୍ରିୟ ଭାଗିଦାରୀ ଓ ଅଭିନବ ଚିନ୍ତାଧାରା ହିଁ ଏହି ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଗ୍ରାମାଞ୍ଚଳରେ ଜଳ, ଜମି, ଜଙ୍ଗଲର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ମହିଳା ସଶକ୍ତିକରଣ ପାଇଁ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ୩୦୪ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ୩୨୯ କୋଟି ଟଙ୍କାର ୨୬୮ଟି ପ୍ରକଳ୍ପର ଲୋକାର୍ପଣ ଓ ୨୫୨ କୋଟି ଟଙ୍କାର ୩୬ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏଥିରେ ଭୀମଭୋଇ ମେଡିକାଲ କଲେଜରେ ଏକ ନୂତନ ନର୍ସିଂ କଲେଜ ପାଇଁ ମଧ୍ୟ ଶିଳାନ୍ୟାସ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀରରେ ଚିନି କଳ ଓ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ହେବାକୁ ଯାଉଥିବା ଘୋଷଣା କରିଥିଲେ। ଏଥିସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଅଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ପ୍ରଥମ କିସ୍ତି ରାଶି ପ୍ରଦାନର ଶୁଭାରମ୍ଭ ହୋଇଛି।

ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ ଓ ଇ-ପଞ୍ଚାୟତ ସଭା ପୋର୍ଟାଲକୁ ମଧ୍ୟ ଉନ୍ମୋଚନ କରିଥିଲେ ମୁଖ୍ୟମନ୍ତ୍ରୀ। ଜାତୀୟ ପଞ୍ଚାୟତ ପୁରସ୍କାର ମାଧ୍ୟମରେ ପଞ୍ଚାୟତମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି ହୋଇଥିବା ସହ ଓଡ଼ିଶାର ଅନେକ ପଞ୍ଚାୟତ ଜାତୀୟ ସ୍ତରରେ ପ୍ରଶଂସା ଲାଭ କରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ଗରିବ ଓ ବଞ୍ଚିତ ପରିବାରମାନଙ୍କୁ ପକ୍କା ଘର ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ବାସଗୃହ ଓଡ଼ିଶାକୁ ମିଳିବାକୁ ଯାଉଛି। ଏହା ➪ପୃଷ୍ଠା-୬

### ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି

## ବାଚସ୍ପତିଙ୍କୁ ଭେଟିବ ବିଜେଡି

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): କ୍ରସ ଭୋଟିଂ ଓ ଦଳ ନିଷ୍ପତ୍ତି ବିରୋଧରେ କାର୍ଯ୍ୟ କରିଥିବାରୁ ୮ ନିଲମ୍ବିତ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରିବ ବିଜେଡି। ଆସନ୍ତା ୨୭ ତାରିଖରେ ବିଜେଡିର ବିଧାୟକମାନେ ବାଚସ୍ପତିଙ୍କୁ ଭେଟି ଦଳର ନିଷ୍ପତ୍ତି ବିରୋଧରେ ରାଜ୍ୟସଭାରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଭୋଟ ଦେଇଥିବାରୁ ଉକ୍ତ ୮ ଜଣ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଦାବି କରିବେ। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ଗତ ଜାନୁଆରୀ ୧୫ ତାରିଖରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କରିଥିଲେ। ପରେ ରାଜ୍ୟସଭାରେ ଦଳ ନିଷ୍ପତ୍ତିର ଅବମାନନା କରିଥିବା ଅଭିଯୋଗରେ ସୌଭିକ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ଯଶୁବାସିନୀ ଜେନା, ରମାକାନ୍ତ ଭୋଇ, ଚକ୍ରମଣି କହଁର ଓ ନବ ମଲ୍ଲିକଙ୍କ ସଭ୍ୟପଦ ରଦ୍ଦ ପାଇଁ ଦାବି କରିବ।

### ଜେଏସଡବ୍ଲ୍ୟୁ ଓ ଜାପାନର ଜେଏଫଇ ଷ୍ଟିଲ୍ ମଧ୍ୟରେ ଯୌଥ ଉଦ୍ୟମର ଶୁଭାରମ୍ଭ

## ଓଡ଼ିଶା ହେବ ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ହବ୍

- ପ୍ରାୟ ୧ ଲକ୍ଷ କୋଟିର ପୁଞ୍ଜିନିବେଶକୁ ସ୍ୱାଗତ
- ଓଡ଼ିଶା ଅର୍ଥନୀତି ପାଇଁ 'ଗେମ୍ ଚେଞ୍ଜର' ହେବ




ସମ୍ବଲପୁର,୨୪।୪(ସଂଚାର ବ୍ୟୁରୋ): ସମ୍ବଲପୁରଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା ଜେଏସଡବ୍ଲ୍ୟୁ ଓ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ଆଜି ଯୌଥ ଉଦ୍ୟମ ସ୍ଥାପନର ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଛି। 'ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ଲିମିଟେଡ'ର ଏହି ବିକାଶମୂଳକ ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ଓଡ଼ିଶା ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଓ ଲଜିଷ୍ଟିକ୍ ହବରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଐତିହାସିକ ସହଭାଗିତାକୁ ଶ୍ରୀ ପ୍ରଧାନ ସ୍ୱାଗତ କରିବାକୁ ଯାଇ କହିଛନ୍ତି ଯେ ଏହି ବୃହତ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ହେବ। ୧୯୫୨ରୁ ଭାରତ ଓ ଜାପାନ ମଧ୍ୟରେ ଥିବା ଦୃଢ଼ କୂଟନୈତିକ ସମ୍ପର୍କ ଆଗାମୀ ୨୦୨୭ରେ ୭୫ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ନିବେଶ ଉଭୟ ଦେଶର ସମ୍ପର୍କକୁ ଆହୁରି ମଜବୁତ କରିବ। ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ଗଭୀର ଆଧ୍ୟାତ୍ମିକ ସମ୍ପର୍କ ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ଜେଏଫଇ କମ୍ପାନୀ ପ୍ରଥମ ଥର ପାଇଁ ଜାପାନ ବାହାରକୁ ଆସି ଭାରତର ଜେଏସଡବ୍ଲ୍ୟୁ ସହ ମିଶି ଓଡ଼ିଶାରେ କାର୍ଯ୍ୟ କରୁଛି, ଯେଉଁଠାରେ ଉଭୟ କମ୍ପାନୀ ମିଳିତ ଭାବେ ➪ପୃଷ୍ଠା-୬

## ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

### ଗଣତନ୍ତ୍ରରେ ମହିଳାଙ୍କ ଭାଗିଦାରୀ ଏକମାତ୍ର ଏଜେଣ୍ଡା



ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ଆସନ୍ତା ୨୦୨୯ ନିର୍ବାଚନ ପୂର୍ବରୁ ଦେଶରେ ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସକାଶେ ସଂସଦରେ ଆସିଥିବା ସୀମା ପୁନଃନିର୍ଦ୍ଧାରଣ ବିଲ୍ କାଟ ଖାଇବା ପରେ ରାଜ୍ୟ ସରକାର ଆସନ୍ତା ୩୦ ତାରିଖରେ ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଭାଗିଦାରୀ ନେଇ ସ୍ୱତନ୍ତ୍ର ଭାବେ ଗୋଟିଏ ଦିନ ଆଲୋଚନା ହେବ। ସମ୍ବିଧାନର ଧାରା ୧୭୪ ଉପଧାରା ୧ ଆଧାରରେ ରାଜ୍ୟପାଳ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏହି ଅଧିବେଶନରେ ସବୁ ➪ପୃଷ୍ଠା-୬

## ସବ୍-ଇନ୍ସପେକ୍ଟରଙ୍କୁ କହିଲେ ଅତିରିକ୍ତ ଡିସିପି

### ଚନ୍ଦା ଏଡିସିପିଙ୍କ ଗନ୍ଦୀ ବାତ୍

### ହ୍ୱାଟ୍ସଆପରେ ବ୍ଲକ୍ କଲେ ଏସଆଇ

## 'ବେବି ତୁମେ ଭାରି ହଟ୍ ଲାଗୁଛ'



"ବେବି ୟୁ ଆର ଭେରି ବିୟୁଟିଫୁଲ। ଖାକି ବର୍ଦ୍ଦିରେ ଝାକାସ୍ ଦିଶୁଛ। ଫର୍ମାଲ ଡ୍ରେସ ବି ଗଜବ ଲାଗୁଛ। ଆଖିରେ କାଜଲ୍ ଲଗାଇ ଅଫିସ ଆସିଲେ, ଛାତି ଦୁଲୁକେଇ ଦଉଛ।" ଏସବୁ ପଢ଼ିଲେ ଆପଣଙ୍କୁ କୌଣସି ଆଲବମର ସଙ୍ଗୀତ କିମ୍ବା ଯାତ୍ରାର ସଂଳାପ ଭଳି ଲାଗିପାରେ। କିନ୍ତୁ ଆଜ୍ଞା ଏଭଳି ଡାଏଲଗ ମାରି ଏବେ ହରଡ଼ଘଣାରେ ପଡ଼ିଛନ୍ତି କମିଶନରେଟ ପୁଲିସର ଜଣେ ଅତିରିକ୍ତ ଡିସିପି। କେସ ଭେରିଫିକେସନ ପାଇଁ ଆସିଥିବା ଜଣେ ସବ୍-ଇନ୍ସପେକ୍ଟରଙ୍କୁ ଏଭଳି କହି ଏବେ ଅଡୁଆରେ ପଡ଼ିଛନ୍ତି ଜଣେ ଅତିରିକ୍ତ ଡିସିପି ବା ଏଡିସିପି। ବାବୁ ଜଣଙ୍କର ଏଭଳି ଗୁଣ ପାଇଁ ସେ ବେଶ୍ ପରିଚିତ। କିଛିଦିନ ତଳେ ଜଣେ ମହିଳା ଇନ୍ସପେକ୍ଟରଙ୍କ ସହ ଏହି ଏଡିସିପିଙ୍କ ଲୁଚାଛପା ପ୍ରେମ କାହାଣୀ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏବେ ପୁଣି ନୂଆ କାହାଣୀ। ଏଥର ସବ୍‌ଇନ୍ସପେକ୍ଟରଙ୍କ ପାଳି। କିଛିଦିନ ତଳେ ସବ୍-ଇନ୍ସପେକ୍ଟର ଜଣଙ୍କ ପେଣ୍ଡିଂ କେସ ସମ୍ପର୍କିତ ଡାକରା ପାଇ ଏହି ଚନ୍ଦା ଏଡିସିପିଙ୍କ ନିକଟକୁ ଯାଇଥିଲେ। ଉଦୁଉଦିଆ ଖରାବେଳେ ନିଜ ଚାମ୍ବରରେ ସବ୍-ଇନ୍ସପେକ୍ଟର ଜଣଙ୍କୁ ପ୍ରେମ ନିବେଦନ କରିଥିଲେ ବାବୁ। ପରୋକ୍ଷରେ ବାବୁ ସବୁ ସୀମା ସରହଦ ପାର୍ କରିଥିଲେ, ଯାହାକୁ ନେଇ ଉତ୍ୟକ୍ତ ହେଲେ ସୁଦ୍ଧା ଆଉ କିଛିଜଣ ସିନିୟରଙ୍କ ନିବେଦନ କ୍ରମେ ଚୁପ୍ ରହିଥିଲେ। କିନ୍ତୁ ଏସବୁ ଭିତରେ ସବ୍-ଇନ୍ସପେକ୍ଟର ଜଣଙ୍କ ଏହି ଚନ୍ଦା ଏଡିସିପିଙ୍କୁ ବ୍ଲକ୍ କରି ଦେଇଥିବା ଜଣାପଡ଼ିଛି। ଆଗକୁ ଆଉ ଥରେ ଏଭଳି କଲେ ସିଧା ସାହେବଙ୍କୁ କମ୍ପ୍ଲେନ୍ କରିବେ ବୋଲି ଖୋଲାଖୋଲି ଜଣାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମହିଳା ସବ୍ ଇନ୍ସପେକ୍ଟର ଜଣଙ୍କ କିଛିଦିନ ତଳେ ହାର୍ଡକୋରଙ୍କୁ ଧରି କମିଶନରେଟ ପୁଲିସ ପାଇଁ ସୁନାମ ଆଣିଥିଲେ।

## ବାଉଳା ହେଉଛି କି ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

- ପୁନର୍ଗଠିତ ହେଲା ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ
- ମାତ୍ର ୨ ଦିନରେ ଦୁଇ ଦୁଇଟି ବିଜ୍ଞପ୍ତି
- ପ୍ରଥମେ ମୁଖ୍ୟ ସଚିବ, ପରେ ବିଭାଗୀୟ ମନ୍ତ୍ରୀ



ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦୁଇ ଦିନରେ ଦୁଇଟି ବିଜ୍ଞପ୍ତି ଜାରି କରିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଭାଗ ବାଉଳା ହେଉଛି ନା ଅନ୍ୟ କିଛି ଉଦ୍ଦେଶ୍ୟ, ତାକୁ ନେଇ ପ୍ରଶ୍ନ ଉଠୁଛି। ରାଜ୍ୟ ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନରେ ହୋଇଥିବା ଦ୍ୱନ୍ଦ୍ୱ ପାଇଁ ଏବେ ସରକାର ଅଡୁଆରେ ପଡିଛନ୍ତି। ଗତ ୨୧ ତାରିଖରେ ରାଜ୍ୟ ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୁଖ୍ୟ ଶାସନ ସଚିବଙ୍କୁ ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ହଠାତ ପୂର୍ବ ନିର୍ଦ୍ଦେଶାନାମାକୁ ବାତିଲ କରି ଗତକାଲି ନୂଆ ବିଜ୍ଞପ୍ତି ଆସିଛି। ନୂଆ ବିଜ୍ଞପ୍ତିରେ ବୋର୍ଡର ଅଧ୍ୟକ୍ଷ ପଦରେ ପ୍ରମୁଖ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ମୁଖ୍ୟ ଶାସନ ସଚିବ ବୋର୍ଡର ଅଧ୍ୟକ୍ଷ ଥିବା ବେଳେ ବର୍ତ୍ତମାନ ଏସଏସ୍‌ଇପିଡି ବିଭାଗର ମନ୍ତ୍ରୀଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ତେବେ କାହିଁକି ମାତ୍ର ଦିନରେ ନିଷ୍ପତ୍ତି ବଦଳିଲା ତାକୁ ନେଇ ପ୍ରଶ୍ନ ଉଠିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଥମେ ଗତ ୨୧ ତାରିଖରେ ବୋର୍ଡ ଗଠନ ନେଇ ବିଜ୍ଞପ୍ତି ସଂଖ୍ୟା ୪୨୫୫ ପ୍ରକାଶ ପାଇଥିଲା। ଏହାର ଦୁଇ ଦିନ ପରେ ଅର୍ଥାତ ଏପ୍ରିଲ ୨୩ ତାରିଖରେ ବିଭାଗ ପକ୍ଷରୁ ଏହି ପୂର୍ବ ବିଜ୍ଞପ୍ତିକୁ ବାତିଲ କରିବା ପାଇଁ ଅନୁରୋଧ କରାଯାଇଥିଲା

ଏବଂ ସେହିଦିନ ହିଁ ବିଜ୍ଞପ୍ତି ସଂଖ୍ୟା ୪୪୦୭ ମାଧ୍ୟମରେ ନୂତନ ବୋର୍ଡ ଗଠନ କରାଯାଇଥିଲା। ନୂଆ ବିଜ୍ଞପ୍ତି ଅନୁସାରେ, ବୋର୍ଡର ଅଧ୍ୟକ୍ଷ ପଦରେ ପରିବର୍ତ୍ତନ କରାଯାଇଛି। କିନ୍ତୁ ଉପାଧ୍ୟକ୍ଷ, ସଦସ୍ୟ ➪ପୃଷ୍ଠା-୬

### ଚାଷୀଙ୍କ ପାଇଁ ସୁଖବର

## ସଅଳ ଆସିବ ମୌସୁମୀ

- ମେ'ରେ ଛୁଇଁବ ଆଣ୍ଡାମାନ-ନିକୋବର
- ଜୁନ୍ ସୁଦ୍ଧା କେରଳରେ ପ୍ରଥମ ବର୍ଷା



ନୂଆଦିଲ୍ଲୀ,୨୪।୪: ଦେଶବ୍ୟାପୀ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରତିଦିନ ବୃଦ୍ଧି ପାଉଥିବା ଉତ୍ତପ୍ତ ଗ୍ରୀଷ୍ମ ଲହରୀରେ ଲୋକମାନେ ତତଲା କଡ଼େଇରେ ଭାଜିହେବା ଭଳି ଅନୁଭବ କରୁଛନ୍ତି। ଦେଶର ବହୁ ସ୍ଥାନରେ ପାରଦ ୪୫ ଡିଗ୍ରୀ ଛୁଇଁବାକୁ ବସିଲାଣି। ଏପ୍ରିଲ ଶେଷ ହେବାକୁ ଆଉ ସପ୍ତାହେ ବାକିଥିବା ବେଳେ ଆଗାମୀ ଦିନରେ ଏହା ଆହୁରି ଅଧିକ ଛଟପଟ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଘନଘନ ସତର୍କ ସୂଚନା ଜାରି କରାଯାଉଛି। ଏଭଳି ସ୍ଥିତି ୟୁରୋପୀୟ ସେଣ୍ଟର ଫର ମିଡିୟମ୍ ରେଞ୍ଜ ୱେଦର ଫୋରକାଷ୍ଟ (ଇସିଏମଡବ୍ଲ୍ୟୁଏଫ୍) ଏପରି ଏକ ଅପଡେଟ୍ ଜାରି କରିଛି ଯାହା ଏପ୍ରିଲ ଖରାରେ ସିଝୁଥିବା ଉପମହାଦେଶର ଲୋକମାନଙ୍କ ପାଇଁ ଆଶ୍ୱସ୍ତି ଆଣିଦେବ ବୋଲି ଅନୁମାନ କରାଯାଉଛି। ଏଥିସହ ଦେଶର ଚାଷୀମାନଙ୍କ ପାଇଁ ଏହା ଏକ ସୁଖବର ବୋଲି କୁହାଯାଇପାରେ। ଇସିଏମଡବ୍ଲ୍ୟୁଏଫ୍ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ରିପୋର୍ଟରେ କୁହାଯାଇଛି ଯେ, ଚଳିତବର୍ଷ ➪ପୃଷ୍ଠା-୬



### କାନ ଡେରିଥା

ଖରା ଗୁଲୁଗୁଲି ରେକର୍ଡ ଭାଙ୍ଗୁଛି
କୋଲଡ ଆଇଟମ ଜାଲି
ଗରମ ବିକଲେ ଥଣ୍ଡା ପିଇପିଇ
ରାତିରେ ହୁଅନ୍ତି ଠେଲି
ପାଣି ପାଇଁ ବେଶୀ କଳି...
ବସୁଧା ପାଣି ତ କୋଉଠି ଆସୁନି
ଟ୍ୟାପ ଖେଳୁଛି ହୋଳି । !

■ ଦେବାଶିଷ

## ବିଜେଡିକୁ ଗୋଡ଼ାଇଲାଣି ବିଜୁ ଲିଗାସୀ ଭୂତ

- ମଞ୍ଚ ବିରୁଦ୍ଧରେ ବୟାନବାଜି ଆରମ୍ଭ
- ଶ୍ରାଦ୍ଧ ଦିବସ ପାଳନ ପାଇଁ ମୁହାଁମୁହିଁ



ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ବିଜେଡିକୁ ଏବେ ବିଜୁ ଲିଗାସୀ ଭୂତ ଗୋଡ଼ାଇବା ଆରମ୍ଭ କରିଛି। କିଛି କ୍ଷତି ହେବା ପୂର୍ବରୁ ବିଜେଡି ନେତାମାନେ ଏବେ ଲିଗାସୀ ନେତାଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି। ଜଣଙ୍କ ପରେ ଜଣେ ବିଜେଡି ନେତା ଲିଗାସୀ ନେତାଙ୍କୁ ଛିଗୁଲେଇବା ଆରମ୍ଭ କରିଦେଇଛନ୍ତି। ଓଡ଼ିଶା ନାଗରିକ ମଞ୍ଚ ନାଁରେ ଏକାଠି ହୋଇଥିବ ବିଜୁ ଲିଗାସୀମାନେ ଯଦିଓ କୌଣସି ରାଜନୈତିକ ଦଳ ଗଠନ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି, ସେମାନେ କିନ୍ତୁ ବିରୋଧୀ ଦଳ ହେଉ କି ସରକାରୀ ଦଳ ଉଭୟଙ୍କ ପାଇଁ ସତର୍କ ଘଣ୍ଟି ହେବେ ବୋଲି ଚେତାଇ ଦେଇଥିଲେ।

ଗୋଟେ ପଟେ ବିଜୁ ଲିଗାସୀ ଅନ୍ୟ ପଟେ ଓଡ଼ିଶା ଜନତା କଂଗ୍ରେସ, ଏହି ଦୁଇ ସଂଗଠନ ଏବେ ଦୁଇ ବିରୋଧୀ ଦଳ ତଣ୍ଟିରେ କଣ୍ଟା ଭଳି ଲାଖିଛି। ୨୦୨୯ ବେଳକୁ ଏହି ଦୁଇ ସଂଗଠନ ଯଦି ନିଜ ନିଜର ସଂଗଠନର କାୟା ବୃଦ୍ଧି କରନ୍ତି, ତେବେ ଉଭୟ ବିଜେଡି ଓ କଂଗ୍ରେସ ପାଇଁ କ୍ଷତି ହେବ ବୋଲି ଆକଳନ କରାଯାଉଛି। ତେଣୁ ଏବେଠୁ ସାଧାରଣରେ ଲିଗାସୀ ମଞ୍ଚ ବିରୋଧରେ ଜନମତ ସୃଷ୍ଟିରେ ଲାଗିଛି ବିଜେଡି। ବିଜୁ ଲିଗାସୀ ନେତାମାନଙ୍କ ଏକାଠି ହେବାକୁ ସପ୍ତାହେ ପୂରିଥିବା ବେଳେ ବିଜେଡି ଏବେ ଏମାନଙ୍କ ବିରୁଦ୍ଧରେ ବୟାନବାଜି ଆରମ୍ଭ କରିଦେଇଛି। ଦଳର ବରିଷ୍ଠ ନେତା ଡକ୍ଟର ଅରୁଣ ସାହୁ ସିଧାସଳଖ କହିଛନ୍ତି ଯେ ପଞ୍ଚାୟତିରାଜ ଦିବସରେ ବିଜୁଙ୍କ ଜନ୍ମଦିନ ପାଳନ ହେଉଥିବା ବେଳେ ରାଜ୍ୟ ସରକାର ଏହାକୁ ବାତିଲ କରିଦେଇଛନ୍ତି। ଏନେଇ ବିଜୁ ଲିଗାସୀମାନେ କାହିଁକି ପାଟି ଖୋଲୁନାହାନ୍ତି। ପ୍ରତିବର୍ଷ ମାର୍ଚ୍ଚ ୫ରେ ଓଡ଼ିଶା ସରକାର ବିଜୁଙ୍କ ଜନ୍ମଦିନ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରୁଥିବା ବେଳେ ରାଜ୍ୟ ସରକାର ଏବେ ଏପ୍ରିଲ୍ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରୁଛନ୍ତି। ଫଳରେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ତା'ର ଗୁରୁତ୍ୱ ହରାଇଛି।

ସେହିଭଳି ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜୁ ଲିଗାସୀଙ୍କର ରାଜଧାନୀରେ ଟିମ୍‌ଟିଏ ଦରକାର ଥିଲା। ତାହା ଗଠନ ହୋଇଯାଇଛି। ବିଜୟ ମହାପାତ୍ରଙ୍କୁ କଟାକ୍ଷ କରି ପ୍ରମିଳା କହିଛନ୍ତି ଯେ ବିଜେଡିରେ କାହାକୁ ଟିକଟ ଦିଆଯିବ କି ନ ଦିଆଯିବ, ତାହା ନବୀନ ନିଷ୍ପତ୍ତି କରିବେ। ବିଜୟ ମହାପାତ୍ର ଏହା ପଚାରିବାକୁ କିଏ ? ସିଏ କ'ଣ ବିଜେଡିରେ ଅଛନ୍ତି କି ?

ବିଜେଡିର ଦୁଇ ଦୁଇ ଜଣ ଆଗଧାଡ଼ିର ନେତାଙ୍କର ଏଭଳି ବିଜୁ ଲିଗାସୀ ବିରୋଧୀ ମଧ୍ୟ ସୂଚାଇ ଦେଉଛି ଯେ ➪ପୃଷ୍ଠା-୬

# ମହାକାଳପଡ଼ା ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ମହାକାଳପଡ଼ା,୨୪।୪(ସଂଚାର ବ୍ୟୁରୋ): ମହାକାଳପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ସଭାରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ଓ ସାଂସଦ ଙ୍କ ପ୍ରତିନିଧି ଜାନକୀ ପ୍ରଧାନ ସମ୍ମାନୀୟ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ଭାରପ୍ରାପ୍ତ ବିଡ଼ିଓ ରବି ନାରାୟଣ ଆଚାର୍ଯ୍ୟ ଓ ବିଏସଏସଓ ଦୀପକ ପରିଡା ଉପସ୍ଥିତ ଥିଲେ । ଡବଲ ଇଞ୍ଜିନ ସରକାରରେ ଆଗାମୀ ଦିନରେ କିଭଳି ପଞ୍ଚାୟତିରାଜ ବ୍ୟବସ୍ଥା ସୁବ୍ୟସ୍ଥିତ ହେବାକୁ ଯାଉଛି ସେ ନେଇ ମୁଖ୍ୟ ଅତିଥି ଅଭିଭାଷଣ ରଖିଥିଲେ । ସେହିପରି ଚଳିତ ସରକାରରେ ଆଉ କେହି ବାର୍ଦ୍ଧକ୍ୟ /ବିଧବା ଭତ୍ତା ଆବେଦନ କରି ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡିବ ନାହିଁ ସେନେଇ ମତ ରଖିଥିଲେ । ପରିଶେଷରେ ୨୫୪ ଜଣଙ୍କୁ ବାର୍ଦ୍ଧକ୍ୟ, ୧୭୦ଜଣ ଙ୍କୁ ବିଧବା /ଭିନ୍ନକ୍ଷମ/ସ୍ୱାମୀ ପରିତ୍ୟକ୍ତା ଭାବେ ସମୁଦାୟ ୪୨୪ଜଣ ଙ୍କୁ ଭତ୍ତା ଆବଣ୍ଟନ କରାଯାଇଛି । ଜାତୀୟ ପରିବାର ମଙ୍ଗଳ ଯୋଜନା ରେ ୩ଜଣ ହିତାଧିକାରୀଙ୍କୁ ୨୦, ୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି । ୩୯୮ଜଣ ହିତାଧିକାରଙ୍କୁ ନୂତନ ଭାବେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ସେହିପରି ଜଙ୍ଗଲ ଅଧିକାର ନିୟମ ଅଧୀନରେ ତହସିଲ ଅଧୀନ ୨୩ ଜଣ ଓ ବସୁନ୍ଧରା ଯୋଜନାରେ ୩ଜଣ ଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା । ଅନ୍ତୋଦୟ ଗୃହ ଯୋଜନାରେ ୨୦ଜଣ ହିତାଧିକାରୀଙ୍କୁ ନୂତନ କାର୍ଯ୍ୟାଦେଶ ପ୍ରଦାନ କରାଯିବା ସହିତ ୩ଜଣ ହିତାଧିକାରୀ ଙ୍କ ମଧ୍ୟରୁ ୨ଜଣଙ୍କୁ ୨୦୦୦୦ ଓ ଜଣକୁ ୧୦୦୦୦ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

# ଏସପି ଅଫିସ୍ ପାଖରେ ନିର୍ଧୂମ ମାଡ଼ମାରି ମୋବାଇଲ ଛଡାଇନେଲେ ଦୁର୍ବୃତ୍ତ



କେନ୍ଦ୍ରାପଡ଼ା,୨୪।୪(ସଂଚାର ବ୍ୟୁରୋ): ସଦର ଥାନା ଅଧୀନସ୍ଥ ଜଜାଙ୍ଗ ଏସପି ଅଫିସ ନିକଟରୁ ଏକ ବାଇକ୍ ଆରୋହୀ କୁ ଆକ୍ରମଣ କରି ଦୁଇଟି ଦାମୀ ମୋବାଇଲ ଛଡ଼ାଇ ନେଇଛନ୍ତି ଦୁର୍ବୃତ୍ତ । ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ ନିଜ କାର୍ଯ୍ୟ ସାରି ରାଜନଗର ମଙ୍ଗରାଜପୁର ଅଞ୍ଚଳର ବିଭୂତି ଚରଣ ରାଉତ ନିଜ ଘରକୁ ଫେରୁଥିବା ସମୟରେ ତାଙ୍କୁ କିଛି ଦୃର୍ବୃତ୍ତ ଦୁଇଟି ବୁଲେଟ ମୋଟର ସାଇକଲ ରେ ପିଛା କରି ଜଜାଙ୍ଗ ସ୍ଥିତ ଏସପି କାର୍ଯ୍ୟାଳୟ ପାଖରେ ଅଟକାଇ ଆକ୍ରମଣ କରିବା ସହ ତାଙ୍କ ପାଖରୁ ଦୁଇଟି ମୋବାଇଲ ଛଡ଼ାଇ ନେଇଛନ୍ତି । ପରେ ବିଭୂତି ୧୦୮ ସହାୟତାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାର ସୂଚନା ମିଳିଛି । ସୂଚନା ଥାଉ କି ବିଗତ ୨୫ ଦିନ ମଧ୍ୟରେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନରେ ବାରମ୍ବାର ଏହିଭଳି ଚୋରି, ଛିନତାଇ ସହ ଆକ୍ରମଣର ଘଟଣା ମାନ ବୃଦ୍ଧି ପାଇବା , ଏବଂ ଏହି ଆକ୍ରମଣ ଗୁଡ଼ିକ ବିଶେଷ କରି ଥାନା ପାଖା ପାଖି ଘଟୁଥିବାରୁ ଏହା ପୋଲିସ ପ୍ରଶାସନକୁ ଚ୍ୟାଲେଞ୍ଜ ସଦୃଶ ହୋଇଛି । ୨୫ ଦିନ ତଳେ ଦାନପୁର ଲକ୍ ନିକଟରୁ ଶ୍ୱଶୁର ବୋହୂକୁ ଭୁଜାଲିରେ ଆକ୍ରମଣ କରି ସୁନା ଚେନ ଛିଣ୍ଡାଇ ନେବା, ୮ ଦିନ ପରେ ସଦର ଥାନା ନିକଟରୁ ପାଖ ଅଂଚଳର ବ୍ୟକ୍ତିଙ୍କ ଠାରୁ ସୁନା ଚେନ ଛିଣ୍ଡାଇ ନେବା, ଗତକାଲି ଭରତ ପୁର ଅଂଚଳର ଏକ କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେବା ଏବଂ ଆଜି ସନ୍ଧ୍ୟା ସମୟରେ ପୋଲିସ ପ୍ରଶାସନିକ ବ୍ୟବସ୍ଥାର କେନ୍ଦ୍ର ଏସପି ଅଫିସ ନିକଟରୁ ଆକ୍ରମଣ କରିବା ସହିତ ଦାମୀ ମୋବାଇଲ ଛଡେଇ ନେଇଯିବା ଘଟଣା ଏବେ ସଦର ଥାନା ଅଞ୍ଚଳରେ ବେଶ୍ ଚର୍ଚ୍ଚା ସାଉଁଟି ଥିବା ଦେଖିବାକୁ ମିଳିଛି ।

# କୋଲକାତାରେ ଭୋଟ ସଚେତନତା କାର୍ଯ୍ୟକ୍ରମରେ କୋରେଇ ବିଧାୟକ ସାମିଲ୍




ଯାଜପୁର ରୋଡ଼,୨୪।୪(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟର କୋରେଇ ନିର୍ବାଚନ ମଣ୍ଡଳୀ ବିଧାୟକ ଆକାଶ ଦାସନାୟକ ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ବିଜୟ ଲାଗି ଏବେ ପ୍ରଚାର କରୁଛନ୍ତି। ଏଠାରେ ପ୍ରଥମ ଚରଣର ଭୋଟଦାନ ସରିଥିବା ବେଳେ ଦ୍ୱିତୀୟ ଚରଣରେ ଭୋଟ ଖୁବଶୀଘ୍ର ହେବକୁ ଯାଉଛି। ଏହି କ୍ରମରେ କୋଲକାତା, ଭବାନୀପୁର ଠାରେ ଗୁଜୁରାଟୀ ସମାଜ ପକ୍ଷରୁ ଅନୁଷ୍ଠିତ ମତଦାତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ଭାରତ ଭାରତୀ'ରେ ବରିଷ୍ଠ ଭାଜପା ନେତା ଶ୍ରୀ ଶୁଭେନ୍ଦୁ ଅଧିକାରୀ'ଙ୍କ ସହ କୋରେଇ ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକ ଯୋଗ ଦେଇ ବିଜେପି ନେତା ମାନଙ୍କୁ ଶକ୍ତି ପ୍ରଦାନ କରୁଛନ୍ତି। ଏହି ଅବସରରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସହ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

## କରାଣ୍ଡିଆ ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ଚଞ୍ଚକତା

# ଯୋଜନାରେ ନଥାଇ ୪ ପଥର ସ୍ପର୍ ନିର୍ମାଣ



କେନ୍ଦ୍ରାପଡ଼ା, ୨୪।୪ (ସଂଚାର ବ୍ୟୁରୋ): ଯୋଜନାରେ ଚଞ୍ଚକତା ଅଭିଯୋଗ । କୌଣସି ପ୍ଲାନିଂ ନଥାଇ ଠିକା ସଂସ୍ଥା ପ୍ରୀତିରେ ପଥର ସ୍ପର ନିର୍ମାଣ କରୁଛି ମହାନଦୀ ଉତ୍ତର ବିଭାଜନ-୧ । କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ଇନ୍ଦାଳ ପଞ୍ଚାୟତର ପୁରୁଷୋତ୍ତମପୁର ଠାରେ ହେଉଥିବା କରାଣ୍ଡିଆ ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ଏଭଳି ଚଞ୍ଚକତା ହେଉଥିବା ଅଭିଯୋଗ ହୋଇଛି ।

ପ୍ରଥମେ କାର୍ଯ୍ୟସ୍ଥଳରେ କେବଳ ପଥର ପ୍ୟାକିଂ ଓ ଲଞ୍ଚିଂ ପାଇଁ ଯୋଜନା ହୋଇ କାର୍ଯ୍ୟାଦେଶ ମିଳିଥିବା କଥା ନିଜେ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ମହାନ୍ତି ପ୍ରକାଶ କରିଥିଲେ। ସେହି କାର୍ଯ୍ୟସ୍ଥଳରେ ପ୍ରଥମେ ଦୁଇଟି ପଥର ସ୍ପର ନିର୍ମାଣ କାର୍ଯ୍ୟର ଖବର ପ୍ରସାରଣ ପରେ ସେଠାରେ ସ୍ପର କାର୍ଯ୍ୟ ବନ୍ଦ୍ କରାଯାଇଥିଲା ମାତ୍ର କିଛି ଦିନ ପରେ ଠିକା ସଂସ୍ଥା କିଛି ଲୋକଙ୍କୁ ନେଇ ସ୍ପର କରାଇବା ପାଇଁ ଦାବି କରିଥିଲେ। ଯୋଜନା ନଥାଇ ମଧ୍ୟ କାର୍ଯ୍ୟସ୍ଥଳରେ ୪ ଗୋଟି ପଥର ସ୍ପର କାର୍ଯ୍ୟ ନିର୍ମାଣ ଚାଲୁରହିଛି। ତେବେ ଏହି କାର୍ଯ୍ୟ ପାଇଁ ପୂର୍ବରୁ ଷଡଯନ୍ତ୍ର ହୋଇଥିଲା, ସଠିକ ତଦନ୍ତ ପାଇଁ ମହାନଦୀ ଉତ୍ତର ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ତଦନ୍ତ କରାଇବା ବଦଳରେ ଠିକା ସଂସ୍ଥାର ପକ୍ଷ ପାଳଟିଛନ୍ତି।

ଗତ ୧୫.୦୪.୨୬ରେ ଏହି କାର୍ଯ୍ୟରେ ହେଉଥିବା ଚଞ୍ଚକତା ବିରୁଦ୍ଧରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲା। ହେଲେ ଅତିରିକ୍ତ ଜିଲ୍ଲାପାଳଙ୍କ ଟେବୁଲ୍‌ରେ ଅଭିଯୋଗ ପତ୍ର ପଡ଼ିରହିଛି। ତେବେ ଦୁର୍ନୀତିକୁ ରୋକିବା ପାଇଁ ବିଭିନ୍ନ ଫୋରମ୍‌ରେ ଦାବି ଜଣାଇବା ସହ କାର୍ଯ୍ୟର ସଠିକ ତଦନ୍ତ କରାଇବା ପର୍ଯ୍ୟନ୍ତ ଚେଷ୍ଟା ଜାରୀ ରହିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ବିକାଶ ପରିଷଦ ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ଚୌଧୁରୀଙ୍କ ସହ ସୂଚନା ଅଧିକାର କର୍ମୀ ତଥା ଯୁବ ନେତା ଉମେଶ ପାଢ଼ୀ ପ୍ରକାଶ କରିଛନ୍ତି।

ତେବେ ଚଞ୍ଚକତା ଓ ଦୁର୍ନୀତିରେ ସାମିଲ ଥିବା ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ମହାନ୍ତି ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିଲମ୍ବନ ଦାବି ଉଠାଇଛି ସାମାଜିକ ସଂଗଠନ।

# ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

ଡେରାବିଶ, ୨୪।୪ (ସଂଚାର ବ୍ୟୁରୋ): ଡେରବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଟରାଚକଡ଼ା (ମଲିଆଙ୍ଗ) ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଦେବପ୍ରସାଦ ମହାନ୍ତିଙ୍କ ତିନିବଖରା ଘର ପୋଡ଼ି ଭସ୍ମିଭୂତ ହୋଇଯାଇଛି। ଶ୍ରୀ ମହାନ୍ତିଙ୍କ ଘର ଗତକାଲି ଛପର ହୋଇଥିବା ବେଳେ ଆଜି ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ହଠାତ୍ ଜଳି ଉଠିଥିଲା। ଦିନରେ ପ୍ରଚଣ୍ଡ ଗ୍ରୀଷ୍ମତାତି ଓ ନିଆଁର ତିବ୍ରତା ଫଳରେ ଘର ମଧ୍ୟରୁ କୌଣସି ସାମଗ୍ରୀ ଉଦ୍ଧାର ହୋଇପାରିନଥିଲା। ଫଳରେ ଶ୍ରୀ ମହାନ୍ତିଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ବର୍ଷକର ଆହାର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଡେରାବିଶ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# ସିସିଆରଟି ପ୍ରତିଭାବୃତ୍ତି ପାଇଲେ ଶିଳ୍ପୀ ସରୋଜ ପଣ୍ଡା



ପଟ୍ଟାମୁଣ୍ଡାଇ, ୨୪।୪ (ସଂଚାର ବ୍ୟୁରୋ): ଓଡ଼ିଶାର ସର୍ବବୃହତ ପଞ୍ଚ-କଳା-କେନ୍ଦ୍ର ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) ଶିଳ୍ପୀ ସରୋଜ କୁମାର ପଣ୍ଡା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ତବଲା ବାଦନରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ସମଗ୍ର ଓଡ଼ିଶାରୁ ଏକମାତ୍ର ତବଲା ଶିଳ୍ପୀ ଭାବରେ ଚଳିତ ବର୍ଷ ସିସିଆରଟି ବୃତ୍ତି ପାଇଥିବା ଶିଳ୍ପୀ ସରୋଜ କୁମାର ଅନୁଷ୍ଠାନର ସୁପ୍ରସିଦ୍ଧ ତବଲା ଗୁରୁ ପଣ୍ଡିତ ସମୀରଞ୍ଜନ ଦାସଙ୍କ ଶିକ୍ଷାଦାନ ଓ ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ମାର୍ଗଦର୍ଶନରେ ଏଭଳି ବିରଳ ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ବଡ଼ ମୂଳବସନ୍ତ ପଞ୍ଚାୟତ ନପଙ୍ଗ ନିବାସୀ ପିତା ଅଚ୍ୟୁତାନନ୍ଦ ପଣ୍ଡା ଏବଂ ମାତା ପ୍ରେମଲତା ପଣ୍ଡାଙ୍କ ସୁଯୋଗ୍ୟ ସନ୍ତାନ ଶ୍ରୀମାନ ସରୋଜ କୁମାର ଶୈଶବ କାଳରୁ ଅତି ଚମତ୍କାର ତବଲା ପରିବେଷଣର ଦକ୍ଷତା ରଖି ଆସିଛନ୍ତି। ଶାସ୍ତ୍ରୀୟ ତବଲା ବାଦନ କ୍ଷେତ୍ରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ "ତବଲା-ଶ୍ରୀ" ଓ ପ୍ରାଚୀନ କଳା କେନ୍ଦ୍ର(ଚଣ୍ଡିଗଡ)ରୁ "ତବଲା-ଭୂଷଣ" ଉପାଧିପ୍ରାପ୍ତ ଶ୍ରୀମାନ ସରୋଜ କୁମାର ଏବେ ଗୋଗୁଆ ପଞ୍ଚାୟତ ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ର।

ସମଗ୍ର ଓଡ଼ିଶାରୁ ଏକମାତ୍ର ତବଲା ଶିଳ୍ପୀ ଭାବରେ ଭାରତ ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି ପ୍ରତିଭା ବୃତ୍ତି ପାଇ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗର୍ବ ଆଣିଛି।

# ଭାବିନୀଙ୍କୁ କେବେ ମିଳିବ ଆବାସ ?

## ଭଙ୍ଗା ଦଦରା ଘରେ ୫ ପ୍ରାଣୀ



ମହାକାଳପଡ଼ା, ୨୪।୪ (ସଂଚାର ବ୍ୟୁରୋ): ଭଙ୍ଗା ଦଦରା ଚାଳ ଛପର ଘର ଉପରେ ପଡ଼ିଛି ଛିଣ୍ଡା ପାଲ। ଏମିତି ଅବସ୍ଥାରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି ପରିବାରର ୫ ପ୍ରାଣୀ। ପକ୍କାଘର ଖଣ୍ଡିଏ ପାଇଁ କେତେ କାହାକୁ ଗୁହାରି କରି ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ଜୟଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଜୟଚନ୍ଦ୍ରପୁର ଗ୍ରାମର ରଘୁନାଥ ସ୍ୱାଇଁ, ପତ୍ନୀ ଭାବିନୀ, ଦୁଇ ନାବାଳକ ପୁଅ ଓ ବୃଦ୍ଧ ବାପାଙ୍କୁ ନେଇ ଭଙ୍ଗା ଦଦରା ଚାଳ ଛପର ଘରେ ଜୀବନ କାଟୁଛନ୍ତି। ମୂଳ ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି ରଘୁନାଥ। ସ୍ୱଳ୍ପ ରୋଜଗାରରେ ୫ ପ୍ରାଣୀଙ୍କ ପେଟକୁ ଦାନା ନିଅଣ୍ଟ ହେଉଥିବା ବେଳେ ପକ୍କାଘର ଖଣ୍ଡିଏ ପାଇଁ ଅଣ୍ଟା ଭିଡିବା ସେମାନଙ୍କ ପାଇଁ କାଠିକର ପାଠ। ପକ୍କାଘର ଖଣ୍ଡିଏ ପାଇଁ କେତେ କାହାକୁ ଗୁହାରି କରିଛନ୍ତି ହେଲେ ଗରିବ ଲୋକ ବୋଲି ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାଁନ୍ତି। ଶେଷରେ ଭାଗ୍ୟକୁ ଆଦରି ସେହି ଚାଳ ଛପର ଘରେ ୫ ପ୍ରାଣୀ ଦିନ କାଟୁଛନ୍ତି।

ହେଲେ ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଆଜି ପର୍ଯ୍ୟନ୍ତ ଏ ପରିବାରକୁ ପକ୍କାଘର ଖଣ୍ଡିଏ ନମିଳିବା ପଛର କାରଣ କଣ? ପଞ୍ଚାୟତର ଜନପ୍ରତିନିଧି ମାନଙ୍କ ନଜର ଏ ପରିବାର ଉପରେ ପଡ଼ିନାହିଁ କି? ଆଶା କରୁଛୁ ଏ ଖବର ଦେଖିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ଭାବିନୀଙ୍କ ପରିବାରକୁ ତୁରନ୍ତ ପକ୍କାଘର ଖଣ୍ଡିଏ ଯୋଗାଇ ଦେବ।

# ଜାତୀୟ ପଞ୍ଚାୟତିରାଜ ଦିବସରେ ଜିଲ୍ଲାସ୍ତରୀୟ ଉତ୍ସବ



କେନ୍ଦ୍ରାପଡ଼ା,୨୪।୪(ସଂଚାର ବ୍ୟୁରୋ): ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଜିଲ୍ଲା ସ୍ତରୀୟ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ,କେନ୍ଦ୍ରାପଡା ଆନୁକୂଲ୍ୟରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର.ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥା ଯୋଗୁଁ ରାଜ୍ୟ ତଥା ଆମ ଜିଲ୍ଲାର କୃଷି,ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ବିଭିନ୍ନ ବିଭାଗରେ ବିକାଶ ଘଟିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରାରମ୍ଭରେ ସ୍ୱାଗତଭାଷଣ ପ୍ରଦାନ କରିବା ସହ ଜାତୀୟ ପାୟତରାଜ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ଉତ୍ସବରେ ଅନ୍ତୋଦ୍ୱୟ ଯୋଜନାର ୯ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଜିଲ୍ଲାପାଳ ବନ କରିବା ସହ କାର୍ଯ୍ୟାଦେଶ ପାଇବାର ୪ରୁ ୬ମାସ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୫ଜଣଙ୍କୁ ପ୍ରୋତ୍ସାହିତ ଅର୍ଥରାଶି ବାବଦକୁ ୨୦ହଜାର ଓ ୧୦ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ଏହାବ୍ୟତିତ ୬ଜଣଙ୍କୁ ବିଭିନ୍ନ ସ୍କିମ ବର୍ଗରେ ମଧୁବାବୁ ପେନସନ ଭଳି ପ୍ରଧାନ କରାଗଲା । ଉକ୍ତ ଉତ୍ସବରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଏବିଡିଓ ଅନିରୁଦ୍ଧ ବେହେରା, ଜନପ୍ରତିନିଧି, ଅନ୍ତୋଦ୍ୱୟ ଯୋଜନା ହିତାଧିକାରୀ ଓ ପାୟତ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ । କେନ୍ଦ୍ରାପଡାର ଅନ୍ୟ ୮ଗୋଟି ବ୍ଲକରେ ମଧ୍ୟ ଜାତୀୟ ପାୟତିରାଜ ଦିବସ ପାଳିତ ହୋଇଯାଇଛି । ବଲାଙ୍ଗିର ଠାରେ ଅନୁଷ୍ଠିତ ଜାତୀୟ ପାୟତିରାଜ ଦିବସର ରାଜ୍ୟସ୍ତରୀୟ ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସମୟରେ ଆଭାସୀ ମାଧ୍ୟମରେ ସାରା ଓଡିଶା ଯୋଡିହୋଇଥିଲା । ଏହି ଉତ୍ସବକୁ କେନ୍ଦ୍ରାପଡାରେ ମଧ୍ୟ ଆଭାସୀ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା ।

# ୭୫ ବର୍ଷ ହେଲା ସମାଧାନ ହୋଇପାରୁନି ଶରଣାର୍ଥୀଙ୍କ ସମସ୍ୟା



କେନ୍ଦ୍ରାପଡା,୨୪।୪(ସଂଚାର ବ୍ୟୁରୋ): ଦେଶ ବିଭାଜନ ପରେ ୧୯୫୦ ମସିହାରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ଶରଣାର୍ଥୀ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ୍ ଅନ୍ତର୍ଗତ ଖରିନାସୀ, ରାମନଗର ଓ ଜମ୍ବୁ ମୌଜାରେ ବସବାସ କରୁଛନ୍ତି । ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ସେ ସମୟରେ ଜମି ପଟ୍ଟା ପ୍ରଦାନ କରାଯାଇଥିବାବେଳେ ଆହୁରି ଅନେକ ଶରଣାର୍ଥୀ ମାନଙ୍କୁ ଜମି ପଟ୍ଟା ପ୍ରଦାନ କରାନଯାଇ ସେମାନଙ୍କର ସମସ୍ୟା ସମାଧାନ କରାଯାଉନାହିଁ । ଦୀର୍ଘ ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏମାନଙ୍କର ପିଲାଛୁଆ ଅନେକ ସମସ୍ୟାର ସମାଧାନ ହେଉଛନ୍ତି । ଏହି ଶରଣାର୍ଥୀମାନେ ନ୍ୟାୟ ପାଇଁ ଅନେକ ସଂଘର୍ଷ କରି ଚାଲିଛନ୍ତି । ଏନେଇ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ଚକ୍ରବ୍ୟୁହରେ ପଡି ଏମାନେ ନିଜର ମୌଳିକ ସମସ୍ୟାରୁ ବଂଚିତ ହେଉଛନ୍ତି । ଶରଣାର୍ଥୀଙ୍କ ତରଫରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓ ନେସନ୍ୟାଲ୍ ଗ୍ରୀନ୍ ଟ୍ରିବୁନାଲ୍ (ଏନ୍‌ଜିଟି) କଲିକତାରେ ମଧ୍ୟ ମାମଲା ଦାୟର୍ କରିଛନ୍ତି । ଗୁରୁବାର ଅର୍ଜୁନ ମଣ୍ଡଳ, ସମୀର ମିସ୍ତ୍ରୀ, ତୁଷାରକାନ୍ତି ସର୍ଦ୍ଦାର, ପଶୁପତି ଜେନା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଏମାନଙ୍କୁ ୧୯୫୯ ମସିହାରୁ ୧୯୬୬ ମସିହାରେ ହୋଇଥିବା ସେଟେଲ୍‌ମେର ବହି ମାଗୁଛନ୍ତି । ତେବେ ଏହି ବହି ୭ଦିନ ମଧ୍ୟରେ ତାଙ୍କୁ ଦିଆଯିବ ବୋଲି ଆଲୋଚନା କରିଥିବା ଶରଣାର୍ଥୀମାନେ ତାଙ୍କୁ କହିଛନ୍ତି । ବହି ପାଇବା ପରେ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଆଲୋଚନାକାରୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ମାର୍ଶାଘାଇ, ୨୪।୪(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଂଚାୟତିରାଜ ଦିବସ ପାଳନ ଅବସରରେ ବ୍ଲକସ୍ତରୀୟ ସମାରୋହରେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସାଂସଦଙ୍କ ପ୍ରତିନିଧି ପ୍ରଜେଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ । ମାର୍ଶାଘାଇ ବିଡିଓ ପଞ୍ଚାନନ ମଲିକ ସମାରୋହକୁ ପରିଚାଳନା କରିଥିଲେ । ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ବିଜେପି କୃଷକମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ନାରୀନେତ୍ରୀ ପ୍ରତିମା ନାୟକ,ନିଗମ ପ୍ରସାଦ ରଥ,ମଣ୍ଡଳ ସଭାପତି ରଶ୍ମିରଂଜନ ରାଉତରାୟ, ସମ୍ପାଦକ ପ୍ରଦୀପ ବେହେରା, ପ୍ରତାପ କୁମାର ଦାସ ,ଉମେଶ ସାହୁ, ଚିତ୍ତରଞ୍ଜନ ଚୌଧୁରୀ,ବିଶ୍ୱରଂଜନ ପରିଡା, ବଳଭଦ୍ର ଦାସ, ଜ୍ଞାନରଞ୍ଜନ ବସନ୍ତିଆ, ଯଶୋବନ୍ତ ରାଉତ, ହେମନ୍ତ ସିଂ, ରମାକାନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକ ଜିପିଡିଓ ସୋନାଲି ବେଉରା , ବିଏସଏସଓ ସୌମ୍ୟରଞ୍ଜନ ମଲିକ, ମନୋରଞ୍ଜନ ପତି, ଦୀପକ ସୂତାର, ଅମରେନ୍ଦ୍ର ଦାସ, ଅକ୍ଷୟ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନାର ୨୮୩ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ଏବଂ ଭତ୍ତା ଯୋଜନାର ୬୫ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଏବିଡ଼ିଓ ଇତିଶ୍ରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ହନୁମାନଜୀୟୁଙ୍କ ବାର୍ଷିକ ଯଜ୍ଞ ଉତ୍ସବ



ଡେରାବିଶ,୨୪।୪(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ଗ୍ରାମର ଇଷ୍ଟଦେବ ଶ୍ରୀ କୁଞ୍ଜବିହାରୀଙ୍କ କଦଳୀପଟୁକା ମଠ ପରିସରରେ ହନୁମାନଜୀଉଙ୍କ ତୃତୀୟବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅଙ୍କୁରାରୋପଣ ଓ ଯଜ୍ଞର ଶୁଭାଧିବାସ ହୋଇଥିବା ବେଳେ ମଙ୍ଗଳବାର କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ଗୁରୁପୂଜା, ସୂର୍ଯ୍ୟପୂଜା ଓ ଗୋପୂଜା କରାଯାଇ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। ମଠର ମହନ୍ତ ମହମୋହନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯଜ୍ଞରେ କର୍ତ୍ତା ଓ କର୍ତ୍ତୀଭାବରେ ବୈଷ୍ଣବ ସାମଲ ଓ ସୀତା ସାମଲ ଦାୟିତ୍ୱ ନିର୍ବାହ କରିଥିଲେ।

# ସରକାରୀ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ବଣ୍ଟି ମୁଣ୍ଡିଆ



ଯାଜପୁର ରୋଡ଼, ୨୪।୪ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ୨୫ ୱାର୍ଡର ଟିଣାହାଟିଂ ବସ୍ତିର ବସବାସ କରୁଥିବା ବଣ୍ଟି ମୁଣ୍ଡିଆ ପରିବାର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଂଚିତ ରହିଛନ୍ତି। ପରିବାରର ବିଧବା ମାଆ ସହିତ ବଣ୍ଟି ମୁଣ୍ଡିଆ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି। ଏପରି ଅବହେଳିତ ଅବସ୍ଥାରେ ଗତି କରୁଥିବା ପରିବାର ପାଖରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ପହଂଚି ନଥିବା ବେଳେ ସମାଜସେବୀ ରାଜେଶ୍ କୁମାର ରାଉତ ଓ ତାଙ୍କ ସାଥି ପ୍ରକାଶ ଜେନା, ମନୋଜ ଦାସ, ମହେଶ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ତାଙ୍କ ପରିବାର ପାଖରେ ପହଂଚିଥିଲେ।

ଏହି ବସ୍ତିରେ ରହୁଥିବା ଲୋକଙ୍କ ସହ ବଣ୍ଟିଙ୍କ ପରିବାର ଚଳାଚଳ ବିଷୟରେ ଆଲୋଚନା କରିଥିଲେ। ଏହି ନିରାଶ୍ରୟ ପରିବାରର ଦୁଃଖ ଓ ସମସ୍ୟା ବିଷୟରେ ବିଧବା ମାଆ ସମାଜସେବୀ ରାଜେଶ୍ ରାଉତଙ୍କୁ ଜଣାଇଥିଲେ। ମାଆ କାନ୍ଦି କାନ୍ଦି କହିଥିଲେ ଯେ ୨୦୨୦ କରୋନା ମହାମାରୀ ସମୟରେ ଆଜକୁ ୬ ବର୍ଷ ତଳେ କ୍ୟାନ୍ସର ରୋଗରେ ପୀଡିତ ହୋଇ ଗୋଟିଏ ଗୋଡ ହରାଇ ଥିବା ବଣ୍ଟି ଆଜି ପର୍ଯ୍ୟନ୍ତ ସରକାରୀ ସୁବିଧାରୁ ବଂଚିତ। ଏଇ ୬ ବର୍ଷ ଭିତରେ ବଣ୍ଟି ବାପାଙ୍କର ଦେହାନ୍ତ ହୋଇଯାଇଛି । କିନ୍ତୁ ତାଙ୍କ ମାଆଙ୍କୁ ବିଧବା ଭତ୍ତାଟିଏ ମିଳୁ ପାରୁନି, ରାସନ କାର୍ଡରେ ତାଙ୍କ ପୁଅର ନାମ ଯୋଡ଼ି ହେଇ ପାରୁନି, ବଣ୍ଟି ମୁଣ୍ଡିଆ ଗୋଟେ ଗୋଡ ହରାଇବା ପରେ ଏତେ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଭତ୍ତା ବି ମିଳୁନାହିଁ, ୨୦୨୦ରେ ମିଳିଥିବା ରାସନ କାର୍ଡରେ ଆଉ ରାସନ ମିଳୁନାହିଁ, ତିନି ଚକିଆ ଗାଡି ଭାଙ୍ଗି ଯାଇଛି।

ଏଭଳି କଥା ସମାଜସେବୀ ମାନେ ଜାଣି ବାକୁ ପାଇଥିଲେ। ତେଣୁ ତାଙ୍କୁ ତିନି ଚକିଆ ଗାଡ଼ିଟିଏ ମଳିବା ସହିତ, ସରକାରଙ୍କ ଜନହିତକର ମୌଳିକ ସୁବିଧା ଶିଘ୍ର ଯୋଗାଇ ଦେବାକୁ ସମାଜସେବୀ ରାଜେଶ୍ କୁମାର ରାଉତ ଓ କ୍ଲବ୍ ଦି ୟୁଥମାସର ସମସ୍ତ ସଦସ୍ୟମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେବେ ବୋଲି କହିଛନ୍ତି।



# ୧୩ ନଂ କେନାଲର ଶାଖା ନାଳ ବନ୍ଧ ପିଚୁ କରିବାକୁ ଦାବି

ଡେରାବିଶ, ୨୪।୪(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଠାରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ଶାଖା ୧୩ ନଂ କୋନାଲ୍‌ରୁ ବାହାରିଥିବା ଶାଖା ନାଳଟି ଦାନପୁର ଠାରୁ ରଜାଙ୍ଗ ପର୍ଯ୍ୟନ୍ତ ଯାଇଛି। ଏହି ନାଳ ବନ୍ଧର ବାମପାର୍ଶ୍ୱ ବନ୍ଧଟି କେଶରପୁର ଠାରୁ ରଜାଙ୍ଗ ପର୍ଯ୍ୟନ୍ତ ଦୀର୍ଘ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏବେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା କାରଣରୁ ଯାତାୟତ ପାଇଁ ସମସ୍ୟା ଉପୁଜିଛି। ଏହି ବନ୍ଧ ଦେଇ ରଜାଙ୍ଗ ଗ୍ରାମର ଜନସାଧାରଣଙ୍କ ସମେତ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ ଆଦିକୁ ଯିବା ପାଇଁ ଲୋକମାନେ ବ୍ୟବହାର କରିଥାନ୍ତି। ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯେ, ଗାଡ଼ିମୋଟର ଯିବାତ ଦୂରର କଥା ପଥଚାରୀଙ୍କ ପାଇଁ ମଧ୍ୟ ଅନୁପଯୋଗୀ ହୋଇପଡ଼ିଛି। ଯେଉଁଥିପାଇଁ ଅନେକ ସମୟରେ ଛୋଟଛୋଟ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତାଟିକୁ ନିର୍ମାଣ କରାଯାଇ ପିଚୁ ରାସ୍ତା କରିବା ପାଇଁ ରଜାଙ୍ଗର ୱାର୍ଡ଼ସଭ୍ୟ ପ୍ରକାଶ କୁମାର ଘଡ଼େଇ ଦାବି କରିଛନ୍ତି।

କୋଣାର୍କ ମନ୍ଦିରରେ ଚାଲିଛି ଟନେଲ ନିର୍ମାଣ କାର୍ଯ୍ୟ

# ପଶ୍ଚିମ ପଟ ଖନନ କାର୍ଯ୍ୟ ଶେଷ



**କୋଣାର୍କ,୨୪।୪(ସଂଚାର ବ୍ୟୁରୋ):** କୋଣାର୍କ ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ତତ୍ପରତା ପ୍ରକାଶ କରିଛି। ଗତ ଅକ୍ଷୟ ତୃତୀୟାଠାରୁ ଗର୍ଭଗୃହକୁ ଟନେଲ ନିର୍ମାଣ ପାଇଁ ଖନନ ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୪ ଜଣ କୁଶଳୀ କାରିଗରଙ୍କ ଦ୍ୱାରା କୌଣସି ଯନ୍ତ୍ରାଂଶ ବ୍ୟବହାର ନ କରି ହାତ ହତିଆରରେ ଖନନ କରାଯାଉଛି।

ଚତୁର୍ଥ ଦିନ ଶେଷ ସୁଦ୍ଧା ୨ ଫୁଟ ଚଉଡ଼ା ଓ ୪ ଫୁଟ ଲମ୍ବରେ ଖନନ କାର୍ଯ୍ୟ ଶେଷ ହୋଇଛି। ଏହି କାର୍ଯ୍ୟକୁ ସ୍ୱତନ୍ତ୍ର ମନିଟରିଂ ଟିମ ଅନୁଧ୍ୟାନ କରୁଛି। ଇଂରେଜମାନେ ମନ୍ଦିରର ପଶ୍ଚିମରେ ତଳୁ ୮୦ ଫୁଟ ଉପରେ ଥିବା ପ୍ରଥମ ସୋପାନର ଉପରି ଭାଗରେ ଏକ ଟନେଲ କରି ବାଲି ଭର୍ତ୍ତି କରିବା ପରେ ଏହି ସ୍ଥାନକୁ ପଥର କାନ୍ଥ ଦେଇ ବନ୍ଦ କରିଦେଇଥିଲେ।

ତେବେ ଏହି ସ୍ଥାନରେ ପଥରର ସ୍ଥିତି ଯାଞ୍ଚ ସହ ଆଉ ଦୁଇଟି କୋର ଡ୍ରିଲ ହେବା ପରେ ମାଡ୍ରାସ ଆଇଆଇଟି ଦ୍ୱାରା ମନ୍ଦିର ଗର୍ଭଗୃହରେ ଥିବା ବାଲିର ସ୍ଥିତି ଯାଞ୍ଚ କରାଯାଇଛି। ବାଲି କାଢ଼ିଲେ ମନ୍ଦିର ପ୍ରତି କୌଣସି ବିପଦ ନ ଥିବା ରିପୋର୍ଟରୁ ସ୍ପଷ୍ଟ ହେବା ପରେ ପ୍ରତ୍ନତତ୍ତ୍ୱ ବିଭାଗ ଟନେଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ମନ୍ଦିର ଗର୍ଭଗୃହର ସୁରକ୍ଷା ପାଇଁ ସୁରକ୍ଷିତ ବାଲି କଢ଼ାଯିବା ନିଷ୍ପତ୍ତିକୁ ବୁଦ୍ଧିଜୀବୀ ଓ ଭୂତତ୍ତ୍ୱବିତ୍‌ମାନେ ସ୍ୱାଗତ କରିଛନ୍ତି।

ରାଜସ୍ୱ ପର୍ଷଦ ଅନ୍ତର୍ଗତ ସମସ୍ତ ରିଭିଜନାଲ କୋର୍ଟର କାର୍ଯ୍ୟ ସମୀକ୍ଷା

# ୭୬ହଜାର ବିଚାରାଧୀନ ମାମଲାର ତ୍ୱରିତ ଶୁଣାଣି ନିର୍ଦ୍ଦେଶ

- ଶ୍ରୀ ଜଗନ୍ନାଥ, ଲିଙ୍ଗରାଜଙ୍କ ଜମିଜମା ସମସ୍ୟାର ଶୁଣାଣିକୁ ପ୍ରାଥମିକତା
- ନିୟମିତ ସପ୍ତାହକୁ ୩ ଦିନ କୋର୍ଟ କରିବାକୁ ପ୍ରିଜାଇଡିଂ ଅଫସରଙ୍କୁ ନିର୍ଦ୍ଦେଶ



**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ୪୧ଟି ରିଭିଜନାଲ୍ କୋର୍ଟର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ସମୀକ୍ଷା ବୈଠକ ସମସ୍ତ ପ୍ରିଜାଇଡିଂ ଅଫିସରଙ୍କ ସହ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କଟକ ଓ ଭୁବନେଶ୍ୱରରେ ଥିବା କୋର୍ଟଗୁଡ଼ିକର ପ୍ରିଜାଇଡିଂ ଅଫିସରମାନେ ଯୋଗ ଦେଇଥିଲେ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ, ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ଲିଙ୍ଗରାଜ ମହାପ୍ରଭୁ ପ୍ରଶାସନର ରାଜସ୍ୱ ଅଧିକାରୀ, ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଅତିରିକ୍ତ କମିଶନରମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ସାଧାରଣ ଜନତାଙ୍କୁ ଜମିଜମା ସମ୍ବନ୍ଧୀୟ କେସ୍‌ଗୁଡ଼ିକରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ ପାଇଁ ଶ୍ରୀ ସାହୁ ଗୁରୁତ୍ୱାରୋପ କରିବା ସହ କୋର୍ଟଗୁଡ଼ିକର ସୁପରିଚାଳନାର ସୁବିସ୍ତୃତ ସମୀକ୍ଷା କରିଛନ୍ତି। ଉପବିଭାଗ ତଥା ତହସିଲ, ବନ୍ଦୋବସ୍ତ ଇତ୍ୟାଦି କାର୍ଯ୍ୟାଳୟମାନଙ୍କୁ ମଗାଯାଉଥିବା ପାରାୱାଇଜ୍ ରିପୋର୍ଟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭାବେ ଯଥାଶୀଘ୍ର ରିଭିଜନ କୋର୍ଟଗୁଡ଼ିକରେ ଉପସ୍ଥାପନା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଅତିକମ୍‌ରେ ସପ୍ତାହରେ ୩ ଦିନ ରିଭିଜନ୍ କୋର୍ଟ କରିବା ପାଇଁ ସମସ୍ତ ପ୍ରିଜାଇଡିଂ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିଭିଜନ୍ କୋର୍ଟର ପ୍ରିଜାଇଡିଂ ଅଫିସରମାନଙ୍କୁ ତାଙ୍କ କୋର୍ଟରେ ପଡ଼ିରହିଥିବା କେସ୍‌ଗୁଡ଼ିକୁ ନ୍ୟାୟିକ ଭିତ୍ତିରେ ଶୀଘ୍ର ଫଇସଲା କରିବା ପାଇଁ ରାଜସ୍ୱ ପର୍ଷଦ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଜନତା କିପରି ଉପକୃତ ହୋଇପାରିବେ, ସେଥିପାଇଁ ରିଭିଜନ୍ କୋର୍ଟରେ ସଂସ୍ଥାପିତ ପ୍ରଯୁକ୍ତିବିଦ୍ୟା ଯଥା ସିସିଏମ୍‌ଏସ୍ ୨.୦ ର ସଦୁପଯୋଗ କରି ପ୍ରତ୍ୟହ କୋର୍ଟରେ ହେଉଥିବା କଜ୍ ଲିଷ୍ଟ, ମଧ୍ୟବର୍ତ୍ତୀ ଅର୍ଡର, ଫାଇନାଲ୍ ଅର୍ଡର ଇତ୍ୟାଦିକୁ ଅପଡେଟ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କୌଣସି କେସ୍‌ରେ ସର୍ବାଧିକ ୩ ଥରରୁ ଅଧିକ ଥର ଅର୍ଜିଦାତା ଅନୁପସ୍ଥିତ ରହିଲେ କେସ୍‌ଟି ଖାରଜ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ସାଧାରଣ ଲୋକଙ୍କୁ କିପରି ନ୍ୟାୟ ମିଳିବ, ଜମି ଦୁର୍ନୀତିକୁ କିପରି ରୋକାଯାଇପାରିବ ଏବଂ ସରକାରୀ ଜମିର ସୁରକ୍ଷା ନିମନ୍ତେ କଡାକଡି ଆଦେଶ ଦିଆଯାଇଛି।

## ଖରିଆର ଅତିରିକ୍ତ ତହସିଲଦାର ନିଲମ୍ବିତ

ଓଆରଏସ୍ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖରିଆର ଅତିରିକ୍ତ ତହସିଲଦାର୍ ତଥା ଓଡ଼ିଶା ରାଜସ୍ୱ ସେବା ଅଧିକାରୀ (ଓଆରଏସ୍) ଭୂପିନ୍ଦର ସିଂହଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶା ସରକାର ତାଙ୍କୁ ନିଲମ୍ବନ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଓଡ଼ିଶା ସିଭିଲ ସର୍ଭିସର ଶ୍ରେଣୀ ବିଭାଗ, ନିୟନ୍ତ୍ରଣ ଓ ଅପିଲ୍ (ସିସିଆଣ୍ଡ୍‌ଏ) ନିୟମାବଳୀ, ୧୯୬୨ ଅନୁସାରେ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ଶ୍ରୀ ସିଂହଙ୍କର ମୁଖ୍ୟାଳୟ ରେଭେନ୍ୟୁ ଡିଭିଜନାଲ କମିଶନର, ସମ୍ବଲପୁର କାର୍ଯ୍ୟାଳୟରେ ନିର୍ଦ୍ଧାରିତ ହୋଇଛି ଓ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି କୁହାଯାଇଛି। ଏଥିସହ ନିଲମ୍ବନ ସମୟରେ ସେ ଓଡ଼ିଶା ସର୍ଭିସ କୋଡ୍ ଅନୁଯାୟୀ କେବଳ ଜୀବନ ନିର୍ବାହ ଭତ୍ତା (ସବସିଷ୍ଟେନ୍ସ୍ ଆଲାଉନ୍ସ୍) ପାଇବେ।




## ଏସୟୁସିଆଇର ୭୯ତମ ପ୍ରତିଷ୍ଠା ଦିବସ

**କଟକ,୨୪।୪(ସଂଚାର ବ୍ୟୁରୋ):** ଏସୟୁସିଆଇ ( କମ୍ୟୁନିଷ୍ଟ) ପାର୍ଟିର ୭୯ ତମ ପ୍ରତିଷ୍ଠା ଦିବସ ଆଜି କଟକ ଶହୀଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ କର୍ମୀ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ତଥା ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶମ୍ଭୁନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦଳର କେନ୍ଦ୍ରୀୟ କମିଟି ସଦସ୍ୟ ଦ୍ୱାରିକାନାଥ ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପାର୍ଟି ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

## କଟକ ସଦର ବ୍ଲକ୍ କଂଗ୍ରେସର ପ୍ରସ୍ତୁତି ବୈଠକ

**କଟକ,୨୪।୪(ସଂଚାର ବ୍ୟୁରୋ):** ଢିଙ୍କିଆ ବିସ୍ଥାପିତଙ୍କୁ ନ୍ୟାୟ ଦେବା ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ଢିଙ୍କିଆଠାରୁ ବାହାରିଥିବା କଂଗ୍ରେସ ପଦଯାତ୍ରା ଆସନ୍ତା ୧ ଓ ୨ରେ କଟକ ଜିଲ୍ଲାରେ ପହଞ୍ଚିବ। କଟକ ସଦର ବ୍ଲକ୍ କଂଗ୍ରେସ ପକ୍ଷରୁ ପଦଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ କଟକ ସଦର ଅଞ୍ଚଳରୁ କିପରି ଅଧିକରୁ ଅଧିକ କଂଗ୍ରେସ କର୍ମୀ ଓ ସାଧାରଣ ଲୋକ ଉକ୍ତ ପଦଯାତ୍ରାରେ ସାମିଲ ହେବେ ସେଥିସକାଶେ କଟକ ସଦର ବ୍ଲକ୍ କଂଗ୍ରେସ ପକ୍ଷରୁ ସଭାପତି ସୀତାକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଆଜି ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, କଟକ ନଗର (ଜିଲ୍ଲା) କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ ନେତା ଦୁର୍ଗା ଶଙ୍କର ଦାସ, ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ ଓ ରାଜେଶ ସ୍ୱାଇଁ, ପିସିସି ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନର ସାଧାରଣ ସମ୍ପାଦକ ନିରଞ୍ଜନ ଲେଙ୍କା, ଜିଲ୍ଲା ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ମଧୁସୂଦନ ସେନାପତି, ଆଲୋକ ଜେନା, ସ୍ମୃତିରଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ସଦର ବ୍ଲକ୍ କଂଗ୍ରେସରେ ଅଧିକ ମହିଳା , ଯୁବକ ଓ ଛାତ୍ରଙ୍କୁ ସାମିଲ କରି ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ନେଇ ବ୍ଲକ୍ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଚାଲିଗଲେ ଆଚାର୍ଯ୍ୟ ଭାବାନନ୍ଦ



**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ପ୍ରଖ୍ୟାତ ଗାନ୍ଧୀବାଦୀ ଲେଖକ, ଚିନ୍ତକ ଓ ବୁଦ୍ଧିଜୀବୀ ଆଚାର୍ଯ୍ୟ ଭାବାନନ୍ଦ ଆଜି ୯୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଆମେରିକାରେ ଅଧ୍ୟାପନା ଚାକିରି ଛାଡ଼ି ଅଧ୍ୟୟନ ଓ ସୃଜନ କର୍ମରେ ଧ୍ୟାନସ୍ଥ ହୋଇଥିଲେ ଶ୍ରୀ ଭାବାନନ୍ଦ। ଏଥିସହ ସେ ଦୈନିକ 'ପ୍ରଗତିବାଦୀ'ରେ ସେ ନିୟମିତ ସ୍ତମ୍ଭ ଲେଖୁଥିଲେ ଓ ତା' ଆମ ପରି ଅନେକ ସମାଜମନସ୍କ ଯୁବକଯୁବତୀଙ୍କୁ ପ୍ରଭାବିତ କରୁଥିଲା। ସେ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଓ ୨୦୧୯ ବିଶ୍ୱ କବି ସମ୍ମିଳନୀରେ ଗାନ୍ଧି ସାହିତ୍ୟ ସମ୍ମାନ ଲାଭ କରିଥିଲେ।

## ବିଡିଏ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର, ୨୪।୪ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କେୟାର ହସ୍ପିଟାଲ୍ସର ମିଳିତ ସହଯୋଗରେ ଶୁକ୍ରବାର ବିଡିଏ କାର୍ଯ୍ୟାଳୟରେ କର୍ମଚାରୀଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ରକ୍ତଚାପ ମାପ, ର୍‍ୟାଣ୍ଡମ୍ ବ୍ଲଡ ସୁଗର ପରୀକ୍ଷା, ଇସିଜି ପରୀକ୍ଷା ଓ ଆଖି ପରୀକ୍ଷା ସମେତ ବିଭିନ୍ନ ମୌଳିକ ସ୍ୱାସ୍ଥ୍ୟ ଯାଞ୍ଚ ସେବା ପ୍ରଦାନ କରାଯାଇଥିଲା। ନିଦାନ ସେବା ସହ ଡାକ୍ତରଙ୍କ ଏକ ଟିମ୍ କର୍ମଚାରୀଙ୍କୁ ମାଗଣା ମେଡିକାଲ୍ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଥିଲେ ଯେ କର୍ମଚାରୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଏହି ସ୍ୱାସ୍ଥ୍ୟ ଶିବିର ଏକ ଅଂଶ ଓ ଭବିଷ୍ୟତରେ କର୍ମଚାରୀମାନେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ କେୟାର ହସ୍ପିଟାଲ୍ସର ଡାକ୍ତରୀ ଟିମ୍‌ରେ ଡା. ବିକ୍ରମ କେଶରୀ ମହାପାତ୍ର (ହୃଦ୍‌ରୋଗ ବିଶେଷଜ୍ଞ), ଡା. ଦିଲ୍ଲୀପ ମହାନ୍ତି (ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ) ଓ ଡା. ଆଦ୍ୟାଶା ନନ୍ଦ (ମେଡିସିନ୍), ମାର୍କେଟିଂ ମୁଖ୍ୟ ଡା. ଲୋକନାଥ ଦାଶ ଉପସ୍ଥିତ ଥିଲେ। ଅତିରିକ୍ତ କମିଶନର (ପ୍ରଶାସନ) ସ୍ନିଗ୍ଧାରାଣୀ ଧଳଙ୍କ ନେତୃତ୍ୱରେ ଶିବିରଟି ପରିଚାଳିତ ହୋଇଥିବା ବେଳେ ବିଡିଏର ବହୁ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

- ଯୁବତୀଙ୍କ ସହ ଅଶ୍ଳୀଳ ଭିଡିଓ ପଡ଼ିଲା ମହଙ୍ଗା

## ଦଇତାପତି ସେବାୟତଙ୍କୁ ଠାକୁରଙ୍କ ସେବା ମନା



**ପୁରୀ, ୨୪।୪ (ସଂଚାର ବ୍ୟୁରୋ) :** ଶ୍ରୀମନ୍ଦିରର ଶୁଦ୍ଧ ସୁଆର ତଥା ଯୁବ ଦଇତାପତି ସେବାୟତ ଶ୍ରଦ୍ଧାନନ୍ଦ ଦାସ ମହାପାତ୍ରଙ୍କୁ ଅନୈତିକ କାର୍ଯ୍ୟରେ ଲିପ୍ତଥିବାରୁ ତାଙ୍କ ନାମରେ ମାମଲା ରୁଜୁ ହେବା ସହ ପୁଲିସ ଦ୍ୱାରା ଗିରଫ ହୋଇଥିଲେ । ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ । ଶ୍ରୀ ପାଢ଼ୀ ଯୁବ ଦଇତାପତି ସେବାୟତଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରବେଶରେ କଟକଣା ଲାଗୁ କରିବା ସହ ସେବାରୁ ନିଲମ୍ବନ କରିଛନ୍ତି । ଉକ୍ତ ସେବକଙ୍କ ଅନୈତିକ କାର୍ଯ୍ୟ ଯୋଗୁଁ ସମଗ୍ର ସେବକ ସମାଜ ଏବଂ ଶ୍ରୀମନ୍ଦିରର ସମ୍ମାନ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଛି। ଶ୍ରୀମନ୍ଦିରର ପ୍ରାୟତଃ ସେବକଙ୍କ ଆଚାର ବ୍ୟବହାର ଠିକ ରହି ନୀତିକାନ୍ତି ସମ୍ପାଦନ ଶୃଙ୍ଖଳିତ ରହୁଥିବା ବେଳେ କିଛି ସେବକଙ୍କ ଅବାଞ୍ଛିତ କାର୍ଯ୍ୟକଳାପ ସମଗ୍ର ସେବକ ସମାଜକୁ ବଦନାମ କରୁଛି। କୌଣସି ବି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ପ୍ରଶାସକ । ଯୁବ ଦଇତାପତି ଶ୍ରଦ୍ଧାନନ୍ଦ ଦାସ ମହାପାତ୍ର ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଫଟୋକୁ ଭାଇରାଲ କରିଥିଲେ । ଏହି ମାମଲାରେ ସାଇବର ଥାନା ପୁଲିସ ଗତ ମାର୍ଚ୍ଚ ୩୧ରେ ତାଙ୍କୁ ଗିରଫ କରିଥିଲା । ଘଟଣାଟି ପୁରୀ ସମେତ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ମାତ୍ର ନିଜକୁ ଅସୁସ୍ଥତା ଦେଖାଇ ସେ ଜେଲ୍ ପରିବର୍ତ୍ତେ ଚିକିତ୍ସାଳୟରେ ରହିଥିଲେ । ଏହାରି ମଧ୍ୟରେ ସମ୍ପୃକ୍ତ ଯୁବତୀଙ୍କ ସହ ପରିବାର ସଦସ୍ୟଙ୍କ ସଲାସୁତୁରା ହୋଇ ମାମଲାକୁ ରଫାଦଫା କରିଥିଲେ । ଯୁବତୀ କୋର୍ଟରେ ମାମଲା ସମାଧାନପତ୍ର ଦାଖଲ କରିବାରୁ ସମ୍ପୃକ୍ତ ଯୁବ ଦଇତାପତି ସେବାୟତ ଶ୍ରଦ୍ଧାନନ୍ଦଙ୍କୁ ଜାମିନ୍ ମିଳିଥିଲା । ମାମଲାକୁ ରଫାଦଫା କରିବାକୁ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ସହରରେ ଚର୍ଚ୍ଚା ଜୋର୍ ଧରିଥିଲା ।

## ଯୌତୁକ ପାଇଁ ପେଟକୁ ଗୋଇଠା ମାରି ଜୀବନ ନେଲା ସ୍ୱାମୀ

**ମୋରଡ଼ା, ୨୪।୪ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଯୌତୁକ ଦାବିରେ ସ୍ତ୍ରୀଙ୍କ ପେଟକୁ ଗୋଇଠା ମାରି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୬୬/୨୬) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଜଗଦୀଶ ପାତ୍ରଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ମିତା ପାତ୍ର। ଥାନା ବଗଲାଡିପା ଗ୍ରାମର ଗଣେଶ ପାତ୍ରଙ୍କ ପୁଅ ଜଗଦୀଶ ୭ ବର୍ଷ ତଳେ ବେତନଟୀ ଥାନା ଅଧୀନ ଆଗଡ଼ା ଗ୍ରାମର ମିତା ପାତ୍ରଙ୍କୁ ବିବାହ କରିଥିଲେ। ବାହାଘରର କିଛି ବର୍ଷ ପରେ ଅଧିକ ଯୌତୁକ ଦାବିକରି ମିତାଙ୍କୁ ସେ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏନେଇ ପୂର୍ବରୁ ୨ ପରିବାର ଭିତରେ ଆପୋସ ବୁଝାମଣା ହୋଇଥିଲେ ମଧ୍ୟ ଜଗଦୀଶ ମିତାଙ୍କୁ ନିର୍ଯ୍ୟାତନା ଦେଉଥିଲେ। ବୁଧବାର ରାତିରେ ମିତାଙ୍କ ସହ ଜଗଦୀଶ ଝଗଡ଼ାକରି ମାରପିଟ କରିଥିଲେ ବୋଲି ମିତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ମିତାଙ୍କୁ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହତ୍ୟା ଅଭିଯୋଗକୁ ସ୍ୱାମୀ ଜଗଦୀଶ ଅସ୍ୱୀକାର କରିବା ସହ ପେଟ ଯନ୍ତ୍ରଣା ଯୋଗୁ ମିତାଙ୍କ ମୃତ୍ୟୁ ଘଟିଥିବା କହିଛନ୍ତି।



ବନକର୍ମଚାରୀଙ୍କ ଉପରେ ଶୁଝିଲେ ହାତୀ ରାଗ

## ଗାଡ଼ି ଭାଙ୍ଗିଲେ, କର୍ମଚାରୀଙ୍କୁ ନିର୍ଘାତ ପିଟିଲେ

**ଉଦଳା, ୨୪।୪ (ସଂଚାର ବ୍ୟୁରୋ) :** ଦନ୍ତାହାତୀ ଘର ଭାଙ୍ଗିବା ପରେ ସ୍ଥାନୀୟ ଲୋକେ ବନକର୍ମଚାରୀଙ୍କୁ ନିର୍ଘାତ ମାଡ଼ ମାରିଛନ୍ତି । ହାତୀକୁ ଟ୍ରାକ କରୁଥିବା ବନବିଭାଗ ଗାଡିକୁ ଭାଙ୍ଗିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ସୂଚନା ରହିଛି । ଡୁକୁରା ବନାଞ୍ଚଳ ଅଧିନ ବହଳଦା ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା । ସୂଚନା ଅନୁସାରେ, ଶିମିଳିପାଳରୁ ଏକ ଦନ୍ତାହାତୀ ଜନବସତି ମୁହାଁ ହୋଇଥିଲା । ଏହାକୁ ଜଙ୍ଗଲକୁ ଘଉଡାଇବା ପାଇଁ ବନବିଭାଗ ପ୍ରୟାସ ଜାରି ରଖିଥିଲା ବେଳେ ହାତୀଟି ବହଳଦା ଅଞ୍ଚଳରେ ପ୍ରବେଶ କରି କିଛି ଘର ଭାଙ୍ଗିଦେଇଥିଲା । ଏଥିରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ହାତୀ ଘଉଡାଇବାକୁ ଯାଇଥିବା ୭ ବନକର୍ମଚାରୀଙ୍କୁ ଅଟକାଇ ନିସ୍ତୁକ ମାଡମାରିବା ସହ ବୋଲେରୋ ଗାଡିଟିକୁ ଭାଙ୍ଗିରୁଜି ଦେଇଛନ୍ତି । ପରିସ୍ଥିତି ନିୟନ୍ତ୍ରଣାଧୀନ ହେବାରୁ ବାରିପଦାରୁ ଅଧିକ ବନକର୍ମଚାରୀ ଯାଇ ଫସିରହିଥିବା ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଅନ୍ୟପଟେ ସ୍ଥାନୀୟ ଲୋକଙ୍କ କହିବା କଥା ଅପରାହ୍ନ ସମୟରୁ ହାତୀ ଜନବସତି ମୁହାଁ ହୋଇଥିବା ଖବର ବନବିଭାଗକୁ ଦିଆଯାଇଥିଲା । ସନ୍ଧ୍ୟାରେ ହାତୀ ଘର ଭାଙ୍ଗିବା ଆରମ୍ଭ କରିଥିଲେ ସୁଦ୍ଧା ବନବିଭାଗ ଅଞ୍ଚଳରେ ପହଞ୍ଚିନଥିଲେ। ତେବେ ରାତିରେ ବନବିଭାଗ ହାତୀ ଘଉଡାଇବାକୁ ପହଞ୍ଚିବାରୁ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ବନକର୍ମଚାରୀଙ୍କୁ ଅଟକ ରଖିଥିଲେ । ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହି ଆକ୍ରମଣରେ ଫରେଷ୍ଟର ଖଗେଶ୍ୱର ସେଠୀ, ଫରେଷ୍ଟ ଗାର୍ଡ ରାଇଧନ ସିଂ ଏବଂ ମହିଳା ଗାର୍ଡ ମାଳତୀ ମୁର୍ମୁଙ୍କ ସହିତ ଅନ୍ୟ ୪ ଜଣ ବନ କର୍ମଚାରୀ ଏହି ଆକ୍ରମଣରେ ଗୁରୁତର ହୋଇଛନ୍ତି ।

## ମେ' ୧୧ରୁ ରବିଧାନ କିଣାବିକା



**ବରଗଡ଼, ୨୪।୪ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ' ୧୧ତାରିଖରୁ ଜିଲାରେ ରବିଧାନ କିଣାବିକା ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜନପ୍ରତିନିଧି, ମିଲର୍ସ, ଚାଷୀ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବୈଠକ ପୂର୍ବରୁ ସକାଳୁ ପୋଲିସ କେତେକ ଚାଷୀନେତାଙ୍କୁ ଉଠାଇ ନେଇ ବିଭିନ୍ନ ଥାନାରେ ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଚାଷୀନେତା ଈଶାନ୍ତ ଭୋଇ, ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର ପ୍ରମୁଖଙ୍କୁ ଏଭଳି ପୋଲିସ ଅଟକ ରଖିଛି।

## ବେଦାନ୍ତକୁ ଟିଏନ୍‌ଏଫ୍‌ଡି ପ୍ରାରମ୍ଭିକ ଗ୍ରହଣକାରୀ ମାନ୍ୟତା



**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମକୁ ଗତବର୍ଷ ପ୍ରକାଶିତ ଏହାର ପ୍ରଥମ ଟାସ୍କ ଫୋର୍ସ ଅନ୍ ପ୍ରକୃତି-ସମ୍ବନ୍ଧୀୟ ଆର୍ଥିକ ପ୍ରକାଶନ (ଟିଏନଏଫଡି) ରିପୋର୍ଟ ପାଇଁ ପ୍ରାରମ୍ଭିକ ଗ୍ରହଣକାରୀ ମାନ୍ୟତା ଦିଆଯାଇଛି। କମ୍ପାନୀ ଆଗାମୀ ୨୦୫୦ ସୁଦ୍ଧା କୌଣସି ନେଟ୍ କ୍ଷତି ନାହିଁ ବୋଲି ଏହାର ଲକ୍ଷ୍ୟକୁ ପୁନଃନିର୍ଦ୍ଦିଷ୍ଟ କରିଛି, ଯାହା ଏହାର ମୂଳ ବ୍ୟବସାୟ ଢାଞ୍ଚାରେ ପ୍ରକୃତି ଓ ଜୈବ ବିବିଧତାକୁ ସାମିଲ କରିବା ଦିଗରେ ଏକ ରଣନୈତିକ ପରିବର୍ତ୍ତନର ସଙ୍କେତ ଦିଏ। ପ୍ରକୃତି ସମ୍ବନ୍ଧୀୟ ବିପଦ ପରିଚାଳନା ପାଇଁ ବେଦାନ୍ତ ଆଲୁମିନିୟମର ଆଭିମୁଖ୍ୟକୁ ସୁଦୃଢ଼ କରିବାରେ ଟିଏନଏଫଡି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୂଲ୍ୟାଙ୍କନ ମାଧ୍ୟମରେ କମ୍ପାନୀ କାର୍ଯ୍ୟରେ ଏହାର ନିର୍ଭରଶୀଳତା, ପ୍ରଭାବ ଓ ବିପଦକୁ ମ୍ୟାପ୍ କରିବା ସହ ପ୍ରାଥମିକତା ଇକୋସିଷ୍ଟମ ଓ ଭୌତିକ ଜଳ ଏବଂ ଜୈବ ବିବିଧତା ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିଛି। ଏହି ଅଭ୍ୟାସ ନିଷ୍ପତ୍ତି ଗ୍ରହଣରେ ପ୍ରକୃତି ସଂଲଗ୍ନ ବିଚାରକୁ ଏକୀକୃତ କରିବା ନେଇ ସଂଗଠନର କ୍ଷମତାକୁ ବୃଦ୍ଧି କରେ। ଏହି ପଦକ୍ଷେପ ସହ ବେଦାନ୍ତ ଆଲୁମିନିୟମ ଟିଏନଏଫଡି ଢାଞ୍ଚା ଗ୍ରହଣ କରିବା ପାଇଁ ବିଶ୍ୱ ଧାତୁ ଓ ଖଣି କମ୍ପାନୀଗୁଡ଼ିକର ଏକ ମନୋନୀତ ଗୋଷ୍ଠୀରେ ଯୋଗ ଦେଇଛି।

ବେଦାନ୍ତ ଆଲୁମିନିୟମ ସିଇଓ ରାଜୀବ କୁମାର କହିଛନ୍ତି ଯେ ଟିଏନଏଫଡି ପ୍ରାରମ୍ଭିକ ଗ୍ରହଣକାରୀ ଭାବରେ ମାନ୍ୟତା ପାଇବା ମୁଖ୍ୟ ବ୍ୟାବସାୟିକ ନିଷ୍ପତ୍ତି ଗ୍ରହଣରେ ପ୍ରକୃତି ବିଚାରକୁ ସାମିଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସ୍ୱଚ୍ଛତାକୁ ସୁଦୃଢ଼ କରିବା, ପ୍ରକୃତି ସମ୍ବନ୍ଧୀୟ ବିପଦକୁ ସମାଧାନ କରିବା ଓ ଦକ୍ଷ ସମ୍ବଳ ବ୍ୟବହାର ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ କମ୍ପାନୀ ଗୁରୁତ୍ୱ ଦେଇଆସିଛି। ଏହି ପଦ୍ଧତି ମାଧ୍ୟମରେ ସମସ୍ତ ଅଂଶୀଦାରଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି ବୋଲି ଶ୍ରୀ କୁମାର କହିଛନ୍ତି।

## ଶିଶୁଙ୍କ ପାଇଁ ଅନଲାଇନ ସୁରକ୍ଷା ସମ୍ପର୍କିତ କର୍ମଶାଳା




**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** 'ଶିଶୁମାନଙ୍କ ପାଇଁ ଅନଲାଇନ ସୁରକ୍ଷା' ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଓ ଚାଇଲ୍ଡଫଣ୍ଡ୍ ଇଣ୍ଡିଆଙ୍କ ସହଯୋଗରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଏସ୍‌ସିପିସିଆର୍, ଓସେପା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଚାଇଲ୍ଡଫଣ୍ଡ୍ ଇଣ୍ଡିଆର କର୍ମକର୍ତ୍ତାଙ୍କ ସମେତ ମୋଟ ୮୦ ଜଣ ଅଂଶଗ୍ରହଣ କରିଥିଲେ।

ଉଦଘାଟନୀ ଉତ୍ସବରେ ଓଏସ୍‌ସିପିସିଆର୍‌ର ଅଧ୍ୟକ୍ଷା ବବିତା ପାତ୍ର, ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି ଅନଲାଇନ ସୁରକ୍ଷା ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ସେ ଶିଶୁମାନଙ୍କୁ ଅନଲାଇନ ବିପଦରୁ ସୁରକ୍ଷା ଦେବାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡା. ଏନ. ତିରୁମାଲା ନାୟକ ଅନଲାଇନ ସୁରକ୍ଷା ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ଓଏସ୍‌ସିପିସିଆର୍ ଓ ଚାଇଲ୍ଡଫଣ୍ଡ ଇଣ୍ଡିଆଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍‌ଲାଇନ ସୁରକ୍ଷା ଶିକ୍ଷାକୁ ସମନ୍ୱିତ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ଶିଶୁମାନେ ସହଜରେ ବୁଝିବା ଓ ଆନନ୍ଦର ସହ ଶିଖିବା ପାଇଁ ଏହି ବିଷୟକୁ ଆକର୍ଷଣ ଓ କ୍ରୀଡ଼ା ଆଧାରିତ ପଦ୍ଧତିରେ ଶିକ୍ଷା ପ୍ରଦାନ କରାଯିବା ଉଚିତ ବୋଲି କହିଥିଲେ। ଏହାଛଡ଼ା ଓସେପାର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ଓ ଚାଇଲ୍ଡଫଣ୍ଡ ଇଣ୍ଡିଆର ପ୍ରୋଗ୍ରାମ ନିର୍ଦ୍ଦେଶିକା ଡା. ଶ୍ରବନ୍ତୀ ସେନ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ଚାଇଲ୍ଡଫଣ୍ଡ ଇଣ୍ଡିଆର ଉପନିର୍ଦ୍ଦେଶକ ଶ୍ରୀ ନବୀନ ଧନ୍ୟବାଦ ଦେଇଥିଲେ।

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

## ୫ ଏକର ଉପଯୁକ୍ତ ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମଏପିଭି) ଯୋଜନା ଅଧୀନରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଉପଯୁକ୍ତ ଜମି ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ପଞ୍ଚାୟତ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହି ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟ ଚୟନ କରାଯାଇ ରାଜ୍ୟସ୍ତରୀୟ ଶିଳାନ୍ୟାସ କାର୍ଯ୍ୟକ୍ରମ ଗତ ଜାନୁଆରୀ ୭ରେ ଆୟୋଜିତ ହୋଇଥିଲା। ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୧୨ଟି ବିଦ୍ୟାଳୟ ମଧ୍ୟ ଇତିମଧ୍ୟରେ ଅନୁମୋଦିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସମନ୍ୱୟରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଉପଯୁକ୍ତ ସରକାରୀ ଜମି ଚିହ୍ନଟ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ଷମତାପନ୍ନ କର୍ତ୍ତୃପକ୍ଷ ଆବଶ୍ୟକ ଅଧିଗ୍ରହଣ ଫର୍ମ ଦାଖଲ କଲେ ଚିହ୍ନଟ ହୋଇଥିବା ଜମିକୁ ଉକ୍ତ ବିଭାଗ ପକ୍ଷରେ ହସ୍ତାନ୍ତର ପାଇଁ ତୁରନ୍ତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

# ୧୦ କୋଟିର ସାଇକେଲ ପ୍ରକଳ୍ପ, ଚିହ୍ନବର୍ଣ୍ଣ ନାହିଁ



**ଭୁବନେଶ୍ୱର,୨୪।୪:** ରାଜଧାନୀରେ ୧୦ କୋଟି ଟଙ୍କା ମୂଲ୍ୟରେ ଆରମ୍ଭ ହୋଇଥିବା 'ମୋ ସାଇକେଲ' ପ୍ରକଳ୍ପର ଆଉ ଚିହ୍ନ ବର୍ଣ୍ଣ ନାହିଁ। ଏହା ଏବେ ସମ୍ପୂର୍ଣ୍ଣ ରୂପେ ଅଚଳ। ୨୫ ହଜାର ଟଙ୍କିଆ ଏହି ସାଇକେଲକୁ ଆଉ କେଉଁଠାରେ ଦେଖିବାକୁ ମିଳୁନାହିଁ। ବ୍ୟାପକ ଅର୍ଥରେ ନିର୍ମାଣ ହୋଇଥିବା ସାଇକେଲ ଷ୍ଟାଣ୍ଡରେ ବି କୁକୁର ଶୋଇଲେଣି।

୨୦୧୮ରେ ବିଶ୍ୱକପ୍ ହକି ସମୟରେ ବହୁ ଆଡ଼ମ୍ବରରେ ରାଜଧାନୀରେ ଆରମ୍ଭ ହୋଇଥିଲା ମୋ ସାଇକେଲ ଯୋଜନା। ପ୍ରକଳ୍ପର ମୂଲ୍ୟ ଥିଲା ୧୦ କୋଟି ଟଙ୍କା। ସାଇକେଲ ଗୋଟିକୁ ୨୫ ହଜାର ଟଙ୍କା ମୂଲ୍ୟରେ ସରକାର ୨୦୦୦ଟି ସାଇକେଲ କିଣିଥିଲେ। ସାଇକେଲରେ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ସହ ବାର୍‌କୋଡ୍ ଲାଗିଥିଲା।

ପ୍ରଥମେ କିଛିଦିନ ଏହା ମାଗଣାରେ ଚଢ଼ିବାର ସୁଯୋଗ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଦେୟ ପଇଠ କରି ସାଇକେଲ ଚଳାଇବାକୁ କୁହାଯାଇଥିଲା। ହକିଖେଳ ସମୟରେ ଏହାର ବେଶ୍ ଚାହିଦା ବି ଥିଲା। ସହରର ବିଭିନ୍ନ ସ୍ଥାନରୁ ଲୋକେ ସାଇକେଲର କଳିଙ୍ଗ ଷ୍ଟାଡିୟମକୁ ଅଧିକ ସଂଖ୍ୟାରେ ଯା'ଆସ କରୁଥିଲେ। ହେଲେ ଯେବେଠାରୁ ଦେୟ ବ୍ୟବସ୍ଥା ଆରମ୍ଭ ହେଲା, ସେବେଠାରୁ ଲୋକେ ଏଥିପ୍ରତି ମୁହଁ ମୋଡ଼ିଲେ।

ରାଜ୍ୟ ସରକାର କିଣିଥିବା ୨୦୦୦ ସାଇକେଲ ମଧ୍ୟରୁ ୧୦୦୦ଟି ସାଇକେଲ ହିରୋ ଯୁୟୋନ କମ୍ପାନୀରୁ ଖରିଦ କରିଥିବା ବେଳେ ୫୦୦ଟି ୟୁଲୁ କମ୍ପାନୀରୁ ଓ ଆଉ ୫୦୦ଟି ଧରଣୀ ଏଣ୍ଟରପ୍ରାଇଜର୍ସରୁ କିଣିଥିଲେ। ଏହାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ସାଇକେଲ ପିଛା ବର୍ଷକୁ ୫୦୦୦ ଟଙ୍କା କରି ବ୍ୟୟ କରିଛନ୍ତି। ତେବେ କିଛିଦିନ ବ୍ୟବଧାନରେ କେତେକ ସାଇକେଲ ଚୋରି ହୋଇଯିବା ଓ ଆଉ କିଛି ସାଇକେଲକୁ କବାଡ଼ିଆଙ୍କୁ ବିକ୍ରି କରିବା ନେଇ ମାମଲା ଥାନାରେ ପହଞ୍ଚିଥିଲା। ଏହାପରେ ପୁଣିଥରେ ରାଜଧାନୀରେ ମୋ ସାଇକେଲ ଚଳାଇବାକୁ ଉଦ୍ୟମ ହୋଇଥିଲା।

କେବଳ କୋଟି କୋଟି ଟଙ୍କାର ସାଇକେଲ କିଣା ହୋଇ ନ ଥିଲା, ଏହାକୁ ରଖିବା ପାଇଁ ବ୍ୟାପକ ଅର୍ଥ ବ୍ୟୟରେ ସହରର ୩୬୩ଟି ସ୍ଥାନରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ଏହିସବୁ ଷ୍ଟାଣ୍ଡଗୁଡ଼ିକ କଂକ୍ରିଟରେ ତିଆରି ହେବା ସହ ସାଇକେଲ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଇତିମଧ୍ୟରେ ଅଧିକାଂଶ ସାଇକେଲ ଷ୍ଟାଣ୍ଡର ଚିହ୍ନବର୍ଣ୍ଣ ନ ଥିବା ବେଳେ ଆଉ କିଛି ଷ୍ଟାଣ୍ଡରେ କୁକୁର ଶୋଉଥିବା ଦେଖିବାକୁ ମିଳୁଛି।

ବର୍ତ୍ତମାନ ଏହି ମୂଲ୍ୟବାନ୍ ସାଇକେଲଗୁଡ଼ିକ ସହରରେ ଆଉ ଦୃଶ୍ୟମାନ ହେଉ ନ ଥିବା ବେଳେ ଏଗୁଡ଼ିକ କୁଆଡେ ଗଲା ଓ କେଉଁଠାରେ ରହିଲା ତାହାର ଖୋଜ ଖବର ନାହିଁ। ଯେତେବେଳେ 'ମୋ ସାଇକେଲ' ପ୍ରକଳ୍ପର ରାଜଧାନୀରେ ଫେଲ୍ ମାରିଲା, ସେତେବେଳେ ଏହି ସାଇକେଲଗୁଡ଼ିକୁ ସ୍କୁଲ ଯାଉଥିବା ଗରିବ ପିଲାଙ୍କ ମଧ୍ୟରେ ବାଣ୍ଟିଦେବାକୁ ଦାବି ଉଠିଥିଲା। ହେଲେ ନଗର ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେନାହିଁ। ବର୍ତ୍ତମାନ ୧୦ କୋଟି ଟଙ୍କାର ଏହି ପ୍ରକଳ୍ପର ସ୍ଥିତି କ'ଣ ଓ ଦାମୀ ସାଇକେଲଗୁଡ଼ିକ କେଉଁଠାରେ କିଭଳି ଅବସ୍ଥାରେ ରହିଛି, ତା'ର ସୂଚନା ନ ଥିବା ବେଳେ ସରକାର କିନ୍ତୁ ସାଇକେଲଗୁଡ଼ିକୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ପାର୍କ ଏପରିକି ନନ୍ଦନକାନନ ପରିସରରେ ରଖିବେ ବୋଲି କହୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୨୫ ଏପ୍ରିଲ ୨୦୨୬, ଭୁବନେଶ୍ୱର
Saturday 25 April 2026, Bhubaneswar

# ହିଂସ୍ର ହେଉଛନ୍ତି ଯୁବପିଢ଼ି

ଅପରାଧୀମାନେ କାହିଁକି ଦିନକୁ ଦିନ ଅଧିକ ନିର୍ମମ ହେଉଛନ୍ତି, ଏହା ଆଜିର ସମାଜ ପାଇଁ ଗଭୀର ଚିନ୍ତାର ବିଷୟ। ପ୍ରତିଦିନ ଖବରକାଗଜ, ଟେଲିଭିଜନ ଓ ସୋସିଆଲ ମିଡିଆରେ ଯେପରି ଭୟାବହ ଅପରାଧ ଘଟଣା ଆସୁଛି ତାକୁ ନେଇ ମାନବତାର ମୂଲ୍ୟବୋଧକୁ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରାଧ ନୂଆ ନୁହେଁ, କିନ୍ତୁ ଏହାର ନିର୍ମମତା ଓ ଅମାନବିକତାର ସ୍ତର ବୃଦ୍ଧି ପାଇବା ଚିନ୍ତାଜନକ।



ସମାଜର ନୈତିକ ମୂଲ୍ୟବୋଧର ଅବନତି ଏହାର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ପରିବାର ଓ ଶିକ୍ଷା ପ୍ରଣାଳୀରେ ନୀତି, ନୈତିକତା ଓ ସହାନୁଭୂତିର ଶିକ୍ଷା କ୍ରମେ କମିଯାଉଛି। ଆଜିର ପିଢ଼ି ମଧ୍ୟରେ ଅଧିକ ପ୍ରତିଯୋଗିତାମୂଳକ ଓ ଭୋଗବାଦୀ ମନୋଭାବରେ ବୃଦ୍ଧି ପାଉଛି, ଯେଉଁଠାରେ ଲକ୍ଷ୍ୟ ପ୍ରାପ୍ତି ପାଇଁ ଉପାୟର ନୈତିକତାକୁ ଅବହେଳା କରାଯାଉଛି। ଏହି ପରିବେଶ ଅନେକ ସମୟରେ ଲୋକଙ୍କୁ ସହଜରେ ଅପରାଧର ପଥକୁ ନେଇଯାଉଛି।

ମାଦକଦ୍ରବ୍ୟର ଅତ୍ୟଧିକ ବ୍ୟବହାର ଓ ମଦପାନ ମଧ୍ୟ ଅପରାଧର ନିର୍ମମତା ବୃଦ୍ଧିର ଏକ ମହତ୍ୱପୂର୍ଣ୍ଣ କାରଣ। ମଦ ଓ ନଶା ମନୁଷ୍ୟଙ୍କର ବିବେକକୁ ନଷ୍ଟ କରିଦେଇଥାଏ, ଫଳରେ ସେମାନେ ଅନିୟନ୍ତ୍ରିତ ଓ ହିଂସ୍ର ବ୍ୟବହାର କରନ୍ତି। ବହୁତ ଘଟଣାରେ ଦେଖାଯାଏ ଯେ, ଅପରାଧୀମାନେ ନଶାର ପ୍ରଭାବରେ ଥିବାବେଳେ ଭୟଙ୍କର କାର୍ଯ୍ୟ କରୁଛନ୍ତି। ଆଇନ ବ୍ୟବସ୍ଥାରେ ଦୃଢ଼ତାର ଅଭାବ ମଧ୍ୟ ଏକ ଅନ୍ୟତମ କାରଣ। ଯଦି ଅପରାଧୀମାନେ ଶୀଘ୍ର ଓ କଠୋର ଶାସ୍ତି ପାଇବେ ନାହିଁ, ତେବେ ସେମାନଙ୍କର ମନରେ ଭୟ ରହିବ ନାହିଁ। ଡେରିରେ ନ୍ୟାୟ ମିଳିବା କିମ୍ବା ଦଣ୍ଡର ଅଭାବ ଅପରାଧୀମାନଙ୍କୁ ଆହୁରି ସାହସୀ କରୁଛି। ଏହା ସହିତ, କେତେକ ସମୟରେ ଦୁର୍ନୀତି ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କର ହସ୍ତକ୍ଷେପ ମଧ୍ୟ ନ୍ୟାୟ ପ୍ରକ୍ରିୟାକୁ ଦୁର୍ବଳ କରୁଛି।

ସୋସିଆଲ ମିଡିଆ ଓ ଡିଜିଟାଲ ମାଧ୍ୟମର ଅପପ୍ରଭାବକୁ ମଧ୍ୟ ଅଣଦେଖା କରିହେବ ନାହିଁ। ହିଂସାପୂର୍ଣ୍ଣ ସାମଗ୍ରୀ, ଅଶ୍ଳୀଳ ଭିଡିଓ ଓ ଅନ୍ୟାନ୍ୟ ଅସାଧୁ ପ୍ରଭାବ ମନୁଷ୍ୟଙ୍କର ମନସିକତାକୁ ପ୍ରଭାବିତ କରୁଛି। କେତେକ ଯୁବକ ଏହିପରି ଭିଡିଓ ଦେଖି ପ୍ରେରିତ ହୋଇ ଅପରାଧ କରିବାକୁ ଚେଷ୍ଟା କରନ୍ତି, ଯାହା ଭୟଙ୍କର ପରିଣାମ ଆଣୁଛି। ବେରୋଜଗାରୀ ଓ ଆର୍ଥିକ ଅସମାନତା ମଧ୍ୟ ଅପରାଧ ବୃଦ୍ଧିରେ ସହଯୋଗ କରୁଛି। ଯେତେବେଳେ ଲୋକମାନେ ନିଜର ମୌଳିକ ଆବଶ୍ୟକତା ପୂରଣ କରିପାରୁନାହାନ୍ତି, ସେମାନେ ଅପରାଧର ରାସ୍ତାକୁ ଚୟନ କରନ୍ତି। କେତେକ ସମୟରେ ଏହି ଅପରାଧ ଅତ୍ୟଧିକ ହିଂସ୍ର ରୂପ ନେଉଛି।

ଏହାର ସମାଧାନ ପାଇଁ ସମାଜ, ସରକାର ଓ ବ୍ୟକ୍ତିଗତ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ପରିବାର ଓ ଶିକ୍ଷା ପ୍ରଣାଳୀରେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦେବା ଦରକାର। ଆଇନ ବ୍ୟବସ୍ଥାକୁ ଆହୁରି ସକ୍ତିଶାଳୀ ଓ ପ୍ରଭାବଶାଳୀ କରିବା ଆବଶ୍ୟକ, ଯାହାଦ୍ୱାରା ଅପରାଧୀମାନେ ଶୀଘ୍ର ଶାସ୍ତି ପାଇପାରିବେ। ସେହିପରି, ଯୁବପିଢ଼ିକୁ ସଠିକ ମାର୍ଗଦର୍ଶନ ଓ ରୋଜଗାର ସୁଯୋଗ ଦେବା ମଧ୍ୟ ଆବଶ୍ୟକ। ତେଣୁ ଅପରାଧୀମାନଙ୍କର ନିର୍ମମତା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ସମାଜର ଅବସ୍ଥାର ପ୍ରତିଫଳନ। ଯଦି ଆମେ ଏହାକୁ ରୋକିବାକୁ ଚାହୁଁଛୁ, ତେବେ ସମୁହିକ ଉଦ୍ୟମ ଓ ସଚେତନତା ଆବଶ୍ୟକ।

# ଅବତାର ଚେତନା: ସର୍ବଦେବତା ସ୍ୱରୂପ ଭଗବାନ ଶ୍ରୀସତ୍ୟସାଇ



## କିଶୋର କୁମାର ଜେନା

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ। ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ୍ୟ ଅତିକ୍ରମ କରିଯିବାକୁ ପଡ଼ିବ। ଯେତେବେଳେ ମଣିଷ ଅନ୍ତର୍ଭୁଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ। ଭଗବାନ ବାବା ଏ ବିଷୟରେ କହନ୍ତି, 'ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ। କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ୍ୟ ସେମାନଙ୍କ ଭକ୍ତିରେ ଭଟ୍ଟା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି। ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର। ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ। ପ୍ରକୃତରେ ଆମେ ଅବତାରଙ୍କର ମାନବିକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ। ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି। ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୁର୍ଣ୍ଣ କରିପାରିନାହିଁ।

ଅଲୌକିକତାର ଏକ ଅଂଶ ଆରୋଗ୍ୟ ପ୍ରଦାନ, ଅଲୌକିକ ଭାବେ ସାଇବାବା ଯେ, କେତେ ବ୍ୟକ୍ତିଙ୍କୁ ଆରୋଗ୍ୟ କରିଛନ୍ତି, ସେ କଥା ଗଣନା କରି କହି ହେବନାହିଁ। ଯିଏ ଯେତେବେଳେ ଭଗବାନଙ୍କର ଶରଣାପନ୍ନ ହୋଇ ପ୍ରାର୍ଥନା କରିଛନ୍ତି, ଏହା ନିଶ୍ଚିତ ଯେ, ସେମାନେ ବାବାଙ୍କ ଦ୍ୱାରା ଉପକୃତ ହୋଇଛନ୍ତି। ଏହିଭଳି ଗୋଟିଏ ଘଟଣା ଘଟିଲା ଜଣେ ଗୁଜୁରାଟୀ ଭଦ୍ର ଲୋକ ଏମ.ଜେ. ଯୋଗାନନ୍ଦ ମୁଦାଲିଆଙ୍କ ଜୀବନରେ।

ଯଦିଓ ମୁଦାଲିଆ ଜଣେ ଆଧ୍ୟାତ୍ମମାର୍ଗୀ ଥିଲେ, ମାତ୍ର ମତଭେଦ ଅନୁଯାୟୀ ସେ ଜଣେ ତାନ୍ତ୍ରିକଙ୍କର କ୍ରୁରଦୃଷ୍ଟି ଏଡ଼ାଇ ପାରିଲେ ନାହିଁ। ତନ୍ତ୍ର ପ୍ରୟୋଗରେ ସେ ହୋଇଗଲେ ପାଗଳ, ପାଗଳାମିରେ ସେ ନିଜ ପାଇଁ ଓ ତାଙ୍କ ପରିବାର ପାଇଁ ଭୟଙ୍କର ହୋଇ ଉଠିଲେ। ଅସହ୍ୟ ହେଲା ତାଙ୍କ ପାଗଳାମି, ତାଙ୍କର ଆରୋଗ୍ୟ କାମନା କରି, ତାଙ୍କ ସ୍ତ୍ରୀ ଏବଂ ଝିଅ ଆକୁଳ ପ୍ରାର୍ଥନା ଜଣାଇଲେ ଈଶ୍ୱରଙ୍କ ପାଖରେ। ପ୍ରାର୍ଥନା ତାଙ୍କର ବ୍ୟର୍ଥରେ ଗଲା ନାହିଁ। ଶନିବାର ରାତି ଏବଂ ରବିବାର ପ୍ରତ୍ୟୁଷରେ ଶ୍ରୀଯୁକ୍ତ ମୁଦାଲିଆ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ। ସ୍ୱପ୍ନ ଅନୁଯାୟୀ ଜଣେ ଯୁବକ ସନ୍ନ୍ୟାସୀ ତାଙ୍କ ପାଖକୁ ଆସି, ତାଙ୍କୁ ଗୋଟିଏ ପାତ୍ରରେ ଥିବା ଜଳ ତୁଳସୀ ପ୍ରଦାନ କରି ଏବଂ ତାଙ୍କ ଆରୋଗ୍ୟ ପାଇଁ ଆଶୀର୍ବାଦ ଦେଇ ଅଦୃଶ୍ୟ ହୋଇଗଲେ। ଶ୍ରୀଯୁକ୍ତ ମୁଦାଲିଆ ସ୍ୱପ୍ନରେ ଜଳ ତୁଳସୀ ଗ୍ରହଣ କରି ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କଲେ। ତାଙ୍କ କହିବା ଅନୁଯାୟୀ, ଏହି ଯୁବକ ସନ୍ନ୍ୟାସୀ ଏକ ଲାଲରଙ୍ଗର ଗାଉନ ପରିଧାନ କରିଥିଲେ। ତାଙ୍କ ମୁଣ୍ଡରେ ଥିଲା ଗହଳ କେଶ, ଏହି ଘଟଣାର ଠିକ ସାତଦିନ ପରେ, ବାବା ତାଙ୍କ ଅନୁଗ୍ରହ ପ୍ରଦାନ ପାଇଁ ସ୍ୱଦେହରେ ପହଞ୍ଚିଲେ, ମୁଦାଲିଆଙ୍କର ବାସଭବନରେ, ସ୍ୱପ୍ନରେ ଦେଖିଥିବା ସନ୍ନ୍ୟାସୀଙ୍କୁ ସ୍ୱଦେହରେ ଦେଖି ଶ୍ରୀଯୁକ୍ତ ମୁଦାଲିଆ ଓ ତାଙ୍କର ପରିବାରବର୍ଗମାନେ ଆନନ୍ଦରେ ଉଚ୍ଛୁଳି ପଡ଼ିଲେ, ଯୁବକ ସନ୍ନ୍ୟାସୀଙ୍କର ପରିଚୟ ଦରକାର ପଡ଼ିଲା ନାହିଁ। ଆନନ୍ଦ ଉତ୍କଣ୍ଠାରେ ଝରି ପଡ଼ିଲା ଆଖିରୁ ସେମାନଙ୍କର ଆନନ୍ଦାଶ୍ରୁ।

ବାବା ଶୂନ୍ୟରୁ ସୃଷ୍ଟି କଲେ ଏକ କବଚ ଏବଂ ପକାଇ ଦେଲେ ଯୋଗାନନ୍ଦଙ୍କ ଗଳାରେ ରକ୍ଷା କବଚ କରି। ବାବାଙ୍କର ଏହି ସ୍ୱତନ୍ତ୍ର ଅନୁଗ୍ରହରେ ଯୋଗାନନ୍ଦ ଏବଂ ତାଙ୍କ ପରିବାର କୃତଜ୍ଞତା ସହିତ କହିଉଠିଲେ 'ଆପଣ ଭଗବାନ'। ବାବା ଆଜି ମରଶରୀରରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅନୁଗ୍ରହ ଏବେ ମଧ୍ୟ ଭକ୍ତମାନଙ୍କ ନିକଟରେ ଜୀବିତ ହୋଇ ରହିଛି। ଶ୍ରୀସତ୍ୟସାଇ ବାବା ଯେ, ଅବତାର ତାର ଅବିସମ୍ବାଦି ପ୍ରମାଣ ହେଲା, ତାଙ୍କର ଶକ୍ତି, ଯାହାବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ଧର୍ମମାର୍ଗରେ ନିୟୋଜିତ କରିଛନ୍ତି, ସେହି ଶକ୍ତି ହିଁ ପ୍ରମାଣ କରି ସେ 'ସର୍ବଦେବତା ସ୍ୱରୂପ'।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ବଙ୍ଗାଳୀ ସାହି, କଟକ,**
**ମୋବାଇଲ୍:୭୩୭୭୪୩୯୦୭୭**



# ଶ୍ରେଷ୍ଠତାର ସମାନ୍ତରାଳ



## ମାନସ କୁମାର କର

ଈଶ୍ୱରଙ୍କୁ କେହି ଦେଖିନାହାନ୍ତି। ପୁନର୍ଜନ୍ମ ହୁଏ କି ନାହିଁ, ସେ ବିଷୟରେ ମଧ୍ୟ କିଛି କୁହାଯାଇପାରିବ ନାହିଁ, କିନ୍ତୁ ଲୋକଙ୍କ ମନରେ ଏକ ଭୟ ରହିଥାଏ। ସବୁବେଳେ ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, ଭଲ କାମ କଲେ ଆର ଜନ୍ମରେ ମଣିଷ ହୋଇ ଜନ୍ମ ହେବ ଏବଂ ଖରାପ କାମ କଲେ ବିଭିନ୍ନ ପଶୁ ଯୋନିରେ ଜନ୍ମ ନେବାକୁ ପଡ଼ିବ। ଧର୍ମଗ୍ରନ୍ଥଗୁଡ଼ିକ ଚୌରାଶୀ ଲକ୍ଷ ଯୋନିରେ ଭ୍ରମଣ କରିବା କଥା କୁହନ୍ତି। ବ୍ୟକ୍ତି ମନରେ ଭୟ ଏଥିପାଇଁ ସୃଷ୍ଟି କରାଯାଏ ଯେପରି ସେ ନୈତିକ ଦୃଷ୍ଟିରୁ ଠିକ୍ ରହିବ। ତା' ଭିତରେ ମାନବିକତା, କରୁଣା, ସତ୍ୟତା ଓ ସାଧୁତା ଜୀବିତ ରହିବ। ଯେଉଁ ସମାଜରେ ଏଭଳି ସଜ୍ଜନ ବ୍ୟକ୍ତିମାନଙ୍କର ସଂଖ୍ୟା ଅଧିକ ଥାଏ, ସେହି ସମାଜ ଖୁସିରେ ରହେ। ଏଥିପାଇଁ ଶତାବ୍ଦୀ ଶତାବ୍ଦୀ ଧରି ଆମର ଧର୍ମଗ୍ରନ୍ଥ ଏବଂ ଋଷିମୁନିମାନେ ମଣିଷର ସଦାଚାର ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ ସେହି ସଦାଚାରକୁ ବଜାୟ ରଖିବା ପାଇଁ ସେମାନେ ସ୍ୱର୍ଗ-ନରକର କାହାଣୀ ମଧ୍ୟ ରଚନା କରିଛନ୍ତି।

ଲୋକେ ଯେତେବେଳେ ଦାନ-ପୁଣ୍ୟ କରନ୍ତି, ସେତେବେଳେ ସେମାନଙ୍କ ଅନ୍ତରରେ ଏକ ସୁଖାନୁଭୂତି ହୁଏ। ଏହି ସୁଖଦ ଅନୁଭୂତି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ। ଉଦାର ମନର ବ୍ୟକ୍ତି ଯେତେ ଅଧିକ ଦାନ କରେ, ତା'ର ଖ୍ୟାତି ସେତିକି ବଢ଼ିଚାଲେ। ସେତେବେଳେ ତା' ମନକୁ ଯେଉଁ ପରମାନନ୍ଦ ମିଳେ, ପ୍ରକୃତରେ ତାହା ହିଁ ସ୍ୱର୍ଗ।

ଯେଉଁ ବ୍ୟକ୍ତି ଯେତେ ସୁଖୀ କିମ୍ବା ସମ୍ପୂର୍ଣ୍ଣ ସୁସ୍ଥ, ସେ ଜୀବନରେ ଏକ ପ୍ରକାର ପ୍ରକୃତ ସ୍ୱର୍ଗର ଜୀବନ ବିତାଉଛି। ଯଦି ତା' ଜୀବନରେ ଈର୍ଷା, ଦ୍ୱେଷ, ଷଡ଼ଯନ୍ତ୍ର ଆଦି ଦୁର୍ଗୁଣ ଭରି ରହିଛି, ତେବେ ତା' ଜୀବନ ନିଜେ ଏକ ନରକ। ସେ କୁଣ୍ଠିତ ହୋଇ ଅନେକ ରୋଗରେ ଗ୍ରସ୍ତ ହୋଇଯାଏ। ଦୁର୍ଭାଗ୍ୟର କଥା ହେଉଛି, ସେ ନିଜର ନାରକୀୟ ଜୀବନକୁ ଚିହ୍ନିପାରେ ନାହିଁ। ସେ ନିଜର ଧୂର୍ତ୍ତ ମାନସିକତା ଏବଂ ହୀନମନ୍ୟତାକୁ ନିଜର ଚତୁରତା ବୋଲି ଭାବେ ଏବଂ ପ୍ରତି ମୁହୂର୍ତ୍ତରେ ଅନ୍ୟର ଅନିଷ୍ଟକୁ ନିଜର ସଫଳତା ମାନି ଖୁସି ହୁଏ। ଯେଉଁଦିନ ଏଭଳି ଲୋକ ଆତ୍ମମନ୍ଥନ କରି ଏହା ଚିନ୍ତା କରିବେ ଯେ 'ପରୋପକାର ସମାନ ଅନ୍ୟ କୌଣସି ଧର୍ମ ନାହିଁ ଏବଂ ଅନ୍ୟକୁ କଷ୍ଟ ଦେବା ସମାନ କୌଣସି ପାପ ନାହିଁ', ସେଦିନ ସେମାନେ ନିଜର ପଥ ବଦଳାଇ ପାରିବେ। ସେମାନେ ନିଜ ହୃଦୟକୁ ନିର୍ମଳ ଓ ଉଦାର କରି ଯଦି ଏହା ଭାବିବାକୁ ଲାଗିବେ ଯେ ସମସ୍ତେ ସୁଖୀ ହୁଅନ୍ତୁ, ସମସ୍ତେ ନିରୋଗ ରୁହନ୍ତୁ ଏବଂ ସମସ୍ତଙ୍କର କଲ୍ୟାଣ ହେଉ, ତେବେ ସେମାନଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆସିବ। ଧର୍ମ-କର୍ମ ପଥରେ ଚାଲୁଥିବା ସଚ୍ଚୋଟ ବ୍ୟକ୍ତିମାନେ ସେଥିପାଇଁ ଭିଡ଼ ଭିତରେ ମଧ୍ୟ ଅଲଗା ଦେଖାଯାଆନ୍ତି।

ବାସ୍ତବିକତା ଏହା ଯେ, ଏହି ସ୍ୱର୍ଗ-ନରକକୁ କେହି ଦେଖିନାହାନ୍ତି, କିନ୍ତୁ ଧର୍ମଭୀରୁ ସମାଜ ମନରେ ଏହି କଥା ବସାଇ ଦିଆଯାଇଛି ଯେ ଈଶ୍ୱର ଆମକୁ ଦେଖୁଛନ୍ତି... ଆମର ପ୍ରତ୍ୟେକ ଭଲ-ମନ୍ଦ କାମ ଉପରେ ତାଙ୍କର ନଜର ଅଛି। ଏହି ଭୟ ଯୋଗୁଁ ହିଁ ସାଧାରଣ ମଣିଷ ଜୀବନରେ ଭୁଲ କାମ କରିବାରୁ ବଞ୍ଚିଥାଏ। ଏହା କେବଳ ଏକ କଳ୍ପନା ଏବଂ ମଣିଷକୁ ସତ୍-ମାର୍ଗ ଦେଖାଇବା ତଥା ସେହି ପଥରେ ଚଲାଇବାର ଏକ ଉତ୍ତମ କୌଶଳ। ଯେମିତି ଆଜିକାଲି ଅନେକ ଅପରାଧ କେବଳ ଏଥିପାଇଁ ହେଉନାହିଁ ଯେ ସବୁଆଡ଼େ ଗୋପନୀୟ କ୍ୟାମେରା (CCTV) ଲାଗିଛି ଏବଂ କାନ୍ଥରେ ଧାଡ଼ିଏ ଲେଖାଯାଇଛି ଯେ 'ଆପଣ କ୍ୟାମେରା ନଜରରେ ଅଛନ୍ତି।' ପୂର୍ବରୁ ଲୋକଙ୍କୁ କୁହାଯାଉଥିଲା ଯେ ଆପଣ ଈଶ୍ୱରଙ୍କ ନଜରରେ ଅଛନ୍ତି। ସେହି ଚେତାବନୀକୁ ଖୁବ୍ କମ୍ ଲୋକ ମାନୁଥିଲେ, କିନ୍ତୁ ଏହି ଭୌତିକ ଚେତାବନୀକୁ ଲୋକେ ଗମ୍ଭୀରତାର ସହ ଗ୍ରହଣ କରୁଛନ୍ତି ଏବଂ ଭୁଲ୍ କାମ କରିବାରୁ ନିବୃତ୍ତ ରହୁଛନ୍ତି। ଅଧିକ ଦୁଃସାହସୀ ଅପରାଧୀମାନେ ପ୍ରଥମେ ସେହି କ୍ୟାମେରାକୁ ହିଁ ଭାଙ୍ଗି ଦିଅନ୍ତି।

କିଛି ଲୋକ କୁହନ୍ତି ଯେ ସ୍ୱର୍ଗ-ନରକ ସବୁ ଏଇଠି ଅଛି। ଭଲ କାମ କରିବା ଏବଂ ସୁଖମୟ ଜୀବନ ଅତିବାହିତ କରିବା ସ୍ୱର୍ଗଠାରୁ କମ୍ ନୁହେଁ। ଏବଂ ଖରାପ କାମ କରି ତା'ର କୁପରିଣାମ ଭୋଗିବା ନରକ ଅଟେ। ଏହା ସମସ୍ତେ ଅନୁଭବ ମଧ୍ୟ କରନ୍ତି। ନିଜ ଆଖି ଆଗରେ ଏମିତି ଘଟୁଥିବାର ଦେଖନ୍ତି ମଧ୍ୟ। ନଜାଣି କେତେ କୋଟିପତି ବ୍ୟବସାୟୀ, ଦୁର୍ନୀତିଗ୍ରସ୍ତ ନେତା କିମ୍ବା ଜାଲିଆତି କରୁଥିବା ଅଫିସର ବେଇମାନିରେ ଟଙ୍କା ରୋଜଗାର କରିବା ପରେ ଦିନେ ଯେତେବେଳେ ଗିରଫ ହୋଇ ଜେଲ୍ ଯାଆନ୍ତି, ସେତେବେଳେ ଲୋକେ ଏହା କୁହନ୍ତି ଯେ 'ଦେଖ, ତାଙ୍କୁ ତାଙ୍କ କର୍ମର ଫଳ ମିଳିଗଲା।' କାଲି ପର୍ଯ୍ୟନ୍ତ ସେମାନେ ସ୍ୱର୍ଗ ଭୋଗୁଥିଲେ, ଆଜି ନରକ ଭୋଗୁଛନ୍ତି। ଅନ୍ୟପଟେ ସେହିମାନେ ସ୍ୱର୍ଗ ଭୋଗୁଛନ୍ତି, ଯେଉଁମାନେ ସନ୍ତୋଷୀ ଏବଂ ସୁଖୀ ଅଛନ୍ତି।

ଧର୍ମ-କର୍ମ ପଥରେ ଚାଲିବାର ଅର୍ଥ ଏହା ନୁହେଁ ଯେ ଲୋକେ କଟ୍ଟର ହୋଇଯାଆନ୍ତୁ ଏବଂ ନିଜ ନିଜ ଧର୍ମ ପାଇଁ ପରସ୍ପର ସହ ଲଢ଼ନ୍ତୁ। ଅନେକ ଲୋକ ଜୀବନର ସାର୍ଥକତା କେବଳ ଲୋକ କଲ୍ୟାଣ କାର୍ଯ୍ୟରେ ହିଁ ବୁଝନ୍ତି। ଏହା ହିଁ ପ୍ରକୃତ ଧାର୍ମିକତା। ସୋସିଆଲ ମିଡିଆ ଯୁଗରେ ଆମେ ସମସ୍ତେ ଏମିତି ଅନେକ ଭିଡିଓ ଦେଖୁ, ଯେଉଁଥିରେ କେହି ପୋଲିସବାଲା ଜଣେ ଗରିବଙ୍କୁ ସାହାଯ୍ୟ କରୁଛନ୍ତି, ତାଙ୍କୁ ଖାଦ୍ୟ ଖୁଆଉଛନ୍ତି, କେହି ଧନୀ ବ୍ୟକ୍ତି ଗରିବ ପିଲାଙ୍କୁ ଭଲ ପୋଷାକ ପିନ୍ଧାଉଛନ୍ତି, କିମ୍ବା କେହି କାହାର କୁଡ଼ିଆ ଘରକୁ ପକ୍କା ଘର କରିଦେଉଛନ୍ତି। ପରୋପକାରର ଏହିଭଳି ଅନେକ ଭିଡିଓ ଆମେ ଦେଖୁ। କିଛି ଲୋକ ନିଜର କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ସମାଜରେ ନୈତିକ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ଲାଗିଛନ୍ତି।

ଏହି ସମସ୍ତ କାର୍ଯ୍ୟ ହୃଦୟକୁ ପ୍ରସନ୍ନତାରେ ଭରିଦିଏ। ଯିଏ ଏହାକୁ ଦେଖେ ସେ ଖୁସି ହୁଏ ଏବଂ କିଛି ଶିକ୍ଷା କରେ। ଚଳଚ୍ଚିତ୍ର ନିର୍ମାତାଙ୍କୁ ମଧ୍ୟ ସନ୍ତୋଷ ମିଳେ ଯେ ସେ ଏକ ଭଲ କାମ କରିଛନ୍ତି। ଶ୍ରେଷ୍ଠ ସାହିତ୍ୟ ରଚନା କରି ମଧ୍ୟ ସୁଖର ଅନୁଭୂତି ହୁଏ। କହିବାର ତାତ୍ପର୍ଯ୍ୟ ହେଉଛି ଯେ, ସ୍ୱର୍ଗ-ନରକ ସବୁ ଏଇଠି ଅଛି। ଶ୍ରେଷ୍ଠ କର୍ମ ହିଁ ସ୍ୱର୍ଗ ଏବଂ ନୀଚ କର୍ମ ହିଁ ନରକ। ଯେଉଁମାନେ ବିବେକବାନ୍, ସେମାନେ ଏହି ମର୍ମକୁ ବୁଝନ୍ତି। ଯେଉଁମାନେ ଜାଣିଶୁଣି ଅଜଣା ହୋଇ ରୁହନ୍ତି, ସେମାନଙ୍କ ବିଷୟରେ କିଛି କୁହାଯାଇପାରିବ ନାହିଁ।

କୋଡାଙ୍ଗ, କୋଣାର୍କ
ମୋବାଇଲ୍: ୭୩୮୧୩୮୨୧୦

# ଜଳ ସମସ୍ୟା, ସୁରକ୍ଷା ଓ ଭବିଷ୍ୟତ ପଦକ୍ଷେପ



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପୃଥିବୀର ସମସ୍ତ ଜୀବଜଗତ ପାଇଁ ଜଳ ଅତ୍ୟାବଶ୍ୟକ। କୁହାଯାଏ ଯେ "ଜଳ ହିଁ ଜୀବନ", ଯାହା ଏହାର ଗୁରୁତ୍ୱକୁ ଦର୍ଶାଏ। ମାନବ ସଭ୍ୟତା ନଦୀ କୂଳରେ ଉତ୍ପତ୍ତି ହୋଇଥିଲା ଏବଂ ଜଳ ଉପରେ ଆଧାରିତ ହୋଇ ଅଗ୍ରଗତି କରିଛି। ତଥାପି, ଆଜିର ସମୟରେ, ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହେଉଛି। ବର୍ଦ୍ଧିତ ଜନସଂଖ୍ୟା, ଶିଳ୍ପାୟନ, ଜଳ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସମ୍ପଦ ହ୍ରାସ ପାଉଛି। ତେଣୁ, ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତ ପଦକ୍ଷେପ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଅନେକ ଦେଶ ଜଳ ଅଭାବ ସହିତ ସଂଘର୍ଷ କରୁଛନ୍ତି। ଯଦିଓ ପୃଥିବୀର ୭୦% ଜଳରେ ଆଚ୍ଛାଦିତ ତଥାପି ଶୁଦ୍ଧ ପାନୀୟ ଜଳର ପରିମାଣ ବହୁତ କମ୍ ଆଉ ଏଥିପାଇଁ ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀ, ହ୍ରଦ ଏବଂ ଝରଣାର ପ୍ରଦୂଷଣ, ପରିବେଶଗତ ଅସନ୍ତୁଳନ, ଅସମୟରେ ବର୍ଷା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଛି। ଯଦି ଏହି ସମସ୍ୟା ଲାଗାତର ଜାରି ରହେ, ତେବେ ଭବିଷ୍ୟତରେ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ମଧ୍ୟ ହୋଇପାରନ୍ତି। ଜଳ ସୁରକ୍ଷା ଅର୍ଥ ହେଉଛି ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ସ୍ୱଚ୍ଛ ଜଳ ଯୋଗାଣ ସୁନିଶ୍ଚିତ କରିବା। ଏହା କେବଳ ମାନବ ଜୀବନ ପାଇଁ ନୁହେଁ ବରଂ କୃଷି, ଶିଳ୍ପ ଏବଂ ପରିବେଶ ପାଇଁ ମଧ୍ୟ ଅତ୍ୟାବଶ୍ୟକ। ଜଳ ସୁରକ୍ଷା ବିନା ଅନେକ ସମସ୍ୟା ଉପୁଜିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବ ଏବଂ ଆର୍ଥିକ ଅଭିବୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହେବ। ଜଳ ସୁରକ୍ଷା ହେଉଛି ସ୍ଥାୟୀ ବିକାଶର ମୂଳଦୁଆ।

ଏହି ଜଳ ସମସ୍ୟାର ସମାଧାନ ପାଇଁ ଆମକୁ ରୀତିମତ ଅନେକ ଭବିଷ୍ୟତ ପଦକ୍ଷେପ ନେବାକୁ ପଡିବ। ପ୍ରଥମତଃ, ବର୍ଷାଜଳର ସଂଗ୍ରହ । ବର୍ଷା ହେଉଛି ପ୍ରାକୃତିକ ଜଳର ମୁଖ୍ୟ ଉତ୍ସ। ଆମେ ବର୍ଷାଜଳ ସଂଗ୍ରହ କରି ଭୂତଳ ଜଳ ପୁନଃ ପୂରଣ କରିପାରିବା। ଘର, ସ୍କୁଲ ଏବଂ କଳ କାରଖାନାରେ ବର୍ଷାଜଳ ସଂଗ୍ରହ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବା ଉଚିତ। ଦ୍ୱିତୀୟତଃରେ ଜଳ ସଂରକ୍ଷଣ ସଚେତନତା। ଲୋକଙ୍କୁ ଜଳ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରାଯିବା ଉଚିତ। ଅପଚୟ ଜଳ ବ୍ୟବହାରକୁ ରୋକିବା, ଲିକ୍ ହେଉଥିବା ପାଇପ୍ ମରାମତି କରିବା, କମ୍ ପାଣିରେ ଦୈନନ୍ଦିନ କାର୍ଯ୍ୟ ସମାପ୍ତ କରିବା ଇତ୍ୟାଦି ଛୋଟ ଛୋଟ ଅଭ୍ୟାସ ବିଷୟରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରଚୁର ପାଣି ସଞ୍ଚୟ କରିପାରିବ। ତୃତୀୟରେ ନଦୀ ଏବଂ ଜଳାଶୟକୁ ସଂରକ୍ଷଣ କରିବା। ନଦୀ, ହ୍ରଦ ଏବଂ ପୋଖରୀକୁ ପ୍ରଦୂଷଣରୁ ରକ୍ଷା କରିବା ଉଚିତ। ଶିଳ୍ପ ଏବଂ ଘରୋଇ ଅଳିଆ ଆବର୍ଜନାକୁ ସିଧାସଳଖ ଜଳାଶୟରେ ପକାଇବା ଉଚିତ ନୁହଁ । ଚତୁର୍ଥରେ ଭୂତଳ ଜଳର ବ୍ୟବସ୍ଥିତ ବ୍ୟବହାର। ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଜଳସ୍ତରକୁ ହ୍ରାସ କରୁଛି। ତେଣୁ, ଏହାର ବ୍ୟବହାର ନିୟନ୍ତ୍ରଣ କରାଯିବା ଉଚିତ ଏବଂ ପୁନଃ ସଂଗ୍ରହ ତଥା ପୂରଣ ବ୍ୟବସ୍ଥାକୁ ବିସ୍ତାର କରାଯିବା ଉଚିତ। ପଞ୍ଚମରେ କୃଷିରେ ଆଧୁନିକ ଜଳସେଚନ ବ୍ୟବସ୍ଥା ଗ୍ରହଣ କରିବା। କୃଷିରେ ପ୍ରଚୁର ପାଣି ବ୍ୟବହାର ହୁଏ । ତେଣୁ, ଡ୍ରିପ୍ ଜଳସେଚନ ଏବଂ ସିଞ୍ଚନକାରୀ ବ୍ୟବସ୍ଥା ଜଳ ବ୍ୟବହାରକୁ ହ୍ରାସ କରିପାରିବ। ଷଷ୍ଠରେ ଗଛ ଲଗାଇବା ଏବଂ ପରିବେଶ ସୁରକ୍ଷା ଜଳ ସଂରକ୍ଷଣରେ ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଗଛ ବର୍ଷାକୁ ଧରିଥାଏ ଏବଂ ଭୂତଳ ଜଳ ସଂରକ୍ଷଣ କରିଥାଏ। ସପ୍ତମରେ ଜଳ ପୁନଃବ୍ୟବହାର ଏବଂ ପୁନଃଚକ୍ରଣ। ଘରୋଇ ଏବଂ ଶିଳ୍ପ ଜଳକୁ ବିଶୋଧନ ଏବଂ ପୁନଃବ୍ୟବହାର କରାଯିବା ଉଚିତ। ଏହା ଜଳ ଅପଚୟକୁ ହ୍ରାସ କରିଥାଏ। ଅଷ୍ଟମରେ ସରକାରୀ ନୀତି ଏବଂ ଆଇନ। ଜଳ ସଂରକ୍ଷଣ ପାଇଁ ଦୃଢ଼ ନୀତି ଏବଂ ଆଇନ ଅତ୍ୟାବଶ୍ୟକ। ଜଳ ବ୍ୟବହାରକୁ ନିୟନ୍ତ୍ରଣ କରୁଥିବା ଏବଂ ଏହାକୁ ପ୍ରଦୂଷିତ କରୁଥିବା ଲୋକଙ୍କ ପାଇଁ କଠୋର ଆଇନ ଏବଂ ଦଣ୍ଡ ଆବଶ୍ୟକ। ନବମରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ଡିସାଲିନେସନ୍ ଏବଂ ସମୁଦ୍ର ଜଳ ବିଶୋଧନ ତଥା ଲୁଣି ପାଇଁକୁ ମଧୁର ପାଣିରେ ବ୍ୟବସ୍ଥା କରିବା ଏବଂ ସ୍ମାର୍ଟ ଜଳ ପରିଚାଳନା ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଜଳକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିପାରିବ। ଶେଷରେ, ଜଳ ସମ୍ପଦ ବିଷୟରେ ଅଧିକ ଗବେଷଣା ଏବଂ ଜ୍ଞାନ ଆବଶ୍ୟକ। ନୂତନ ପଦ୍ଧତି ଏବଂ ପ୍ରଯୁକ୍ତିବିଦ୍ୟା ଖୋଜି ଜଳ ସମସ୍ୟାର ସମାଧାନ କରାଯାଇପାରିବ।



ଜଳବାୟୁ ପରିବର୍ତ୍ତନ ଜଳ ସମ୍ପଦକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ବର୍ଷା ଧାରାରେ ପରିବର୍ତ୍ତନ ହେଉଛି, ଏବଂ ଝଡ଼ ଏବଂ ଗରମ ତରଙ୍ଗ ବୃଦ୍ଧି ପାଇଛି। ତେଣୁ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ମଧ୍ୟ ଜଳ ସୁରକ୍ଷାର ଏକ ଅଂଶ। ଆମ ଦେଶରେ, ଭାରତ ସରକାର ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେପରି - ଜଳ ଜୀବନ ମିଶନ, ନମାମି ଗଙ୍ଗେ ଯୋଜନା ଏବଂ ଅଟଳ ଭୂଜଳ ଯୋଜନା ଭଳି ବିଭିନ୍ନ ଜଳ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଏହି ସମସ୍ତ ପଦକ୍ଷେପ ଜଳ ସଂରକ୍ଷଣ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ। ଜଳ ସୁରକ୍ଷା ସରକାରଙ୍କ ଏକମାତ୍ର ଦାୟିତ୍ୱ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଏଥିରେ ଭୂମିକା ଗ୍ରହଣ କରିବା ଉଚିତ। ଉଦାହରଣ ସ୍ୱରୂପ, ପରିବାରର ଜଳ ବ୍ୟବହାର ହ୍ରାସ କରିବା ଉଚିତ୍ , ପୋଖରୀ ଏବଂ ନଦୀ ସଫା କରିବାରେ ଅଂଶଗ୍ରହଣ କରିବା ଉଚିତ୍ , ଗଛ ଲଗାଇବା ଆବଶ୍ୟକ ଏବଂ ସଚେତନତା ଅଭିଯାନରେ ଅଂଶଗ୍ରହଣ କରିବା ଆବଶ୍ୟକ । ଜଳ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ। ଯଦି ଆମେ ଏହି ବିଷୟରେ ଏବେ ପଦକ୍ଷେପ ନନେବୁ, ତେବେ ଭବିଷ୍ୟତରେ ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ହୋଇପଡ଼ିବ। ତେଣୁ ସଠିକ୍ ପଦକ୍ଷେପ ଏବଂ ସଚେତନତା ସହିତ, ଆମେ ଜଳ ସମ୍ପଦକୁ ସୁରକ୍ଷା ଦେଇପାରିବା। ଯେପରି କୁହାଯାଏ, "ଆଜିର ସଂରକ୍ଷଣ ଆଗାମୀର ଜୀବନ " - ଏହି ମୌଳିକ ମନ୍ତ୍ରକୁ ମନରେ ରଖି ଆମେ ସମସ୍ତେ ଜଳ ସଂରକ୍ଷଣ ସହିତ ଆଗକୁ ବଢ଼ିବା ଉଚିତ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍:୮୨୪୯୫୦୨୭୭୬

# ଇରାନ ପଥରେ ଇଣ୍ଡୋନେସିଆ!






## ଷ୍ଟ୍ରେଟ୍ ଅଫ୍ ମଲାକାରେ ଲାଗୁହେବ ବାଣିଜ୍ୟିକ ଶୁଳ୍କ

## ଅର୍ଥମନ୍ତ୍ରୀ ପୂର୍ବାୟ ଯୁଧିଙ୍କ ସୂଚନା

## ସବୁଠୁ ଅଧିକ ପ୍ରଭାବିତ ହେବ ଭାରତ

## ପ୍ରସ୍ତାବକୁ ସିଙ୍ଗାପୁରର ବିରୋଧ

**ଜାକର୍ତ୍ତା, ୨୪।୪:** ବିଶ୍ୱ ତୈଳ ବାଣିଜ୍ୟର ନାଭିକେନ୍ଦ୍ର କୁହାଯାଉଥିବା ହର୍ମୁଜ ପ୍ରଣାଳୀ ବା ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ଏଯାଏ ବିବାଦ ଥମିନି। ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଏବେ ମଧ୍ୟ ଜାରି ରହିଛି। ଏଭଳି ସ୍ଥିତିରେ ପୁଣି ଏକ ସାମୁଦ୍ରିକ ପଥ ବିଶ୍ୱ ପାଇଁ ମୁଣ୍ଡବ୍ୟଥାର କାରଣ ହେଇପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଏହି ଜଳପ୍ରଣାଳୀ ହେଉଛି ମଲାକା ପ୍ରଣାଳୀ ବା ଷ୍ଟ୍ରେଟ୍ ଅଫ୍ ମଲାକା। ସୂଚନାଯୋଗ୍ୟ, ଷ୍ଟ୍ରେଟ୍ ଅଫ୍ ମଲାକା ହେଉଛି ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଏବଂ ମାଲଦ୍ୱୀପ ମଧ୍ୟରେ ଅବସ୍ଥିତ ୯ଶହ କିଲୋମିଟର (୫୬୦ ମାଇଲ) ଦୈର୍ଘ୍ୟ ବିଶିଷ୍ଟ ଏକ ସଂକୀର୍ଣ୍ଣ ଜଳପ୍ରଣାଳୀ, ଯାହା ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରିଥାଏ। ତଥ୍ୟ ଅନୁଯାୟୀ, ବିଶ୍ୱର ମୋଟ୍ ସାମୁଦ୍ରିକ ବାଣିଜ୍ୟର ପ୍ରାୟ ୨୫%ରୁ ୪୦% କେବଳ ଏହି ସଂକୀର୍ଣ୍ଣ ପଥ ଦେଇ ଅତିକ୍ରମ କରିଥାଏ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଉପରେ ଇରାନର ଆଧିପତ୍ୟ ରହିଥିବା ଭଳି ଷ୍ଟ୍ରେଟ୍ ଅଫ୍ ମଲାକା ଉପରେ ଇଣ୍ଡୋନେସିଆର ଅଧିକାର ରହିଛି। ଇଣ୍ଡୋନେସିଆ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଲେଭି ବା ଟୋଲ୍ ଟ୍ୟାକ୍ସ ଲଗାଇବାକୁ ଯୋଜନା କରୁଛି। ଇଣ୍ଡୋନେସିଆର ଗଣମାଧ୍ୟମଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଜାହାଜ କରିଡର ମଧ୍ୟରୁ ଅନ୍ୟତମ ଷ୍ଟ୍ରେଟ ଅଫ୍ ମଲାକାକୁ ରାଜ୍ୟ ରାଜସ୍ୱର ଏକ ନୂତନ ଉତ୍ସରେ ପରିଣତ କରିବା ପାଇଁ ଇଣ୍ଡୋନେସିଆ ଚିନ୍ତା କରୁଛି। ସେଥିଲାଗି ମଲାକା ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଶୁଳ୍କ ଲାଗୁ କରିବାକୁ ବିଚାର କରୁଛି। ଜାକର୍ତ୍ତାର ଏକ ଆଲୋଚନାଚକ୍ରରେ ଯୋଗଦେଇ ଇଣ୍ଡୋନେସିଆର ଅର୍ଥମନ୍ତ୍ରୀ ପୂର୍ବାୟ ଯୁଧି ସାଦେୱା କହିଛନ୍ତି ଯେ, ଷ୍ଟ୍ରେଟ୍ ଅଫ୍ ମଲାକା ଉପରେ ଇଣ୍ଡୋନେସିଆର ଅଧିକାର ଥିବା ସତ୍ତ୍ୱେ ଏହି ବାଟ ଦେଇ ଯାଉଥିବା ଜାହାଜଗୁଡ଼ିକ ବିନା ଶୁଳ୍କ ଦେୟରେ ମାଲ ପରିବହନ କରୁଛନ୍ତି। ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ ବିଶ୍ୱ ବାଣିଜ୍ୟରେ ଇଣ୍ଡୋନେସିଆର ଭୂମିକାକୁ ଉନ୍ନତ କରିବା ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ଷ୍ଟ୍ରେଟ୍ ଅଫ୍ ମଲାକାରେ ଶୁଳ୍କ ଲାଗୁ କରିବା ପ୍ରସ୍ତାବ ହେଉଛି ତାହାର ଏକ ପ୍ରତିଫଳନ। ଜାକର୍ତ୍ତା ଗ୍ଲୋବ୍‌କୁ ସୂଚନା ଦେଇ ସେ କହିଛନ୍ତି ଯେ, ସୁଏଜ୍ କେନାଲ୍ କିମ୍ବା ପାନାମା କେନାଲ୍ ଭଳି ମଲାକା ଷ୍ଟ୍ରେଟ୍ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ଷକୁ ହଜାର ହଜାର ଜାହାଜ ଏହି ପଥ ଦେଇ ଯାଉଥିଲେ ବି ଉପକୂଳବର୍ତ୍ତୀ ଦେଶମାନଙ୍କୁ କୌଣସି ଆର୍ଥିକ ଲାଭ ମିଳୁନାହିଁ। ତେଣୁ ଏଠାରେ ଟ୍ୟାକ୍ସ ଲଗାଇବା ଯୁକ୍ତିଯୁକ୍ତ ବୋଲି ସେ ଦର୍ଶାଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ଇଣ୍ଡୋନେସିଆ ଏହି ପ୍ରସ୍ତାବକୁ ବାସ୍ତବରେ କାର୍ଯ୍ୟକାରୀ କରେ, ତା'ହେଲେ ଭାରତ ସମେତ ଅନେକ ଏସୀୟ ଦେଶର ରପ୍ତାନି ଓ ଆମଦାନୀ ବ୍ୟୟ ବହୁଗୁଣିତ ହୋଇଯିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଇଣ୍ଡୋନେସିଆର ଏହି ପ୍ରସ୍ତାବକୁ ସିଙ୍ଗାପୁର କଡ଼ା ବିରୋଧ କରିଛି। ସିଙ୍ଗାପୁର ବୈଦେଶିକ ମନ୍ତ୍ରୀ ବିଭିୟନ ବାଲାକ୍ରିଷ୍ଣନ ସ୍ପଷ୍ଟ କରିଛନ୍ତି ଯେ, ଏହି ଜଳପଥ ସମସ୍ତଙ୍କ ପାଇଁ ମୁକ୍ତ ଏବଂ ମାଗଣା ରହିବା ଉଚିତ। ସାମୁଦ୍ରିକ ଆଇନ ଅନୁଯାୟୀ, ଏହି ପଥ ଦେଇ ଗମନାଗମନ କରିବା ସମସ୍ତ ଦେଶର ଅଧିକାର। ସିଙ୍ଗାପୁର କୌଣସି ପ୍ରକାରର ଟୋଲ୍ କିମ୍ବା ପ୍ରତିବନ୍ଧକକୁ ସମର୍ଥନ କରିବ ନାହିଁ।

ଅପରପକ୍ଷରେ, ଭାରତ ପାଇଁ ମଲାକା ଷ୍ଟ୍ରେଟ୍ କେବଳ ଏକ ଜଳପଥ ନୁହେଁ, ବରଂ ଏହାକୁ ଦେଶର 'ଅର୍ଥନୈତିକ ଜୀବନରେଖା' କହିଲେ ଭୁଲ୍ ହେବନାହିଁ। ଭାରତର ସମୁଦ୍ର ପଥରେ ହେଉଥିବା ମୋଟ୍ ବାଣିଜ୍ୟର ପ୍ରାୟ ୫୫% ରୁ ୬୦% ଏହି ମଲାକା ଷ୍ଟ୍ରେଟ୍ ଦେଇ ହୋଇଥାଏ। ଏହି ପଥ ଦେଇ ଭାରତକୁ ଏଲଏନଜି, କୋଇଲା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ଔଷଧ ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ଆସିଥାଏ। ଟୋଲ୍ ଲାଗିବା ଦ୍ୱାରା ପରିବହନ ଖର୍ଚ୍ଚ ବଢ଼ିବ। ଫଳରେ ସାଧାରଣ ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ହେବ।

# ଟ୍ରମ୍ପଙ୍କୁ କ୍ଷମା ମାଗିବାକୁ ପଡ଼ିବ: ଇରାନ ଧର୍ମଗୁରୁ



**ତେହେରାନ, ୨୪।୪:** ଇରାନରେ ସୁପ୍ରିମ୍ ଲିଡର ଅୟାତୁଲ୍ଲା ଅଲୀ ଖାମେନିଙ୍କ ମୃତ୍ୟୁ ନେଇ କ୍ରୋଧ ଥମିନାହିଁ। ଡୋନାଲ୍ଡ ଟ୍ରମ୍ପଙ୍କୁ ଏଥିପାଇଁ ଇରାନର ଲୋକମାନଙ୍କୁ କ୍ଷମା ମାଗିବାକୁ ହେବ ବୋଲି ଇରାନର ବରିଷ୍ଠ ଧର୍ମଗୁରୁ ଅଲୀ ଶିରାଜୀ ଦାବି କରିଛନ୍ତି। ଅଲି ଶିରାଜୀ ହେଉଚନ୍ତି ଇରାନ ପୁଲିସର ଆଇଡୋଜିକାଲ-ପଲିଟିକାଲ ଅର୍ଗାନାଇଜେସନର ମୁଖ୍ୟ। ଇରାନ ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ, ସେ କହିଛନ୍ତି ଯେ, ଟ୍ରମ୍ପଙ୍କୁ ଇରାନୀ ଲୋକଙ୍କୁ କ୍ଷମା ମାଗିବାକୁ ହେବ। ତାଙ୍କୁ ପୂରା ଦୁନିଆ ସାମ୍ନାରେ ଏହା କହିବାକୁ ହେବ ଯେ, ଆମ ନେତାଙ୍କୁ ହତ୍ୟା କରିବା ତାଙ୍କର ଏକ ଭୁଲ୍ ଥିଲା। ଧର୍ମଗୁରୁ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ, ଇରାନର ସଶସ୍ତ୍ର ସେନା ଶତ୍ରୁର କୌଣସି ବି ଆକ୍ରମଣର ଜୋରଦାର ଜବାବ ଦେବାକୁ ପ୍ରସ୍ତୁତ ଅଛନ୍ତି।

# ଆସ୍ଥାଭୋଟରେ ଜିତିଲେ ସମ୍ରାଟ



**ପାଟନା, ୨୪।୪:** ବିହାର ବିଧାନସଭାରେ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ଆସ୍ଥା ଭୋଟ ହାସଲ କରିବାରେ ସଫଳ ହୋଇଛି। ଶୁକ୍ରବାର ବିହାର ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନରେ ଏହି ଆସ୍ଥାଭୋଟ ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ବାଚନିକ ଭୋଟରେ ଆସ୍ଥା ପ୍ରସ୍ତାବ ଗୃହୀତ ହୋଇଥିଲା। ୨୪୩ ସଦସ୍ୟ ବିଶିଷ୍ଟ ଗୃହରେ ବର୍ତ୍ତମାନ ବିଜେପି ନେତୃତ୍ୱାଧୀନ ସରକାର ୨୦୨ ଆସନ ସହିତ ସର୍ବାଧିକ ସଂଖ୍ୟା ଗରିଷ୍ଠତା ଉପଭୋଗ କରୁଛି। ରାଜ୍ୟସଭାକୁ ନିର୍ବାଚିତ ହୋଇ ଜେଡି(ୟୁ) ସଭାପତି ନୀତିଶ କୁମାର ଇସ୍ତଫା ଦେବା ପରେ ସମ୍ରାଟ ଚୌଧୁରୀ ରାଜ୍ୟରେ ପ୍ରଥମ ବିଜେପି ନେତା ଭାବରେ ସରକାରର ନେତୃତ୍ୱ ନେଇଛନ୍ତି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏହି ବିଶ୍ୱାସ ଭୋଟରେ ଭାଗ ନେଇଥିବାବେଳେ ସେ ଚିରାଚରିତ ଢ଼ଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସମ୍ରାଟ୍ ଚୌଧୁରୀ ଲାଲୁ ପ୍ରସାଦ ଯାଦବଙ୍କ ପାଠଶାଳାରୁ ଆସିଛନ୍ତି। ଏହାଠାରୁ ଭଲ ଆଉ କ'ଣ ବା ହୋଇପାରେ ବୋଲି ତେଜସ୍ୱୀ କଟାକ୍ଷ କରିଛନ୍ତି।

# ଗୁପ୍ତ ସ୍ଥାନରେ ଚାଲିଛି ମୋଜତବା ଖାମେନିଙ୍କ ଚିକିତ୍ସା

**ତେହେରାନ, ୨୪।୪:** ଇରାନର ସର୍ବୋଚ୍ଚ ନେତା ଅୟାତୁଲ୍ଲା ଅଲ୍ଲି ଖାମେନିଙ୍କ ମୃତ୍ୟୁ ପରେ ଦେଶର ଶାସନ ଭାର ନିଜ କାନ୍ଧକୁ ନେଇଥିବା ତାଙ୍କ ପୁଅ ପୁଅ ମୋଜତବା ଖାମେନି ଏୟାର ଷ୍ଟ୍ରାଇକରେ ଗୁରୁତର ହେବା ସହ ଦୁଇ ମାସ ଧରି ସଂଘର୍ଷ ଜାରି ରଖିଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ସେନା ପକ୍ଷରୁ ଅୟାତୁଲ୍ଲା ଅଲି ଖାମେନିଙ୍କ ବାସଭବନ ଓ କାର୍ଯ୍ୟାଳୟ ପରିସର ଉପରେ ପ୍ରବଳ ବୋମାମାଡ଼ କରାଯାଇଥିଲା। 'ନ୍ୟୁୟର୍କ ଟାଇମ୍ସ' ରିପୋର୍ଟ ମୁତାବକ, ଏହି ଆକ୍ରମଣ ସମୟରେ ମୋଜତବା ବିସ୍ଫୋରଣର ଶିକାର ହୋଇଥିଲେ। ସେ ଏକ ଗୁପ୍ତ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣରେ ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।



ବର୍ତ୍ତମାନ ସୁଦ୍ଧା ସେହି ଗୋଡ଼ର ତିନିଥର ଅପରେସନ କରାଯାଇଛି। ଖୁବଶୀଘ୍ର ତାଙ୍କର କୃତ୍ରିମ ଗୋଡ଼ ଲଗାଯିବାର ଯୋଜନା ରହିଛି। ସେହିପରି ବିସ୍ଫୋରଣରେ ତାଙ୍କ ମୁହଁ ପୋଡ଼ି ଯାଇଛି। ସେ କଥା କହିପାରୁ ନାହାନ୍ତି। ଗୁପ୍ତ ସ୍ଥାନରେ ତାଙ୍କୁ ରଖାଯାଇଛି। ଇସ୍ରାଏଲର ସମ୍ଭାବ୍ୟ ଆକ୍ରମଣ ଭୟରେ ମୋଜତବାଙ୍କୁ କେଉଁଠାରେ ରଖାଯାଇଛି, ତାହା କେବଳ କିଛି ବିଶ୍ୱସ୍ତ ଅଧିକାରୀ ଜାଣିଛନ୍ତି। ଇରାନର ରାଷ୍ଟ୍ରପତି ମସୁଦ ପେଜେଶକିଆନ ନିଜେ ଜଣେ ପ୍ରତିଷ୍ଠିତ ହାର୍ଟ ସର୍ଜନ ହୋଇଥିବାରୁ ସେ ନିଜେ ମୋଜତବାଙ୍କ ଚିକିତ୍ସାର ତଦାରଖ କରୁଛନ୍ତି। ମୋଜତବା ଅସୁସ୍ଥ ଥିବାରୁ ଏବେ ଇରାନର ଅସଲ କ୍ଷମତା ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ ବା ଆଇଆରଜିସି ହାତକୁ ଚାଲିଯାଇଛି।



## ଦେଶର ପ୍ରାଥମିକ ସ୍ୱାର୍ଥ ସହ ସାଲିସ କରିବନି ଭାରତ

# ଆକ୍ରମଣ ମୋଡ଼ରେ ଭାରତୀୟ ନୌସେନା

**ନୂଆଦିଲ୍ଲୀ, ୨୪।୪:** ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନା ମଧ୍ୟରେ ଏବେ 'ହୋର୍ମୁଜ ପ୍ରଣାଳୀ' ବିଶ୍ୱ ଯୁଦ୍ଧର ନୂଆ କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ହର୍ମୁଜକୁ ନେଇ ଭାରତୀୟ ନୌସେନା ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଭାରତ କୌଣସି ପରିପ୍ରେକ୍ଷୀରେ ତା'ର ପ୍ରାଥମିକ ସ୍ୱାର୍ଥ ସହ ସାଲିସ କରିବ ନାହିଁ ବୋଲି ଭାରତୀୟ ନୌସେନା ସ୍ପଷ୍ଟ କରିଦେଇଛି। ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ ଡି.କେ. ତ୍ରିପାଠୀ ଦେଶର ନୂତନ ସାମୁଦ୍ରିକ ସୁରକ୍ଷା ରଣନୀତି ଜାରି କରିଛନ୍ତି। ଏହି ରଣନୀତିରେ ହୋର୍ମୁଜ ପ୍ରଣାଳୀକୁ ଭାରତ ତା'ର ପ୍ରାଥମିକ ସ୍ୱାର୍ଥ ବା ପ୍ରାଇମେରୀ ଏରିଆ ଅଫ୍ ଇଣ୍ଟ୍ରେଷ୍ଟ ଭାବେ ଘୋଷଣା କରିଛି। ହର୍ମୁଜ ଅଞ୍ଚଳରେ ହେଉଥିବା ପ୍ରତ୍ୟେକଟି ସାମରିକ ଓ ଭୂ-ରାଜନୈତିକ ଗତିବିଧି ଉପରେ ଭାରତୀୟ ନୌସେନାର ସିଧାସଳଖ ନଜର ରହିବ ଏବଂ ଆବଶ୍ୟକ ପଡ଼ିଲେ କଠୋର ପଦକ୍ଷେପ ନେବ ବୋଲି ଭାରତୀୟ ନୌସେନା ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ, ୧୮ ଏପ୍ରିଲ ୨୦୨୬ରେ ହୋର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଦୁଇଟି ଭାରତୀୟ ଜାହାଜ ଉପରକୁ ଇରାନ ସେନା ଗୁଳି ଚଳାଇଥିଲେ, ଯାହାଫଳରେ ଜାହାଜ ଦୁଇଟିକୁ ବାଧ୍ୟ ହୋଇ ପାରସ୍ୟ ଉପସାଗରକୁ ଫେରିବାକୁ ପଡ଼ିଥିଲା । ୨୨ ଏପ୍ରିଲ ୨୦୨୬ରେ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଦୁଇଟି ବିଦେଶୀ ଜାହାଜକୁ କବଜା କରିନେଇଛନ୍ତି। 'ୟୁଫୋରିଆ' ନାମକ ଏକ ଜାହାଜ ଉପରେ ଇରାନ ଗୁଳିମାଡ଼ କରିଛି, ଯେଉଁଥିରେ ୨୧ ଜଣ ଭାରତୀୟ କ୍ରୁ ସଦସ୍ୟ ରହିଛନ୍ତି। ତଥ୍ୟ ଅନୁଯାୟୀ, ବର୍ତ୍ତମାନ ପାରସ୍ୟ ଉପସାଗରରେ ପ୍ରାୟ ୧୩ଟି ଭାରତୀୟ ଏବଂ ଗୋଟିଏ ଭାରତୀୟ ମାଲିକାନା ବିଶିଷ୍ଟ ବିଦେଶୀ ଜାହାଜ ଅଟକି ରହିଛି। ସେମାନଙ୍କ ସୁରକ୍ଷା ପାଇଁ ଭାରତୀୟ ନୌସେନାର ୭ଟି ଯୁଦ୍ଧ ଜାହାଜ ହର୍ମୁଜ ପ୍ରଣାଳୀ ନିକଟରେ ଲଙ୍ଗର ପକାଇ ପ୍ରସ୍ତୁତ ରହିଛନ୍ତି। ଇରାନ ଏବଂ ପାଶ୍ଚାତ୍ୟ ଦେଶଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଜାରି ରହିଥିବା ପରିପ୍ରେକ୍ଷୀରେ ଭାରତୀୟ ନୌସେନାର ବର୍ଦ୍ଧିତ ଶକ୍ତି ଏବଂ ରଣନୈତିକ ପ୍ରସ୍ତୁତି ସ୍ପଷ୍ଟ ସଙ୍କେତ ଦେଉଛି ଯେ, ନିଜର ନାବିକ ଏବଂ ବାଣିଜ୍ୟିକ ସ୍ୱାର୍ଥ ରକ୍ଷା ପାଇଁ ଭାରତ ଯେକୌଣସି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ଅଛି।

ଆପ୍‌କୁ ଝଟ୍‌କା

# ବିଜେପିରେ ଯୋଗଦେଲେ ରାଘବ ଚଢ଼ା



## ପଞ୍ଜାବବାସୀଙ୍କୁ ଧୋକ୍କା: କେଜ୍ରିୱାଲ

**ନୂଆଦିଲ୍ଲୀ, ୨୪।୪:** ସଂସଦରେ ଲୋକଙ୍କ ସ୍ୱାର୍ଥ ସପକ୍ଷରେ କହି ରାତାରାତ ସମଗ୍ର ଦେଶରେ ଲୋକପ୍ରିୟ ହୋଇ ଯାଇଥିବା ଆମ ଆଦମୀ ପାର୍ଟି ରାଜ୍ୟସଭା ସାଂସଦ ଆପ୍ ପରିତ୍ୟାଗ କରିଛନ୍ତି। ଏଥିସହିତ ସେ ଭାରତୀୟ ଜନତା ପାର୍ଟି (ବିଜେପି) ରେ ସାମିଲ ହୋଇଥିବା ଶୁକ୍ରବାର ଏକ ପ୍ରେସମିଟ୍ କରି ସେ ଏହି ସୂଚନା ଦେଇଛନ୍ତି। ଦଳତ୍ୟାଗ ଘୋଷଣା ପରେ ସେ କହିଛନ୍ତି, ଆପ୍ ଯେଉଁ ଆଦର୍ଶ ଓ ମୂଲ୍ୟବୋଧ ନେଇ ପ୍ରତିଷ୍ଠା ହୋଇଥିଲା ତାହା ସେଥିରୁ ସମ୍ପୂର୍ଣ୍ଣ ଭାବେ ବିଚ୍ୟୁତ ହୋଇଛି। ମୁଁ ଦଳ ଛାଡ଼ି ଲୋକଙ୍କ ପାଖକୁ ଯାଉଛି। ତେବେ ରାଘବ ଚଢ଼ାଙ୍କ ଆପ୍ ଛାଡ଼ି ବିଜେପିରେ ସାମିଲ ହେବା ପ୍ରସଙ୍ଗକୁ ନେଇ ଏବେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ଚଢ଼ା କହିଛନ୍ତି ଯେ, ଆମ୍ ଆଦମୀ ପାର୍ଟି ଏବେ ଦୁର୍ନୀତିଗ୍ରସ୍ତ ଲୋକଙ୍କ ହାତରେ ଅଛି। ତେଣୁ ମୁଁ ଆପ୍ ଏବଂ ଜନସାଧାରଣଙ୍କ ମଧ୍ୟରୁ ଦୂରେଇ ଯାଉଛି। ଏହି ଅବସରରେ ସେ କହିଛନ୍ତି, ଆଜି ଆମେ ବିଜେପିରେ ମିଶୁଛୁ। ରାଜ୍ୟସଭାର ଦୁଇ-ତୃତୀୟାଂଶ ସାଂସଦ ବିଜେପିରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ସଂକଳ୍ପରେ ଆମେ ଏବେ ତାଙ୍କୁ ଅଟଳ ଭାବରେ ସମର୍ଥନ କରିବୁ। ଆମେ ଏଠାକୁ ଆମର କ୍ୟାରିଅର ଗଢ଼ିବାକୁ ଆସିନାହୁଁ। ବରଂ ଆମର କ୍ୟାରିଅରକୁ ପଛରେ ପକାଇବାକୁ ଆସିଛୁ। ଆପ୍ ସାଂସଦ ସନ୍ଦୀପ ପାଠକ କହିଛନ୍ତି, ଆମ ଆଦମୀ ପାର୍ଟିର ରାଜ୍ୟସଭାରେ ମୋଟ ୧୦ ଜଣ ସାଂସଦ ଅଛନ୍ତି, ଯାହାଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ଆମ ସହିତ ଅଛନ୍ତି। ଆମେ ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟରେ ସେମାନଙ୍କର ଦସ୍ତଖତ ଦାଖଲ କରିଛୁ। ମୁଁ କେବେ କଳ୍ପନା କରି ନଥିଲି ଯେ ମୋ ଜୀବନରେ ଏହି ପରିସ୍ଥିତି ସୃଷ୍ଟି ହେବ। ମୁଁ ୧୦ ବର୍ଷ ଧରି ଏହି ଦଳ ସହିତ ଜଡ଼ିତ। ଆଜି ମୁଁ ଆମ ଆଦମୀ ପାର୍ଟିରୁ ଅଲଗା ହେଉଛି।

ସୂଚନାଯୋଗ୍ୟ ଯେ, ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ସହ ୭ ସାଂସଦ ଦଳ ଛାଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଆପ୍ ଛାଡ଼ି ବିଜେପିରେ ସାମିଲ ହୋଇଥିବା ସାଂସଦମାନେ ହେଉଛନ୍ତି ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ସ୍ୱାତୀ ମାଲିଓ୍ୱାଲ, ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ବିକ୍ରମଜିତ ସାହନି, ବଲବୀର ସିଂ ସେଚେଓ୍ୱାଲ।

# ମେଲୋନିଙ୍କ କାନ ଝୁମୁକା ଭାରତୀୟଙ୍କ ହୃଦୟ ଜିତିଲା

**ରୋମ/ନୂଆଦିଲ୍ଲୀ, ୨୪।୪:** ଝୁଲନ୍ତା କାନଫୁଲ ବା କାନ ଝୁମୁକା ପିନ୍ଧି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ସୋସିଆଲ ମିଡିଆ ପ୍ଲାଟଫର୍ମରେ ସେୟାର କରିଥିବା ଫଟୋଟି ଭାରତୀଙ୍କ ହୃଦୟ ଜିତି ନେଇଛି। ଇଟାଲୀୟ ପ୍ରଧାନମନ୍ତ୍ରୀ ମେଲୋନିଙ୍କ 'ଦେଶୀ' (ପାରମ୍ପରିକ ଭାରତୀୟ) ଶୈଳୀ ହିଁ



ଭାରତୀୟଙ୍କଠାରୁ ପ୍ରଶଂସା ସାଉଣ୍ଟିଛି। ଫଟୋ ପୋଷ୍ଟ ହେବାର ମାତ୍ର କିଛିଘଣ୍ଟା ମଧ୍ୟରେ ଆଲୋଚନା ଭୂ-ରାଜନୀତିରୁ ଦୂରେଇ ଯାଇ ମୁଖ୍ୟତଃ 'ଝୁମକା' ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ମେଲୋନିଙ୍କ କାନଫୁଲ ସମ୍ପର୍କରେ ମଜାଦାର ପ୍ରତିକ୍ରିୟା ଆସିଥିଲା। ଜଣେ ୟୁଜର ଏକ ଲୁପ ବଲିଉଡ ଜିଆଇଏଫ୍ ପୋଷ୍ଟ କରିଛନ୍ତି ଯାହାର କ୍ୟାପସନ 'ହ୍ୱାଟ ଝୁମକା'- ଏକ ଲୋକପ୍ରିୟ ବଲିଉଡ ଗୀତର ଏକ ଉଲ୍ଲେଖ। ଏହା ସହିତ, ଅନ୍ୟ ଜଣେ ୟୁଜର ମେଲୋନିଙ୍କୁ ପଚାରିଛନ୍ତି, 'ତୁମେ ଏହି ଝୁମକା କିପରି ପାଇଲା'

# ରେକର୍ଡ ମତଦାନକୁ ନେଇ ଖୁସି ବ୍ୟକ୍ତକଲେ ମୁଖ୍ୟ ବିଚାରପତି



**ନୂଆଦିଲ୍ଲୀ, ୨୪।୪:** ଜାରି ରହିଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ବିପୁଳ ମତଦାନକୁ ନେଇ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଖୁସୀ ବ୍ୟକ୍ତ କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ବମ୍ପର ୯୨ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ଦେଖି ସେ ଖୁବ୍ ଖୁସି। ସୁପ୍ରିମକୋର୍ଟରେ ବଙ୍ଗଳା ନିର୍ବାଚନରେ ଭୋଟ୍ ଦେବାକୁ ଆବେଦନ କରିଥିବା ୭୧ ଜଣଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରୁଥିବା ସମୟରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପରେ ଏହି ବ୍ୟକ୍ତିମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିଲା ଏବଂ ସେମାନଙ୍କର ମାମଲା ବର୍ତ୍ତମାନ ଆପିଲେଟ ଟ୍ରିବ୍ୟୁନାଲ ସମ୍ମୁଖରେ ବିଚାରାଧୀନ ଅଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ବିପୁଲ ଏମ୍. ପଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠକୁ ସୂଚନା ଦିଆଯାଇଥିଲା ଯେ, ଗୁରୁବାର (୨୩ ଏପ୍ରିଲ ୨୦୨୬) ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୯୨ ପ୍ରତିଶତରୁ ଅଧିକ ମତଦାନ ରେକର୍ଡ କରାଯାଇଛି। ଭାରତର ଜଣେ ନାଗରିକ ଭାବରେ, ଏତେ ସଂଖ୍ୟାରେ ଲୋକଙ୍କୁ ଭୋଟ୍ ଦେଉଥିବା ଦେଖି ମୁଁ ଖୁସି। ଏହା ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଜରୁରୀ ବୋଲି ମୁଖ୍ୟ ବିଚାରପତି କହିଛନ୍ତି।

# ମଣିପୁରରେ ହିଂସା, ୩ ମୃତ

**ଇମ୍ଫାଲ/ନୂଆଦିଲ୍ଲୀ:** ମଣିପୁରର ଉଖରୁଲ ଜିଲ୍ଲାରେ ହୋଇଥିବା ପୃଥକ ପୃଥକ ଗୁଳିବିନିମୟରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ସୀମାନ୍ତ ରାଜ୍ୟର କୁକି ଏବଂ ତାଙ୍ଗଖୁଲ ନାଗା ଜନଜାତି ମଧ୍ୟରେ ଉତ୍ତେଜନା ଦେଖାଦେଇଥିବା ବେଳେ ଗୋଟିଏ ଗାଁରେ ଘର ପୋଡ଼ି ଦିଆଯାଇଛି। ଉଭୟ ଜନଜାତିର ନାଗରିକ ସମାଜ ସଂଗଠନ ପରସ୍ପରକୁ ଦୋଷାରୋପ କରିଛନ୍ତି। ସୁରକ୍ଷା କର୍ମୀମାନେ ଆଜି ପୂର୍ବାହ୍ଣ ୧୧ଟା ୨୫ ମିନିଟରେ ଦୁଇଜଣଙ୍କ ଶବ ଉଦ୍ଧାର କରିଛନ୍ତି। ଆଜି ଭୋରୁ ହେବା ଆଗରୁ ଉଖରୁଲର ସୋଙ୍ଗଫାଲ ଏବଂ ମୁଲ୍ଲାମର କୁକି ଗ୍ରାମ ଉପରେ ସନ୍ଦିଗ୍ଧ ନାଗା ବିଦ୍ରୋହୀମାନେ ଆକ୍ରମଣ କରିଥିବା କୁକି ନାଗରିକ ସମାଜ ସଂଗଠନ ଏକ ବିବୃତ୍ତିରେ ଅଭିଯୋଗ କରିଛି। ଆକ୍ରମଣରେ ଗ୍ରାମର ସ୍ୱେଚ୍ଛାସେବୀ ଦୁଇଜଣ ନିହତ ହୋଇଥିବାବେଳେ ଆକ୍ରମଣରେ ବହୁ ମହିଳା ଓ ଶିଶୁ ଆହତ ହୋଇଥିବା ସଂଗଠନ କହିଛି। ମୁଲ୍ଲାମ ଗ୍ରାମ ଅଧିକାରୀ ଏହାକୁ ନିନ୍ଦା କରିଥିବା ବେଳେ ନାଗା ସଂଗଠନ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଅନ୍ୟଏକ ଘଟଣାକ୍ରମରେ ବିଷ୍ଣୁପୁର ଜିଲ୍ଲାରେ ବୋମାମାଡ଼ରେ ଦୁଇଶିଶୁ ମୃତ୍ୟୁବରଣ କରିଥିବା ଘଟଣାକୁ ନେଇ ମହିଳାମାନେ ଆଜି ରାସ୍ତାକୁ ଓହ୍ଲାଇଛନ୍ତି।

## ତେଲଙ୍ଗାନା ସରକାରଙ୍କ ବଡ଼ ନିଷ୍ପତ୍ତି !

# କଟିବ ବିଧାୟକ ଓ ମନ୍ତ୍ରୀଙ୍କ ୫୦% ଦରମା

**ହାଇଦ୍ରାବାଦ, ୨୪।୪:** ତେଲଙ୍ଗାନା ସରକାରଙ୍କ ବଡ଼ ନିଷ୍ପତ୍ତି । ଏହି ନିଷ୍ପତ୍ତି ଅନୁଯାୟୀ, ମନ୍ତ୍ରୀ ଏବଂ ବିଧାୟକଙ୍କ ଅଧା ଦରମା କାଟି ଦିଆଯିବ । ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପେନସନ ଦେବା ପାଇଁ ଐତିହାସିକ ନିଷ୍ପତ୍ତି ନିଆଯାଇଛି । ବକେୟା ପେନସନ ଦେବାକୁ ତେଲଙ୍ଗାନା ସରକାରଙ୍କ ତରଫରୁ ଏକ ସ୍ପେଶାଲ କମିଟି ଗଠନ କରାଯାଇଛି । ଯାହାର ନାମ ରେଭନ୍ୟୁ ରିସୋର୍ସେସ ମୋବିଲାଇଜେସନ କମିଟି ରହିଛି । ଏଥିରେ ସମସ୍ତ ମନ୍ତ୍ରୀ ଏବଂ ବିଧାୟକଙ୍କ ବେତନର ୫୦ % କାଟିଦିଆଯିବ ବୋଲି କୁହାଯାଇଛି । ତେବେ ଏହା କେବେ ଠାରୁ ଲାଗୁ ହେବ, ତାହା ଜଣାପଡିନାହିଁ । ଖବର ମୁତାବକ, ତେଲଙ୍ଗାନାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ଗତ ୧୦ ବର୍ଷ ହେବ ବାକି ପଡିଛି । ଯାହାକୁ ନେଇ ଦୀର୍ଘଦିନରୁ ଦାବି ହେଉଛି। ଏବେ ରାଜ୍ୟ ସରକାର ନିଜର ମନ୍ତ୍ରୀ ଏବଂ ବିଧାୟକଙ୍କ ଦରମାରୁ ଏହାକୁ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ପ୍ରାୟ ୬,୨୦୦ କୋଟି ଟଙ୍କାର ପେନସନ ବାକି ପଡିଛି । ତେଣୁ ଆଗାମୀ ୧୦୦ ଦିନ ଭିତରେ ଏସବୁ ବକେୟାକୁ ଦିଆଯିବ ବୋଲି କୁହାଯାଇଛି । ଏହି ନିଷ୍ପତ୍ତି ରାଜ୍ୟର ହଜାର ହଜାର ବୟସ୍କ ଏବଂ ସେମାନଙ୍କ ପରିବାରକୁ ଆଶ୍ୱସ୍ତି ଦେବ ।

# ମାଳଦ୍ୱୀପ ଯିବା ପୂର୍ବରୁ ସତର୍କ ରହିବାକୁ ଭାରତୀୟଙ୍କୁ ପରାମର୍ଶ



**ମାଲେ, ୨୪।୪:** ମାଳଦ୍ୱୀପ ଯାତ୍ରା କରିବାକୁ ଯୋଜନା କରୁଥିବା ଭାରତୀୟ ନାଗରିକଙ୍କ ପାଇଁ ଏକ ବଡ଼ ସତର୍କତା ଜାରି କରାଯାଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଏକ ମାର୍ଗଦର୍ଶିକା ଜାରି କରିଛି ଯେ, ମାଳଦ୍ୱୀପରେ ଡ୍ରଗ୍ସ ସମ୍ପର୍କିତ ଆଇନକୁ ସମ୍ପ୍ରତି ଅତ୍ୟନ୍ତ କଠୋର କରାଯାଇଛି। ଅର୍ଥାତ୍ ସାମାନ୍ୟ ଅବହେଳା ପାଇଁ ମଧ୍ୟ କଠୋର ଦଣ୍ଡ ହୋଇପାରେ। ଏନସିବି ଅନୁଯାୟୀ, ମାର୍ଚ୍ଚ ୨୦୨୬ ରୁ କାର୍ଯ୍ୟକାରୀ ହୋଇଥିବା ନୂଆ ଆଇନ ଅନୁଯାୟୀ, ନିଶାଦ୍ରବ୍ୟ ସମ୍ବନ୍ଧୀୟ ଅପରାଧ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି। ଏହି ଦଣ୍ଡଗୁଡ଼ିକ ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେହିପରି ବଡ଼ ଧରଣର ରାକେଟ ସହିତ ଜଡ଼ିତ ମାମଲାରେ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇପାରେ। ଏକ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଯେ ଏବେ କମ୍ ପରିମାଣର ନିଷିଦ୍ଧ ପଦାର୍ଥ ରଖିବା ପାଇଁ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତ କିଛି ଦିନ ମଧ୍ୟରେ ମାଳଦ୍ୱୀପରେ ନିଶାଦ୍ରବ୍ୟ ସମ୍ବନ୍ଧୀୟ ମାମଲାରେ ଭାରତୀୟ ନାଗରିକଙ୍କ ସମେତ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମାଲେରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ଜାରି କରାଯାଇଛି, ଭାରତୀୟମାନଙ୍କୁ ସ୍ଥାନୀୟ ଆଇନକୁ କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରାଯାଇଛି। ବ୍ୟକ୍ତିମାନଙ୍କୁ ଯେକୌଣସି ପରିସ୍ଥିତିରେ ଅଜଣା ବ୍ୟକ୍ତିଙ୍କଠାରୁ କୌଣସି ଲଗେଜ୍ କିମ୍ବା ପ୍ୟାକେଜ୍ ଗ୍ରହଣ କରିବା ବିରୁଦ୍ଧରେ ଚେତାବନୀ ଦେଇଛି ଏହି ମାର୍ଗଦର୍ଶିକା। ଲୋକମାନଙ୍କୁ ବିମାନବନ୍ଦର, ବନ୍ଦର ଏବଂ ପରିବହନ ସ୍ଥାନରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି, କାରଣ ବିଚାରରେ ସାମାନ୍ୟ ତ୍ରୁଟି ମଧ୍ୟ ଗମ୍ଭୀର ଆଇନଗତ ପରିଣାମ ଆଣିପାରେ।

## ରୁଷରେ ମାନ୍ଦାବସ୍ଥା ସଂକେତ

# ସୁନା ବିକୁଛନ୍ତି ପୁଟିନ୍

**ମସ୍କୋ, ୨୪।୪:** ଯୁଦ୍ଧ ଯୋଗୁଁ ରୁଷ ଉପରେ ଆର୍ଥିକ ଚାପ ବଢ଼ୁଛି। ମାନ୍ଦାବସ୍ଥାରୁ ମୁକୁଳିବାକୁ ଭ୍ଲାଦିମିର ପୁଟିନ ସୁନା ବିକୁଛନ୍ତି। ୨୦୨୬ରେ ପୁଟିନ୍ ୨୨ ଟନ୍ ସୁନା ବିକିଛନ୍ତି ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ପୁଟିନଙ୍କ ଏଭଳି ପଦକ୍ଷେପ ପରେ ବିଶ୍ୱ ବଜାରରେ ହଲଚଲ୍ ସୃଷ୍ଟି ହୋଇଛି। ରୁଷ-ୟୁକ୍ରେନ୍ ଯୁଦ୍ଧକୁ ୫ ବର୍ଷ ଚାଲିଛି। ଦୀର୍ଘଦିନର ଯୁଦ୍ଧ ସ୍ଥିତି ଯୋଗୁଁ ପ୍ରତିରକ୍ଷା ଖର୍ଚ୍ଚ, ମୁଦ୍ରା ଉପରେ ଚାପ ରୁଷର ଅର୍ଥବ୍ୟବସ୍ଥାକୁ ଦୋହଲାଇ ଦେଇଥିବା ଏହି ରିପୋର୍ଟରେ କୁହାଯାଉଛି। ରୁଷର ସେଣ୍ଟ୍ରାଲ ବ୍ୟାଙ୍କ ତା'ର ରିପୋର୍ଟରେ କହିଛି ଯେ, ୨୦୨୬ରେ ଏବେ ସୁଦ୍ଧା ରୁଷ୍ ୨୧.୮ ଟନ୍ ସୁନା ବିକ୍ରି କରିଛି ଯାହାକି ପାଖାପାଖି



୨୨୦୦୦ କିଲୋଗ୍ରାମ ହେବ। ସେଣ୍ଟ୍ରାଲ ବ୍ୟାଙ୍କ ଅନୁଯାୟୀ, ୨୦୨୬ ଏପ୍ରିଲ ୧ ସୁଦ୍ଧା ସୁନା ଭଣ୍ଡାର ୨,୩୦୪.୭୬ ଟନରେ ପହଞ୍ଚିଛି। କେବଳ ମାର୍ଚ୍ଚରେ ଏଥିରେ ୬.୨୨ ଟନ୍ ହ୍ରାସ ରେକର୍ଡ କରାଯାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, କେବଳ ରୁଷ ନୁହେଁ ବର୍ଦ୍ଧିତ ଖର୍ଚ୍ଚ ପୂରଣ କରିବା ପାଇଁ ଅନେକ କେନ୍ଦ୍ରୀୟ ବ୍ୟାଙ୍କ ସୁନା ବିକ୍ରି କରୁଛନ୍ତି। ବିଶେଷକରି ପ୍ରତିରକ୍ଷା ଏବଂ ଶକ୍ତି ଚାହିଦା ପୂରଣ ପାଇଁ ଏଭଳି କରୁଛନ୍ତି। ତେବେ ରୁଷ ପୂର୍ବରୁ ଏହାର ସୁନା ଭଣ୍ଡାରକୁ ସୁଦୃଢ଼ କରିଥିଲା। ୨୦୦୨ ରୁ ୨୦୨୫ ମଧ୍ୟରେ, ଏହା ୧୯୦୦ ଟନ୍ ରୁ ଅଧିକ ସୁନା କିଣିଥିଲା। କିନ୍ତୁ ୨୦୨୦ ପରେ କ୍ରୟର ଗତି ବହୁତ ହ୍ରାସ ପାଇଥିଲା।

# ଜୁନିଅର ଓ ସବଜୁନିଅର କରାଟେ ପ୍ରତିଯୋଗିତା



ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ)ଃ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩୭ତମ ରାଜ୍ୟ କ୍ୟାଡେଟ ଜୁନିଅର ଓ ୩୮ତମ ସବଜୁନିଅର କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ମୋଟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆଜି ୬ ବର୍ଷରୁ ୯ ବର୍ଷ ବର୍ଗରେ ୧୮୦ ଜଣ କରାଟେକା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ପରିଚାଳନାରେ ଓଡ଼ିଶା ରାଜ୍ୟ କରାଟେ ଡୋ' ସଂଘର ଜଜ୍ ଓ ରେଫରିମାନେ ସହଯୋଗ କରିଥିଲେ। ଏଥିସହ ରାଜୀବ ସିଂ, ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ଜୟଦେବ ପଟନାୟକ, ଗୋପାଳ ଚନ୍ଦ୍ର ଦାସ, ନିରଞ୍ଜନ ବେବର୍ତା ପଟନାୟକ, ଉମାକାନ୍ତ ବେହେରା, ଦୁର୍ଗା ପ୍ରସାଦ ରଥ, କଳିଯୁଗ ପ୍ରତିହାରୀ, ରାଜେନ୍ଦ୍ର କେଶରୀ ସାମଲ, ମଣ୍ଟୁ ଯୋଶୀ, ସୁମନ୍ତ କୁମାର ପଣ୍ଡା, ଶୁଭାଶିଷ ମହାପାତ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରତିଯୋଗୀତାକୁ ରାଜ୍ୟ ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ ଉଦଘାଟନ କରିଥିଲେ। ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି, ସହସମ୍ପାଦକ ଆଡଭୋକେଟ କାଳୀ ପ୍ରସାଦ ନନ୍ଦ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ।

## ଆଜିଠୁ ଜୁନିୟର ଓ ସିନିୟର ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ)ଃ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ (ଓଜିଏ) ପକ୍ଷରୁ ଆସନ୍ତାକାଲିଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୨୬-୨୭ ଜୁନିୟର ଓ ସିନିୟର ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ, ଭାରତୀୟ ଜିମ୍ନାଷ୍ଟିକ୍ ଫେଡେରେସନ୍ (ଜିଏଫ୍‌ଆଇ) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେଉଛି। ଏନେଇ ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ୨୫ଟି ରାଜ୍ୟ, ୩ଟି କେନ୍ଦ୍ରଶାସିତ ଅଞ୍ଚଳ ଓ ସର୍ଭିସ୍ ବୋର୍ଡର ୬୦୦ରୁ ଊର୍ଦ୍ଧ୍ୱ ଜିମ୍ନାଷ୍ଟ ଭାଗ ନେବେ। ପୁରୁଷ (ଏମ୍‌ଏଜି) ଓ ମହିଳା (ଡବ୍ଲ୍ୟୁଏଜି) ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ବର୍ଗରେ ଟିମ୍ ଚାମ୍ପିଅନସିପ୍, ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଓ ଆପାରାଟସ୍ ଫାଇନାଲ୍ ଅନୁଷ୍ଠିତ ହେବ। ତାରକା ଖେଳାଳି ଭାବେ ପ୍ରଣତି ନାୟକ, ତପନ ମହାନ୍ତି, ଯୋଗେଶ୍ୱର ସିଂ, ଆଶିଷ କୁମାରଙ୍କ ଭଳି ଦେଶର ନାମୀଦାମୀ ଜିମ୍ନାଷ୍ଟମାନେ ଏଥିରେ ପ୍ରତିଭା ପ୍ରଦର୍ଶନ କରିବେ। ଏହି ଜାତୀୟ ଚାମ୍ପିଅନସିପ୍ ଆଧାରରେ ଆଗାମୀ ଏସୀୟ କ୍ରୀଡ଼ା, କମନୱେଲଥ ଗେମ୍ସ ଓ ଏସୀୟ ଚାମ୍ପିଅନସିପ୍ ପାଇଁ ଖେଳାଳି ଚୟନ କରାଯିବ। ଏହି ଅବସରରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶା ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ବୈଜ୍ଞାନିକ ପ୍ରଶିକ୍ଷଣ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି। ଜିମ୍ନାଷ୍ଟିକ୍ ଫେଡେରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ କଲ୍ଲୋଳ ମୁଖାର୍ଜୀ ଓ ଓଜିଏର ସମ୍ପାଦକ ଅଶୋକ ସାହୁ ପ୍ରତିଯୋଗିତାକୁ ଯୁବ ପ୍ରତିଭାଙ୍କ ପାଇଁ ଏକ ବଡ଼ ସୁଯୋଗ ବୋଲି ଅଭିହିତ କରିଛନ୍ତି। ଅନ୍ତର୍ଜାତୀୟ ମାନକ ଅନୁଯାୟୀ ଏହି ଇଭେଣ୍ଟ ପରିଚାଳନା ପାଇଁ ପ୍ରାୟ ୩୦୦ ଅଧିକାରୀ ଓ ବିଚାରପତି ନିୟୋଜିତ ହୋଇଛନ୍ତି।

● ପ୍ରଧାନମନ୍ତ୍ରୀଙ୍କ ଗଙ୍ଗାବିହାର

## ମମତା କଲେ କଟାକ୍ଷ



କୋଲକାତା,୨୪।୪(ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସକାଳେ ଗଙ୍ଗାଯାତ୍ରା କରିଛନ୍ତି। ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଶେଷ ହେବା ପରେ ଶୁକ୍ରବାର ସେ ହାତରେ କ୍ୟାମେରା ନେଇ ହାଓଡ଼ା ବ୍ରିଜ୍ ଏବଂ ବିଦ୍ୟାସାଗର ସେତୁର ମନୋରମ ଦୃଶ୍ୟର ଚିତ୍ରୋତ୍ତଳନ କରିଛନ୍ତି। ଗଙ୍ଗା ସହିତ ବଙ୍ଗଳାର ଗଭୀର ଆଧ୍ୟାତ୍ମିକ ସମ୍ପର୍କ ରହିଛି ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆରେ ଲେଖିଛନ୍ତି। କୋଲକାତା ଗସ୍ତ ସମୟରେ ମା' ଗଙ୍ଗାଙ୍କୁ ଶ୍ରଦ୍ଧା ଜଣାଇବାର ସୁଯୋଗ ପାଇ ମୁଁ ଅଭିଭୂତ ବୋଲି ସେ ଲେଖିଛନ୍ତି। ଭ୍ରମଣ ସମୟରେ ଖୁସୀ ମୁଡ଼ରେ ଥିବା ପ୍ରଧାନମନ୍ତ୍ରୀ ଡଙ୍ଗା ଚାଳକଙ୍କ ସହ କଥାବାର୍ତ୍ତା କରିଥିଲେ ଓ ତାଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସେ ନଦୀ କୂଳରେ ପ୍ରାତଃ ଭ୍ରମଣକାରୀଙ୍କ ସହିତ ଆଲୋଚନା କରିଥିଲେ ଓ ପଶ୍ଚିମବଙ୍ଗର ବିକାଶ ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ହାଓଡ଼ା ଓ କୋଲକାତାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଥିବାରୁ ପ୍ରଧାନମନ୍ତ୍ରୀଙ୍କ ଗଙ୍ଗାଯାତ୍ରାକୁ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣାକୁ ପରିହାସ କରି ଏହାକୁ ଏକ 'ପ୍ରସ୍ତୁତ' ଘଟଣା ବୋଲି କହିଛନ୍ତି।

## ଓଡ଼ିଶା ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

କୋଲକାତା,୨୪।୪(ସଂଚାର ବ୍ୟୁରୋ)ଃ ବିଜେପି ପକ୍ଷରୁ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର କରିବାକୁ ଆସିଥିବା ଓଡିଶାର ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଶୁକ୍ରବାର କୋଲକାତାର ଉତ୍କଳ ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ କହିଥିଲେ, ପଶ୍ଚିମବଙ୍ଗରେ ଅନୁଷ୍ଠିତ ପ୍ରଥମ ଦଫା ଭୋଟ୍‌ରେ ୧୫୨ଟି ଆସନରୁ ବିଜେପି ୧୦୦ରୁ ଅଧିକ ଆସନ ପାଇବ। ଆଗାମୀ ୨୯ ଏପ୍ରିଲରେ ହେବାକୁ ଥିବା ୧୪୨ଟି ଆସନ ଭୋଟ୍‌ରେ ୨୦୦ ଆସନ ପୂର୍ଣ୍ଣାଙ୍ଗ କରି ବିଜେପି ପଶ୍ଚିମବଙ୍ଗରେ ପରିବର୍ତ୍ତନ ଆଣିବ। ପଶ୍ଚିମବଙ୍ଗରେ ଡବଲ ଇଞ୍ଜିନ ସରକାର ହେଲେ ଏଠାକାର ପ୍ରବାସୀ ଓଡିଆମାନେ ଉପକୃତ ହେବେ। ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କ ଆହୁରି ନିବିଡ ହେବ। ଏହି ଅବସରରେ ଓଡ଼ିଶା ଓବିସି ମୋର୍ଚ୍ଚା ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପତି, ସି.ଏ. ରାଧାବଲ୍ଲଭ ମଣ୍ଡଳ, ଆଇନଜୀବୀ ଧର୍ମେନ୍ଦ୍ର ସେନାପତି, ଦୀନବନ୍ଧୁ ସାହୁ, ଦୁଲ୍ଲାଲ ଚନ୍ଦ୍ର ପଲାଇ, ତପନ କୁମାର ବେହେରା, କାଶୀନାଥ ଦାସ, ସୁବ୍ରତ କୁମାର ଦାସ ସହ ବହୁ ଓଡିଆ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

● 'ଓଲଟା କରି ଝୁଲାଇଦେବି'

## ପୁଣି ଶୁଭିଲା ଶାହଙ୍କ ଚେତାବନୀ

କୋଲକାତା,୨୪।୪ (ସଂଚାର ବ୍ୟୁରୋ)ଃ ପୁଣି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ମୁହଁରେ ଓଲଟା କରି ଝୁଲାଇଦେବାର ଚେତାବନୀ। ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନ ପାଇଁ ମତଦାନ ପରେ ଅମିତ ଶାହ ଏମିତି ଟ୍ୱିଟ୍ କରିଛନ୍ତି। ସେ 'ଦିଦିଙ୍କ ଗୁଣ୍ଡା'ଙ୍କୁ ଝୁଲାଇ ଦିଆଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଶାହ ଲେଖିଛନ୍ତି, ପ୍ରଥମ ପର୍ଯ୍ୟାୟରେ, ଦିଦିଙ୍କ ଗୁଣ୍ଡାମାନେ ଘରୁ ବାହାରକୁ ବାହାରିବାକୁ ସାହସ କରିନଥିଲେ। ମୁଁ ଏହି ଗୁଣ୍ଡାମାନଙ୍କୁ କହିବାକୁ ଚାହୁଁଛି ଦ୍ୱିତୀୟ ପର୍ଯ୍ୟାୟରେ ବାହାରକୁ ଆସିବାର ସାହସ କରନ୍ତୁ ନାହିଁ। ନଚେତ୍, ଓଲଟା ଝୁଲାଇ ସିଧା କରାଯିବ। ଉଲ୍ଲେଖନୀୟ ଯେ, ଗୁରୁବାର ବଙ୍ଗଳା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଶେଷ ହେବା ସହ ମତଦାନରେ ସର୍ବକାଳୀନ ରେକର୍ଡ ଭାଙ୍ଗି ଦେଇଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଉଭୟ ଦଳ ଆଶାବାଦୀ ଅଛନ୍ତି।

# ପଶ୍ଚିମବଙ୍ଗରେ ସରକାର ଗଢ଼ିବ ବିଜେପିଃ ମନମୋହନ

### ୨୦୦ରୁ ଊର୍ଦ୍ଧ୍ୱ ଆସନରେ ବିଜୟ ନେଇ ଦୃଢ଼ୋକ୍ତି



କୋଲକାତା,୨୪।୪(ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗରେ ପ୍ରଥମ ଦଫା ଭୋଟ ଗତକାଲି ୧୫୨ଟି ଆସନ ପାଇଁ ଶେଷ ହେବା ପରେ ବାକି ୧୪୨ଟି ଆସନ ପାଇଁ ଆସନ୍ତା ୨୯ରେ ଭୋଟ୍ ହେବ। ଏହି ଭୋଟ କୁରୁକ୍ଷେତ୍ରରେ ପ୍ରଚାରକୁ ଓହ୍ଲାଇଛନ୍ତି ଓଡ଼ିଶାର ବହୁ ମନ୍ତ୍ରୀ, ବିଧାୟକ, ନେତା ଓ ଅଭିନେତା। ଗତକାଲି ରାତିରେ ଦ୍ୱିତୀୟ ଦଫା ଭୋଟ ପ୍ରଚାରକୁ ଆସି ଏଠାରେ ପହଞ୍ଚିଛନ୍ତି ଓଡ଼ିଶା ବିଜେପି ପ୍ରଦେଶ ଅଧ୍ୟକ୍ଷ ରାଜ୍ୟସଭା ସଦସ୍ୟ ମନମୋହନ ସାମଲ। ଆଜି ଚୌରଙ୍ଗୀ ବିଧାନସଭା କେନ୍ଦ୍ର ୬ ନଂ କ୍ଲାଇଭ ରୋ ସ୍ଥିତ ନୂତନ ଦଳୀୟ ମଣ୍ଡଳ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ ଜନସଭାକୁ ସମ୍ବୋଧନ କରି ଶ୍ରୀ ସାମଲ କହିଛନ୍ତି ଯେ ପଶ୍ଚିମବଙ୍ଗରୁ ଏକ ଦୁରାଚାରୀ ଭ୍ରଷ୍ଟ ସରକାରର ବିଦାୟ ଘଟିବାକୁ ସମୟର ଅପେକ୍ଷା। ପ୍ରଥମ ଦଫା ଭୋଟରେ ଜନଗଣ ବିପୁଳ ମତଦାନ କରିଥିବାରୁ ବଙ୍ଗବାସୀଙ୍କୁ ଅଭିନନ୍ଦନ ଜଣାଇ ଚୌରଙ୍ଗୀ କେନ୍ଦ୍ରରୁ ଏକ କର୍ମଠ ଯୋଦ୍ଧା ଘରର ପୁଅ ସନ୍ତୋଷ ପାଠକଙ୍କୁ ବିଜୟୀ କରାଇବାକୁ ଶ୍ରୀ ସାମଲ ସମସ୍ତଙ୍କୁ ନିବେଦନ କରିଛନ୍ତି। ସଭାକୁ ବିଧାୟକ ତଥା ଓଡ଼ିଆ ସିନେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ବଙ୍ଗଳା, ଓଡ଼ିଆ ଓ ହିନ୍ଦୀରେ ସମ୍ବୋଧନ କରି କହିଛନ୍ତି ଯେ ଏଥର ବିପୁଳ ଆସନ ନେଇ ବିଜେପି ରାଜ୍ୟରେ ସରକାର ଗଢ଼ିବ। ସନ୍ତୋଷ ପାଠକଙ୍କୁ ଓଡ଼ିଆ ଭୋଟରମାନେ ଭୋଟ ଦେବା ସହ ଏକ ସ୍ୱଚ୍ଛ, ନିର୍ମଳ ସରକାର ଗଠନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ ମଧ୍ୟ କହିଛନ୍ତି ଯେ ଆଉ ୪ ଦିନ ଲଗାତାର ସଂଘର୍ଷ କରି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଢ଼ାହେଲେ ସବୁବର୍ଗ ଉପକୃତ ହେବେ। ବିଶେଷକରି ସନ୍ତୋଷ ପାଠକ ଓଡ଼ିଆଙ୍କ ପ୍ରିୟ। ତାଙ୍କର ଶ୍ରୀ ସାମଲଙ୍କ ସହ ୪୦ ବର୍ଷର ସମ୍ପର୍କ ଥିବା ବେଳେ ଏହି ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଯୁବ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅକ୍ଳାନ୍ତ ପରିଶ୍ରମକୁ ଶ୍ରୀ ନାୟକ ପ୍ରଶଂସା କରିଛନ୍ତି।

## ତିନିଦିନିଆ ବିପଣନ ଓ କ୍ଷମତା ବୃଦ୍ଧି କର୍ମଶାଳା



କଟକ,୨୪।୪( ସଂଚାର ବ୍ୟୁରୋ)ଃପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତିନିଦିନିଆ ଜିଲ୍ଲାସ୍ତରୀୟ ବିପଣନ, ସଚେତନତା, କ୍ଷମତା ବୃଦ୍ଧି ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ବଜାର ସଂଯୋଗ, ଉତ୍ପାଦିତ ପଦାର୍ଥର ମୂଲ୍ୟ ବୃଦ୍ଧି, ବ୍ରାଣ୍ଡିଂ, ପ୍ୟାକେଜିଂ, ଇ-ମାର୍କେଟିଂ, ଗ୍ରାହକମାନଙ୍କ ସହିତ ଉତ୍ତମ ସମ୍ପର୍କ ରଖିବାର ପ୍ରଣାଳୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। କଟକ ଜିଲ୍ଲାର ୬୦ଜଣ ମହିଳା ଉଦ୍ୟୋଗୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ତିନିଦିନ ଧରି ଚାଲିଥିବା ଏହି କର୍ମଶାଳାରେ ଅଭିଜ୍ଞ ବ୍ୟକ୍ତିମାନେ ଉଦ୍ୟୋଗୀମାନଙ୍କୁ ପ୍ରାୟୋଗିକ ଜ୍ଞାନ ପ୍ରଦାନ କରିଥିଲେ। ଶେଷଦିନରେ ୫୦ଜଣ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ଭାରତ ମସଲା ପ୍ରତିଷ୍ଠାନକୁ ଏକ କ୍ଷେତ୍ର ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା।

## ପାକିସ୍ତାନ ଗସ୍ତରେ ଆମେରିକା ଟିମ୍

ୱାଶିଂଟନ, ୨୪।୪ଃଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଭାବେ ଷ୍ଟିଭ୍ ୱିଟକଫ୍ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନର ଶନିବାର ଇରାନ ସହ ଆଲୋଚନା ପାଇଁ ପାକିସ୍ତାନ ଯିବେ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି। ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ ଶୁକ୍ରବାର କହିଛନ୍ତି ଯେ, ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟକଫ୍ ଏବଂ ଜାରେଡ୍ କୁଶନର୍ ଇସଲାମାବାଦ ଯିବେ। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କର ଆଲୋଚନାରେ ଯୋଗଦେବାର ସମ୍ଭାବନା ନାହିଁ। ତେବେ ସେମାନଙ୍କୁ 'ଷ୍ଟାଣ୍ଡବାଏ' ଭାବରେ ରଖାଯାଇଛି। ଏପଟେ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ମଧ୍ୟ ପାକିସ୍ତାନ ଆସୁଛନ୍ତି ବୋଲି ତେହେରାନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

● ଶିଳ୍ପସଂସ୍ଥାଙ୍କ ଅତ୍ୟାଚାରକୁ ବିରୋଧ

# ୨୬ରେ କଂଗ୍ରେସର ମହାପଦଯାତ୍ରା



ଭୁବନେଶ୍ୱର, ୨୪।୪ (ସଂଚାର ବ୍ୟୁରୋ)ଃ ଆଜି କଂଗ୍ରେସ ଭବନଠାରେ ପିସିସି ସଭପତି ଭକ୍ତ ଚରଣ ଦାସ ଜଗତସିଂହପୁର ତଥା ରାଜ୍ୟର ଅନେକ ସ୍ଥାନରେ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ନିରୀହ ଜନସାଧାରଣ ମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଓ ଏଥିପ୍ରତି ସରକାରଙ୍କ ଆଶ୍ଚର୍ଯ୍ୟଜନକ ଉଦାସୀନତାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସରକାରଙ୍କ ମନମୁଖୀ ଶିଳ୍ପନୀତି ପାଇଁ ବିଭିନ୍ନ ଶିଳ୍ପସଂସ୍ଥା ଆଜି ଓଡିଶାର ବିଭିନ୍ନ ସ୍ଥାନରେ ଥିବା ଖଣିଖାଦାନ ଉପରେ ଲୋଲୁପ ଦୃଷ୍ଟି ପକାଇ ଲୁଟିବା ଆରମ୍ଭ କରିଦେଇଛନ୍ତି। କଳିଙ୍ଗନଗର, ଛେଣ୍ଡିପଦା,ତାଳଚେର, ମୟୂରଭଞ୍ଜ, ରାଇରଙ୍ଗପୁର ଭଳି ଅନେକ ସ୍ଥାନରେ ଏହି ସମସ୍ୟା ଦେଖାଦେଇଛି। ୩୪ଟି କୋଇଲା ଖଣିରୁ ଖନନ ପାଇଁ ସରକାର ମଞ୍ଜୁରୀ ଦେଇଥିବା ବେଳେ ସେଥିରୁ ପ୍ରାୟ ୪ଟିରେ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ଅଞ୍ଚଳରେ ବିସ୍ଥାପନ ସମସ୍ୟା ଦେଖାଯାଇଛି। ଏସବୁ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ମହାପଦଯାତ୍ରା ଆରମ୍ଭ ହେବ। ଆସନ୍ତା ୨୬ ତାରିଖରେ ଦଳ ପକ୍ଷରୁ ଜଗତସିଂହପୁର ଜିଲ୍ଲା ଢିଙ୍କିଆରୁ ପସ୍କୋ ଅଞ୍ଚଳର ଲୋକଙ୍କ ସହ ଏକ ମହାପଦଯାତ୍ରା ଆରମ୍ଭ ହେବ। ଏହା ମେ' ୨ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜିରେ ପହଞ୍ଚିବ। କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ନେତୃବୃନ୍ଦ ସମସ୍ତ ଜିଲ୍ଲାରୁ ଓ ଅନେକ ପ୍ରଦେଶ କଂଗ୍ରେସର ନେତୃବୃନ୍ଦ ସାମିଲ ହେବେ। ଏଥିମଧ୍ୟରୁ ଏକ ଦଳ ରାଜ୍ୟପାଳ ଭବନରେ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ଦିଆଯିବ।

# ଚନ୍ଦ୍ର ଉଲ୍‌କାପିଣ୍ଡରୁ ଆବିଷ୍କୃତ ହେଲା ଶକ୍ତିଶାଳି ଖଣିଜ

ନୂଆଦିଲ୍ଲୀ,୨୪।୪ଃଚନ୍ଦ୍ରରୁ ଏକ ନୂଆ ଖଣିଜ ଆବିଷ୍କାର ବିଷୟରେ ଘୋଷଣା କରିଛି ଚୀନ୍। ଏହି ଆବିଷ୍କାର ବାହ୍ୟଗ୍ରହ ଉପାଦାନ ତାଲିକାରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହୋଇଛି ଏବଂ ଚନ୍ଦ୍ର ଭୂବିଜ୍ଞାନ ବିଷୟରେ ନୂଆ ତଥ୍ୟ ପ୍ରଦାନ କରିଛି। ଚାଇନା ଜିଓଲଜିକାଲ ସର୍ଭେ ଅନୁସାରେ, ବୈଜ୍ଞାନିକମାନେ ୧୧ତମ ଚନ୍ଦ୍ର ଖଣିଜ ଚିହ୍ନଟ କରିଛନ୍ତି, ଯାହାର ନାଁ 'ସେରିୟମ୍‌ମ୍ୟାଗ୍ନେସିୟମ୍ ଚେଞ୍ଜସାଇଟ୍'। ଚନ୍ଦ୍ର ଉଲ୍କାପିଣ୍ଡରେ ଏହି ଖଣିଜ ଆବିଷ୍କୃତ ହୋଇଥିଲା। ଏହା ଚୀନ୍‌ରେ ପଡ଼ିଥିବା ଏ ପ୍ରକାର ପ୍ରଥମ ଉଲ୍କାପିଣ୍ଡ, ଯାହା ପୃଥିବୀକୁ ପ୍ରାକୃତିକ ରୂପେ ପହଞ୍ଚିଥିବା ଚନ୍ଦ୍ର ଉପାଦାନର ଅଧ୍ୟୟନ ଲାଗି ଗବେଷକମାନଙ୍କୁ ବିରଳ ସୁଯୋଗ ପ୍ରଦାନ କରିଛି।

**ଚନ୍ଦ୍ରର ଭୂ-ବୈଜ୍ଞାନିକ ଇତିହାସକୁ ଅନାବୃତ୍ତ କରିବ**

**ନେକ୍ସଟ ଜେନେରେସନ୍ ଏଲ୍‌ଇଡିକୁ ବିକଶିତ କରିବ**

**ଚନ୍ଦ୍ରର ପୃଷ୍ଠ ଓ ଆଭ୍ୟନ୍ତର ବିଷୟରେ ସଙ୍କେତ ମିଳିବ**

ଏହି ଖଣିଜ ଅତ୍ୟନ୍ତ ଛୋଟ। ଏହା ୩ରୁ ୨୫ ମାଇକ୍ରୋମିଟରଯୁକ୍ତ ଶସ୍ୟ ଆକାର ଭଳି। ଏହାର ଅଧିକାଂଶ କଣିକା ୧୦ ମାଇକ୍ରୋମିଟରଠୁ ଛୋଟ। ଅତି କ୍ଷୁଦ୍ର ଆକାର ସତ୍ତ୍ୱେ ଅନନ୍ୟ ରାସାୟନିକ ଓ ଢାଞ୍ଚାଗତ ଗୁଣ ଯୋଗୁ ଏହାର ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ମୂଲ୍ୟ ରହିଥିବା ଗବେଷକମାନେ କହିଛନ୍ତି। ସେରିୟମ୍-ମ୍ୟାଗ୍ନେସିୟମ୍ ଚେଞ୍ଜସାଇଟ୍‌ର ସବୁଠୁ ଆଶ୍ଚର୍ଯ୍ୟଜନକ ବୈଶିଷ୍ଟ୍ୟ ତା'ର ଫ୍ଲୁରୋସେଣ୍ଟ ବ୍ୟବହାର, ଅର୍ଥାତ୍ ନିର୍ଦ୍ଦିଷ୍ଟ ସ୍ଥିତିରେ ଏହା ଆଲୋକ ନିର୍ଗତ କରେ। ଉନ୍ନତ ଟେକ୍ନୋଲୋଜିରେ ଏହି ଗୁଣର ବ୍ୟବହାରିକ ପ୍ରୟୋଗ ଥାଇପାରେ। ଖାସ୍ କରି ଆଗାମୀ ପିଢ଼ିର ଏଲ୍‌ଇଡି ଉପକରଣ ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।



ବୈଜ୍ଞାନିକମାନେ ଆହୁରି କହିଛନ୍ତି, ଏହି ଖଣିଜର ଗଠନ, ଏହାର ବିରଳ ଭୌଗୋଳିକ ତତ୍ତ୍ୱ ଅନୁପାତ ସମେତ ମ୍ୟାଗ୍ନେସିୟମ୍ ଓ ଲୌହର ମିଶ୍ରଣ ଚନ୍ଦ୍ରର ପୃଷ୍ଠ ଓ ଆଭ୍ୟନ୍ତରକୁ ଆକାର ଦେଇଥିବା ପ୍ରକ୍ରିୟା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ପ୍ରଦାନ କରିବ। ଏହାର ସ୍ଫଟିକ ଢାଞ୍ଚାରେ ଭିନ୍ନତା ଚନ୍ଦ୍ର ଖଣିଜର ଉତ୍ପତ୍ତି ପ୍ରକ୍ରିୟା ଓ ଚରମ ସ୍ଥିତିରେ ତା'ର ବିକାଶ ବିଷୟରେ ଅଧିକ ଭଲଭାବେ ବୁଝିବାରେ ବୈଜ୍ଞାନିକଙ୍କୁ ସାହାଯ୍ୟ କରିବ।

ଗ୍ରହ ବିଜ୍ଞାନକୁ ବାଦ୍ ଦେଲେ, ଏହି ଆବିଷ୍କାର ପୃଥିବୀରେ ଉପାଦାନଗୁଡ଼ିକର ଅଧ୍ୟୟନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହୋଇପାରିବ। ଏହି ଖଣିଜର ଅନନ୍ୟ ଢାଞ୍ଚା ଓ ଗଠନ ଖାସ୍ ଗୁଣଯୁକ୍ତ ନୂଆ ଉପାଦାନ ପ୍ରସ୍ତୁତି ନିମନ୍ତେ ସହାୟକ ହୋଇପାରିବ। ଇଲେକ୍ଟ୍ରୋନିକ୍ସ ଓ ଶକ୍ତି ଭଳି ଉଦ୍ୟୋଗ ପାଇଁ ଏହା ଲାଭପ୍ରଦ ହୋଇପାରିବ। ଚୀନ୍ ନିଜର ଚନ୍ଦ୍ର ଅନ୍ୱେଷଣ କାର୍ଯ୍ୟକ୍ରମକୁ ଧୀରେ ଧୀରେ ବିସ୍ତାର କରୁଛି। ଚାଙ୍ଗ'ଇ ମିଶନ ଚନ୍ଦ୍ରରୁ ନମୁନା ଆଣି ପୃଥିବୀକୁ ଫେରିଛି। ଚନ୍ଦ୍ର ସମ୍ପର୍କରେ ବୈଜ୍ଞାନିକ ଜ୍ଞାନ ମଧ୍ୟ ଏହା ବଢ଼ାଉଛି। ସଦ୍ୟତମ ଆବିଷ୍କାର ଚନ୍ଦ୍ରର ଭୂ-ବୈଜ୍ଞାନିକ ଇତିହାସକୁ ଅନାବୃତ୍ତ କରିବାରେ ଅନ୍ତର୍ଜାତୀୟ ସ୍ତରର ଅଧ୍ୟୟନକର୍ତ୍ତାଙ୍କ ବର୍ଦ୍ଧିତ ଭୂମିକା ଉପରେ ଆଲୋକପାତ କରିଛି। ବର୍ତ୍ତମାନ ଏ ନେଇ ବିଶ୍ଳେଷଣ ଚାଲିଥିବା ବେଳେ ନୂଆ ଖଣିଜ କେବଳ ଚନ୍ଦ୍ର ସମ୍ପର୍କରେ ଜ୍ଞାନକୁ ଗଭୀର କରିବ ନାହିଁ, ବରଂ ପୃଥିବୀରେ ଅଭିନବ ପ୍ରୟୋଗର ଦ୍ୱାର ମଧ୍ୟ ଖୋଲିବ। ମହାକାଶ ଆବିଷ୍କାରର ପ୍ରଭାବ କେତେ ଗୁରୁତ୍ୱପୂର୍ଣ୍ଣ ଏହି ଆବିଷ୍କାର ତାହା ଦର୍ଶାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢୁଛି...

ଆଜି ତାପମାତ୍ରା ପାଖାପାଖି ୪୫ ଡିଗ୍ରୀରେ ପହଞ୍ଚିଯାଇଛି। ଆଜି ଏଠାରେ ତାପମାତ୍ରା ୪୪.୮ ଡିଗ୍ରୀରେ ପହଞ୍ଚିଥିବା ବେଳେ ତିତିଲାଗଡ଼ରେ ୪୪ ଡିଗ୍ରୀ, ସମ୍ବଲପୁରରେ ୪୩.୬ ଡିଗ୍ରୀ, ହୀରାକୁଦରେ ୪୩.୪ ଡିଗ୍ରୀ, ଅନୁଗୁଳ ୪୩.୧ ଡିଗ୍ରୀ, ବଲାଙ୍ଗୀରରେ ୪୩ ଡିଗ୍ରୀ, ସୋନପୁରରେ ୪୨.୮ ଡିଗ୍ରୀ, ନୂଆପଡ଼ା ଓ ରାଉରକେଲାରେ ୪୨.୬ ଡିଗ୍ରୀ, ତାଳଚେରରେ ୪୨.୫ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆଜିର ତାପମାତ୍ରା ୩୯.୪ ଡିଗ୍ରୀ ରହିଥିବାରୁ ଜନସାଧାରଣ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ଆଜି ରାଜ୍ୟର ମୋଟ ୧୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି।

### ଓଡ଼ିଶା...

ବାର୍ଷିକ ପ୍ରାୟ ୫୯ ମିଲିୟନ ମେଟ୍ରିକ ଟନ ଇସ୍ପାତ ଉତ୍ପାଦନ କରିପାରିବେ। ଜେଏସଡବ୍ଲ୍ୟୁ ଓ ଜେଏଫଇର ମିଳନ କେବଳ ଏକ ବ୍ୟାବସାୟିକ ଚୁକ୍ତି ନୁହେଁ, ବରଂ ଏହା ଜାପାନର ବୈଷୟିକ ଉତ୍କର୍ଷତା ଓ ଭାରତର ଶିଳ୍ପ ଦକ୍ଷତା ସହ ଉଭୟଦେଶୀୟ କିଶୋର ଏକ ସମନ୍ୱୟ। ଏଥିସହ ଏହି ପ୍ରକଳ୍ପ 'ଗ୍ରୀନ୍ ଷ୍ଟିଲ୍' ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି। ଜେଏସଡବ୍ଲ୍ୟୁ ଓ ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ୫୦: ୫୦ ଭାଗିଦାରୀରେ ସମ୍ବଲପୁରସ୍ଥିତ ଜେଏସଡବ୍ଲ୍ୟୁ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍‌ରୁ ୧୦ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବାର ଯୋଜନା ରହିଛି। ଏହି ପୁଞ୍ଜିନିବେଶ ଦ୍ୱାରା ସମ୍ବଲପୁର, ଝାରସୁଗୁଡ଼ା ଏବଂ ସମଗ୍ର ପଶ୍ଚିମ ଓଡ଼ିଶା ଅଞ୍ଚଳ ଏକ ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବ୍ ଭାବେ ଉଭା ହେବ। ଶିଳ୍ପ ପ୍ରତିଷ୍ଠା ସହ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ଓ ସାମାଜିକ ସହଭାଗିତାକୁ ପ୍ରାଧାନ୍ୟ ଦେବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱ ଦେଇଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ପାଇଁ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ଆଞ୍ଚଳିକ ବିକାଶ ଓ ନିଯୁକ୍ତି ସୁଯୋଗ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ୨୫ ବର୍ଷ ମଧ୍ୟରେ ସୁନ୍ଦରଗଡ଼ରୁ ବରଗଡ଼ ପର୍ଯ୍ୟନ୍ତ ଅଞ୍ଚଳ ଏକ ପ୍ରମୁଖ ଶିଳ୍ପ କ୍ଲଷ୍ଟର ଭାବେ ଉଭା ହୋଇଛି। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ ହୋଇ ସମ୍ବଲପୁରରେ ୨୫ ଜଣ ଯୁବବର୍ଗ ବର୍ତ୍ତମାନ ଜାପାନୀ ଭାଷା ଶିକ୍ଷା କରୁଛନ୍ତି। ଏହା ଫଳରେ ସେମାନେ ଏହି ଜାପାନୀ ପ୍ରକଳ୍ପରେ ସିଧାସଳଖ ନିଯୁକ୍ତି ପାଇପାରିବେ। ଏହାକୁ ସେ 'ବାଏ ବ୍ରାନ୍-ଗେଟ୍ ବ୍ରାନ୍ ଗ୍ରିଁ'ର ଆଖ୍ୟା ଦେଇ କହିଛନ୍ତି ଯେ ନିବେଶକମାନେ ଏଠାରେ କେବଳ କାରଖାନା ନୁହେଁ, ବରଂ ଦକ୍ଷ ଓ ଭାଷାଜ୍ଞାନ ଥିବା ଯୁବଶକ୍ତି ବି ପାଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ୱେଲ୍ଥ କ୍ରିଏଟରମାନଙ୍କୁ ସମ୍ମାନ' ମନ୍ତ୍ରକୁ ଦୋହରାଇ ସେ କହିଛନ୍ତି ଯେ ଶିଳ୍ପାୟନ ମାଧ୍ୟମରେ ହିଁ ଦେଶର ବିକାଶ ଓ ଗରିବ କଲ୍ୟାଣ ସମ୍ଭବ। ଆଜିର ଏହି ପଦକ୍ଷେପ ପାଇଁ ସେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜେଏସଡବ୍ଲ୍ୟୁ ଗ୍ରୁପ ଓ ଜେଏଫଇ ଷ୍ଟିଲ୍ କର୍ପୋରେସନକୁ ଧନ୍ୟବାଦ ଦେଇଛନ୍ତି।

### ୩୦ରେ...

ବିଧାୟକମାନେ ଉପସ୍ଥିତ ରହିବାକୁ ମଧ୍ୟ ଅପିଲ କରାଯାଇଛି। ଦେଶର ମୋଟ ଜନସଂଖ୍ୟାର ୫୦ ଭାଗ ହେଉଛନ୍ତି ମହିଳା। ତେଣୁ ମହିଳାଙ୍କୁ ମଧ୍ୟ ସେମାନଙ୍କ ହାରରେ ଶାସନରେ ଭାଗିଦାରୀ ମିଳିବା ଉଚିତ ବୋଲି ବିଜେପି ଦାବି କରୁଛି। ତେଣୁ ସ୍ୱତନ୍ତ୍ର ଅଧିବେଶନରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ। ମିଳିଥିବା ସୂଚନାନୁଯାୟୀ, ଏହି ଦିନିକିଆ ଅଧିବେଶନରେ ମହିଳାଙ୍କ ଭାଗିଦାରୀ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସମ୍ପର୍କିତ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରକୁ ସୁପାରିସ କରାଯିବ। ଏନେଇ ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ଆଣିବାକୁ ଯୋଜନା କରାଯାଉଛି। ଶାସକ ଦଳ ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ଏହି ସଙ୍କଳ୍ପ ପାରିତ କରାଇବାରେ ବିଜେପି ପାଇଁ କୌଣସି ସମସ୍ୟା ହେବନାହିଁ। ତେବେ ଉଭୟ କଂଗ୍ରେସ ଓ ବିଜେଡିରୁ ନିଲମ୍ବିତ ବିଧାୟକଙ୍କ ଅଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଛି। ସେପଟେ ସୀମା ପୁନଃନିର୍ଦ୍ଧାରଣ ସହ ଆସିଥିବା ମହିଳା ସଂରକ୍ଷଣ ବିଲକୁ ନେଇ ବିଜେଡି ଆପତ୍ତି ଉଠାଇଥିଲା। ତେଣୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ବିଜେଡି କି ରଣନୀତି ଗ୍ରହଣ କରିବ, ତା' ଉପରେ ମଧ୍ୟ ସମସ୍ତଙ୍କ ନଜର।

### ବାଉଳା...

ସଚିବ କି ସଦସ୍ୟ ତାଲିକାରେ କୌଣସି ପରିବର୍ତ୍ତନ ହୋଇନାହିଁ। ବୋର୍ଡର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଏସ୍‌ଏସ୍‌ଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଉପାଧ୍ୟକ୍ଷ ଥିବା ବେଳେ ସଦସ୍ୟ ସଚିବ ଭାବେ ନିର୍ଦ୍ଦେଶକ, ପୁଲିସ ମହାନିର୍ଦ୍ଦେଶକ, ବିଭିନ୍ନ ବିଭାଗର ପ୍ରତିନିଧି, ବଲାଙ୍ଗୀର, ଅନୁଗୋଳ ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ସଦସ୍ୟ ଦୀପ୍ତି ରଞ୍ଜନ ମହାପାତ୍ର ଓ ସୌମ୍ୟ ଦାସ ସଦସ୍ୟ ଅଛନ୍ତି। ଏହି ପୁନର୍ଗଠନ ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବ। ସୂଚନା ମୁତାବକ, ୨୦୨୫ରେ ମଧ୍ୟ ବୋର୍ଡ ଗଠନ ବେଳେ ଏହାର ଅଧ୍ୟକ୍ଷ ବିଭାଗୀୟ ମନ୍ତ୍ରୀ ରହିଥିଲେ। କିନ୍ତୁ ଗତ ୨୦୨୬ରେ ବୋର୍ଡ ପୁନର୍ଗଠନ ବେଳେ ଅଧ୍ୟକ୍ଷ ପଦକୁ ନେଇ କାର୍ଯ୍ୟିକ ଦ୍ୱନ୍ଦ୍ୱ ସୃଷ୍ଟି ହେଲା ଓ ଶୀର୍ଷ ପ୍ରଶାସନିକ ସ୍ତରରେ ଏଭଳି ଅଦଳବଦଳ କରାଗଲା, ସେନେଇ ଚର୍ଚ୍ଚା ଜୋର୍ ଧରିଛି। ଜଣେ ପୂର୍ବତନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଏହି ବୋର୍ଡରେ ସାଧାରଣ ଭାବେ ମନ୍ତ୍ରୀ ହିଁ ଅଧ୍ୟକ୍ଷ ରହନ୍ତି। କିନ୍ତୁ ସରକାର କାହିଁକି ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କୁ ଅଧ୍ୟକ୍ଷ କଲେ, ତାହା ସନ୍ଦେହ ସୃଷ୍ଟି କରିଥିଲା।

### ସଅଳ...

ଭାରତରେ ଆଗୁଆ ମୌସୁମୀ ପଦାର୍ପଣ କରିବ। ମେ' ମାସ ଶେଷ ସୁଦ୍ଧା ମୌସୁମୀ ଭାରତ ଛୁଇଁବ ଓ ଲୋକମାନଙ୍କୁ ବର୍ଷାରେ ଭିଜେଇବ। ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନ ପାଇଁ ଭାରତୀୟ ଉପମହାଦେଶ ଏବେଠାରୁ ପ୍ରସ୍ତୁତ ହୋଇ ରହିବା ଉଚିତ ବୋଲି ଇସିଏମଡବ୍ଲ୍ୟୁଏଫ୍ ସ୍ପଷ୍ଟ କରିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ୧୮ ରୁ ୨୫ ମେ' ମଧ୍ୟରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବାର ସମ୍ଭାବନା ରହିଛି ବୋଲି ଇସିଏମଡବ୍ଲୁଏଫ୍ର ଚାର୍ଟକୁ ଉଦ୍ଧାର କରି ଏକ ଟେଲିଭିଜନ ଚ୍ୟାନେଲ ରିପୋର୍ଟ କରିଛି।

ଇସିଏମଡବ୍‌ଲ୍ୟୁଏଫ୍‌ର ମଡେଲ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଏକ ଶକ୍ତିଶାଳୀ ବାୟୁସ୍ରୋତ ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଉପରେ ଧୀରେ ଧୀରେ ଦାନା ବାନ୍ଧୁଛି। ଏହାର ପ୍ରଭାବରେ ମେ' ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ସ୍ୱାଭାବିକଠାରୁ ୩୦ରୁ ୬୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଏଥିରେ ଆହୁରି କୁହାଯାଇଛି ଯେ ଆଣ୍ଡାମାନର ଉତ୍ତରରେ ଏକ ଟ୍ରପିକାଲ ପ୍ରଣାଳୀ ଗଠିତ ହେବାର ୨୦ରୁ ୪୦ ପ୍ରତିଶତ ସମ୍ଭାବନା ରହିଛି। ଯଦି ଏହା ସମ୍ଭବ ହୁଏ, ତା'ହେଲେ ବର୍ଷାର ଅବଧି ଆହୁରି ବୃଦ୍ଧି ପାଇବ। ପୂର୍ବ ବର୍ଷଗୁଡ଼ିକରେ ଏଲ-ନିନୋ ପ୍ରତିବନ୍ଧକ ହେଉଥିବା କାରଣରୁ ମୌସୁମୀ ଆସିବାରେ ବିଳମ୍ବ ହେଉଥିଲା। ମାତ୍ର ଏଥର ଏଲ-ନିନୋର ପ୍ରଭାବ ମୌସୁମୀ ଉପରେ ସେତେଟା ଅଧିକ ପ୍ରଭାବ ପକାଇବ ନାହିଁ। ସାଧାରଣତଃ ଜୁନ୍ ୧ ତାରିଖ ସୁଦ୍ଧା ମୌସୁମୀ କେରଳର ଦକ୍ଷିଣ ଉପକୂଳ ସ୍ପର୍ଶ କରି ସେଠାରେ ବର୍ଷା କରାଇଥାଏ। ପରେ ଜୁଲାଇ ମଧ୍ୟଭାଗ ସୁଦ୍ଧା ସମଗ୍ର ଦେଶରେ ବର୍ଷା ହୋଇଥାଏ। ସୂଚନାଯୋଗ୍ୟ ଯେ ଗତବର୍ଷ କେରଳରେ ଶୀଘ୍ର ବର୍ଷା ହେବା ସହିତ ମେ' ୨୭ରୁ ୨୯ ମଧ୍ୟରେ ମୌସୁମୀ ଉପମହାଦେଶକୁ ଛୁଇଁବ ବୋଲି ଆକଳନ କରାଯାଇଥିଲା। ତେବେ ଗତବର୍ଷ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ମୌସୁମୀ ଆସିଥିବାରୁ ଚଳିତ ବର୍ଷ ମଧ୍ୟ ଏହି ରିପୋର୍ଟ ଲୋକମାନଙ୍କ ମଧ୍ୟରେ ଆଶା ସଂଚାର କରାଇବା ବୋଲି ପାଣିପାଗ ବିଶେଷଜ୍ଞମାନେ ଦାବି କରିଛନ୍ତି।

### ବିଜେଡିକୁ...

କେଉଁଠି ନା କେଉଁଠି ଲିଗାସୀ ଭୟ ଗୋଡ଼ାଇବା ଆରମ୍ଭ କରିଛି। କାରଣ ନିଜକୁ ବିଜୁ ଲିଗାସୀ ବୋଲି କହି ନାଗରିକ ମଞ୍ଚରେ ଏକାଠି ହୋଇଥିବା ନେତାମାନେ ଧିରେ ଧିରେ ଜିଲ୍ଲା ସ୍ତରକୁ ସେମାନଙ୍କର କାୟା ବିସ୍ତାର କରିବାରେ ଲାଗିଛନ୍ତି। ବିଜେଡି ଯେଭଳି ମାସେ ବ୍ୟାପୀ ବିଜୁଙ୍କ ଶ୍ରାଦ୍ଧ ଦିବସ ଜିଲ୍ଲା ସ୍ତରରେ ପାଳନ କରିବାକୁ ଘୋଷଣା କରିଛି, ବିଜୁ ଲିଗାସୀମାନେ ମଧ୍ୟ ଠିକ୍ ସେହି ଢାଞ୍ଚାରେ ଜିଲ୍ଲା ସ୍ତରରେ ବିଜୁଙ୍କ ଶ୍ରାଦ୍ଧ ଦିବସ ପାଳନ କରିବାକୁ ଯାଉଛନ୍ତି।

ଉଲ୍ଲେଖନୀୟ ଯେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ପରେ ବିଜୁ ଲିଗାସୀମାନେ ସକ୍ରିୟ ହୋଇଛନ୍ତି। ଏଥିରେ କ୍ରସ ଭୋଟିଂରେ ଜିଣିଥିବା ବିଜେପି ନେତା ଦିଲ୍ଲୀପ ରାୟ, କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ହୋଇଥିବା ଦେବୀ ରଞ୍ଜନ ତ୍ରିପାଠୀଙ୍କ ପିତା ପ୍ରଭାତ ତ୍ରିପାଠୀ, ଅରବିନ୍ଦ ମହାପାତ୍ରଙ୍କ ପିତା ବିଜୟ ମହାପାତଙ୍କ ସମେତ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, ପୂର୍ବତନ ବିଧାୟକ ରବି ପାଣି, ଲାଲ ବିହାରି ହିମରିକାଙ୍କ ଭଳି ନେତା ରହିଛନ୍ତି। ଏମାନେ ଏବେ ଜିଲ୍ଲା ସ୍ତରରେ ବଳ ଗୋଟାଇବା ଆରମ୍ଭ କରିଛନ୍ତି। ତେବେ ଆଗାମୀ ଦିନରେ ଏମାନେ ନିଜେ ସବଳ ହେବା ସହ ବିଜେଡିକୁ କେତେ ଦୁର୍ବଳ କରିବେ, ତାହା ଉପରେ ଏବେ ରାଜ୍ୟବାସୀଙ୍କ ନଜର ରହିଛି।

### ବଲାଙ୍ଗୀରକୁ...

ମାଧ୍ୟମରେ ଗରିବ ଓ ବଞ୍ଚିତ ପରିବାରମାନଙ୍କୁ ପକ୍କା ଘର ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ବାସଗୃହ ଓଡ଼ିଶାକୁ ମିଳିବାକୁ ଯାଉଛି। ଏହା ମାଧ୍ୟମରେ ସମସ୍ତେ ଘର ପାଇବେ ବୋଲି ସେ କହିଥିଲେ।

ସେହିପରି ଜଳ ଜୀବନ ମିଶନ ଅଧୀନରେ ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ବୃହତ୍ ଯୋଜନା କରାଯାଇଛି। ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ସଂକଳ୍ପକୁ ପୂରା କରିବା ପାଇଁ ଗରିବ, ମହିଳା, ଯୁବବର୍ଗ ଓ ଅନ୍ନଦାତାଙ୍କୁ ସଶକ୍ତ କରିବା ପାଇଁ ଆମେ ବ୍ୟାପକ ଯୋଜନା ଆରମ୍ଭ ହୋଇଛି। ସମୃଦ୍ଧ ପଞ୍ଚାୟତ, ସମୃଦ୍ଧ ସହର ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ମିଶି ଟିମ୍ ଓଡ଼ିଶା ଭାବେ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ଯେ ବିକଶିତ ଓଡ଼ିଶା ପାଇ ମଜବୁତ ଗ୍ରାମ ସୃଷ୍ଟି କରିବା ଆମ ସରକାରଙ୍କର ମୂଳ ଲକ୍ଷ୍ୟ। ସେଥିପାଇଁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଅଧିକ ସୁଦୃଢ଼ ହେବାକୁ ପଡ଼ିବ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଗ୍ରାମୀଣ ସଶକ୍ତିକରଣ ଓ ଲୋକକୈନ୍ଦ୍ରିକ ଶାସନକୁ ବିକଶିତ ଓଡ଼ିଶାର ପ୍ରମୁଖ ସ୍ତମ୍ଭ ଭାବେ ଚିହ୍ନଟ କରାଯାଇଛି। ୨୦୨୬-୨୭ ବଜେଟରେ ଗ୍ରାମୀଣ ବିକାଶ ପାଇଁ ୪୪,୩୦୯ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି। ଏଥିରୁ ସରକାରଙ୍କର ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ପ୍ରକାଶ ପାଉଛି।

## ପୃଥକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର



ନୀଳଗିରି,୨୪।୪ (ସଂଚାର ବ୍ୟୁରୋ): ଆଜି ଅପରାହ୍ନ ୨ ଘଟିକା ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଆଜି ଅପରାହ୍ନ ୨ ଘଟିକା ସମୟରେ ବାଲେଶ୍ୱରରୁ ନୀଳଗିରି ଅଭିମୁଖେ ଏକ ସ୍କର୍ପିଓ ଗାଡ଼ି ଯାଉଥିବା ବେଳେ ଶେରଗଡ଼-ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜପଥ ଆମ୍ବଡ଼ିହା ଛକ ଠାରେ ଘରକୁ ଯାଉଥିବା ଦିଖାପଦା ଗ୍ରାମର ଭିକାରି ଚରଣ ସେଠୀଙ୍କ ପୁଅ ଲୁଲୁ ସେଠୀ (୫୦) ଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏଥିରେ ଲୁଲୁଙ୍କ ହାତ ଗୋଡ଼ ମୁଣ୍ଡରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିଲେ। ତାଙ୍କୁ ବାଲେଶ୍ୱର ପରେ କଟକ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଠିକ ସେହି ସମୟରେ ଉକ୍ତ ଦୁର୍ଘଟଣା ସ୍ଥଳରେ ନରହରିପୁର ଗ୍ରାମର ଅନାଦି ଚରଣ ଗନ୍ତାୟତ ଙ୍କ ପୁଅ ସୃଷ୍ଟିଧର ଗନ୍ତାୟତ (୫୦) ଓଡି୦୧ୟୁ୦୨୮୬ ନମ୍ବର ବିଶିଷ୍ଟ ଏକ ସ୍କୁଟି ସହିତ ବାମ ପାର୍ଶ୍ୱ ରେ ଛିଡ଼ା ହୋଇଥିବା ବେଳେ ନୀଳଗିରି-ଶେରଗଡ଼ ଅଭିମୁଖେ ଜୈନିକ ମହିଳା ଡ୍ରାଇଭର ଓଡି୦ ୧ବିଇ୫୧୮୯ବିଶିଷ୍ଟ ଧଳା ରଙ୍ଗର ଏକ ହୋଣ୍ଡା କାର ଚଳାଇ ଯାଉଥିବା ବେଳେ ସୃଷ୍ଟିଧର ଙ୍କୁ ପଛ ପଟୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣା ଘଟାଇଥିବା କାରକୁ ଅଟକାଇ ଉକ୍ତ କାରରେ ସୃଷ୍ଟିଧରଙ୍କୁ ବାଲେଶ୍ୱର ମେଡିକାଲକୁ ପଠାଇ ଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟ ଦିଗରେ କାରଟି ସୃଷ୍ଟିଧରଙ୍କୁ ମେଡିକାଲ ପହଞ୍ଚାଇବା ପରେ ଏହାର ସୁଯୋଗ ନେଇ ଫେରାର ହୋଇ ଯାଇଥିଲା। ଆସନ୍ତା କାଲି ବ୍ୟବଚ୍ଛେଦ ହେବା ସହିତ ମେଡିକାଲ ଫାଣ୍ଡିରେ ଉକ୍ତ ଗାଡ଼ି ନମ୍ବର ଅନୁସାରେ ପରିବାର ପକ୍ଷରୁ ଏତେଲା ଦିଆଯାଇଥିବା ଜଣାପଡ଼ିଛି।

## ପଥର ବୋଝେଇ ଟ୍ରକ ଜବତ



ବାଲିଅନ୍ତା,୨୪।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାର ଛକ ନିକଟରେ ଗତକାଲି ରାତି ୨ଟା ସମୟରେ ଖୋର୍ଦ୍ଧା ଜିଲ୍ଲା ଖଣି ଭାଗ ଟିମ ପାଟ୍ରୋଲିଂ କରୁଥିବା ବେଳେ ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ କରିଛି। ଜବତ ଟ୍ରକକୁ ଖଣି ବିଭାଗ ଅଧିକାରୀ ବାଲିଅନ୍ତା ଥାନା ପୁଲିସକୁ ହସ୍ତାନ୍ତର କରିଛନ୍ତି । ଜବତ ମାଙ୍କଡା ପଥର ଟ୍ରକ ମାଲିକ ଉପରେ ୧ ଲକ୍ଷ ଜରିମାନା କରାଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଏକ ବାଲି ବୋଝେଇ ହାଇୱା ଖସି ପଳାଇ ଥିଲା । କନିଷ୍ଠ ଖଣି ଅଧିକାରୀ ସୁଦୀପ୍ତ ବେହେରା ଏବଂ ପି. ବନି ଜ୍ୟାକସନ ପୁଲିସ ଫୋର୍ସ ଚଢ଼ଉ କରିଥିଲେ ।

## ୨୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



ଫୁଲବାଣୀ,୨୪।୪ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳ ବର୍ତ୍ତମାନ ଗଞ୍ଜେଇ ଚୋରଚାଲାଣର ହବ ପାଲଟିଥିବା ବେଳେ ପୁଲିସ ଲଗାତାର ଭାବରେ ଅଞ୍ଚଳର ବିଭିନ୍ନ ଜାଗାରେ ଚଢ଼ାଉ କରି କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଜବତ କରି ବିଭିନ୍ନ ପ୍ରକାର ନାମିଦାମୀ କାର ସହ ବାହାର ରାଜ୍ୟ ଓ ଅନ୍ତଜିଲ୍ଲା ଗଞ୍ଜେଇ ମାଫିଆ ମାନଙ୍କୁ ଗିରଫ କରିବାରେ ଲାଗିପଡ଼ିଥିଲେ ମଧ୍ୟ ମାଫିଆମାନେ ସୁଧୁରୁ ନାହାନ୍ତି। ରୀତିମତ ଭାବରେ ପୁଲିସର ସୁରକ୍ଷା ବଳୟକୁ ଚ୍ୟାଲେଞ୍ଜ କରି ଅଂଚଳରୁ ବାହାର ରାଜ୍ୟ ଓ ଜିଲ୍ଲାକୁ ଗଞ୍ଜେଇ ଚାଲାଣ କରାଯାଉଥିବା ଦେଖିବାକୁ ମିଳିଛି। ଗତ ବୁଧବାର ଏକ ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ସେହି ବାଇକରୁ ୨୫ କିଲୋ ଗଞ୍ଜେଇକୁ ଜବତ କରିବା ସହ ଏହି ଘଟଣାରେ ଜଣେ ଚାଲାଣକାରୀକୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ। ଗୁରୁବାର ଏହି ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ୮୪/୨୦୨୬ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଜବତ ଗଞ୍ଜେଇ ସହ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ମୁରଲୀଧର ସାହୁ । ସେପଟେ ଗିରଫ ଅଭିଯୁକ୍ତ ଜଣକ ଫିରିଙ୍ଗିଆ ଥାନା ମାଝିପଡା ଗାଁ ର ସ୍ୱର୍ଗତ ଗାନ୍ଧୀରାମ ପାତ୍ରଙ୍କ ପୁଅ ସମ୍ପଦ ପାତ୍ର ବୋଲି ଜଣାପଡଛି।

## ଅନଭିଜ୍ଞ ହେଲ୍ପରଙ୍କ ଗାଡ଼ି ଚାଳନା ଯୋଗୁଁ ଓଲଟିଲା ବସ, ଅଳ୍ପକେ ବର୍ତ୍ତିଲା ୫୧ ଜୀବନ



ନୀଳଗିରି,୨୪।୪ (ସଂଚାର ବ୍ୟୁରୋ): ଆସାମରୁ କେରଳକୁ ୫୧ ଜଣ ଠିକା ଶ୍ରମିକ ନେଇ ଯାଉଥିବା ଏକ ବସ୍‌ରେ ଅନଭିଜ୍ଞ ହେଲ୍ପର ଙ୍କ ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା ଗ୍ରସ୍ତ ହୋଇ ବସ ଟି ପାଲଟି ଯାଇଥିବା ପରେବି ସମସ୍ତେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୩୩ ଶ୍ରମିକ ଆହତ ଓ ୫ ଶ୍ରମିକ ଗୁରୁତର ହୋଇ ଥିବା ଜଣାପଡ଼ିଛି। ସୂଚନା ମୁତାବକ କେଏଲ୬୩ବି ୩୫୪୨ ନମ୍ବର ବିଶିଷ୍ଟ ଏକ ବସ୍‌ରେ ହେଲ୍ପର ଡ୍ରାଇଭିଙ୍ଗ କରି ୫୧ଜଣ ଠିକା ଶ୍ରମିକଙ୍କୁ ନେଇ ଆସାମରୁ କେରଳକୁ ଆଜି ଯାଉଥିବା ବେଳେ ତାଙ୍କ ଆଖି ଲାଗିଯାଉ ଥିବାରୁ ଗାଡ଼ି ନ ଚଳେଇବାକୁ କିଛି ଶ୍ରମିକ ବାରଣ ମଧ୍ୟ କରିଥିଲେ। ହେଲେ ସେମାନଙ୍କ କଥାକୁ ଭୃକ୍ଷେପ ନକରି ହେଲ୍ପର ଇଛାକୃତ ଭାବେ ଗାଡ଼ି ଚଳାଉଥିବା ଯୋଗୁଁ ଶେରଗଡ଼ ଛକ ନିକଟରେ ଥିବା ବିସିଇଟି କଲେଜ ସାମ୍ନା ଡିଭାଇଡରକୁ ପିଟିହୋଇ ଯିବାରୁ ବସଟି ଓଲଟି ପଡିଥିଲା। ଖବର ପାଇ ଶେରଗଡ଼ ଫାଣ୍ଡି, ଖନ୍ତାପଡ଼ା ପୁଲିସ ଓ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏହି ଦୁର୍ଘଟଣାରେ ବସରେ ୫୧ ଯାତ୍ରୀ ଯାଉଥିବା ବେଳେ ୫ ଗୁରୁତର ଓ ୩୩ ଆହତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

### ଘଷିପୁରାରେ ବଢୁଛି ଦୁର୍ନୀତି

# ଫଳକ ଭାଙ୍ଗି ଲୁଚାଚୋରାରେ ଚାଲିଛି ପୋଖରୀ ଖନନ



ଆନନ୍ଦପୁର,୨୪।୪ (ସଂଚାର ବ୍ୟୁରୋ): ଫଳକ ଭାଙ୍ଗି ଗୁପ୍ତ ଭାବରେ ଚାଲିଛି ପୋଖରୀ ଖନନ କାମ। ଏହା ପଛରେ କାହାର ହାତ? କାହା ଛତ୍ରଛାୟା ତଳେ ଏପରି କାର୍ଯ୍ୟ ହେଉଛି? ଏହି ପ୍ରଶ୍ନଗୁଡ଼ିକ ଏବେ ସାଧାରଣ ଲୋକଙ୍କ ମନରେ ଉଠୁଛି। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ବ୍ଲକ୍ ବଳରାମପୁର ପଂଚାୟତର କଇନିପୁରା ଗ୍ରାମରେ ଏକ ପୋଖରୀ ଖନନ କାମକୁ ନେଇ ଏବେ ଚର୍ଚ୍ଚା ଜୋରଦାର ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପ୍ରଥମେ କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଲଗାଯାଇଥିଲା, ଯେଉଁଥିରେ ପ୍ରକଳ୍ପର ନାମ, ଖର୍ଚ୍ଚ, କାର୍ଯ୍ୟକାରୀ ସଂସ୍ଥା ଓ ସମୟସୀମା ଉଲ୍ଲେଖ ଥିବାକୁ କୁହାଯାଉଛି। କିନ୍ତୁ କିଛି ଦିନ ପରେ ସେହି ସୂଚନା ଫଳକକୁ ଭାଙ୍ଗି ଦିଆଯାଇଥିବା ଘଟଣା ସନ୍ଦେହକୁ ଆଉ ଗଭୀର କରିଛି। ସ୍ଥାନୀୟ ଲୋକମାନେ କହୁଛନ୍ତି ଯେ, ସୂଚନା ଫଳକ ହଟାଇବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପ ସମ୍ପର୍କିତ ତଥ୍ୟକୁ ଲୁଚାଇବା। ଯାହା ଫଳରେ ସାଧାରଣ ଲୋକଙ୍କ ମନରେ ଦୁର୍ନୀତି ନେଇ ସନ୍ଦେହ ଜନ୍ମ ନେଇଛି।

ଏହା ସହିତ ଆଉ ଏକ ଗୁରୁତର ଅଭିଯୋଗ ମଧ୍ୟ ଆସୁଛି,କାମ ଚାଲୁଥିବା ସତ୍ତ୍ୱେ ମଧ୍ୟ କୌଣସି ଅଧିକାରୀ କାର୍ଯ୍ୟସ୍ଥଳକୁ ଯାଇ ପରିଦର୍ଶନ କରୁନାହାନ୍ତି। ଯାହା ଫଳରେ କାମର ଗୁଣମାନ ଉପରେ ପ୍ରଶ୍ନ ଉଠୁଛି। ପୋଖରୀ ଖନନ ହେଉଥିବା ମାଟି ଗୁଡ଼ିକୁ ଗ୍ରାମର କିଛି ଲୋକଙ୍କୁ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଅସନ୍ତୋଷ ଦିନକୁ ଦିନ ବଢ଼ୁଛି।

ଦାବି ହୋଇଛି ଘଟଣାର ସଠିକ୍ ତଦନ୍ତ କରାଯାଉ, ସୂଚନା ଫଳକ ପୁଣିଥରେ ସ୍ଥାପନ କରାଯାଉ, କାମର ସମସ୍ତ ତଥ୍ୟ ସାର୍ବଜନୀନ କରାଯାଉ ଏବଂ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ ।

## ପଦସ୍ଥ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ




ବେତନଟୀ,୨୪।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ଚଣ୍ଡୀ ମନ୍ଦିର ଛକରେ ଗତି ରୋଧକ ହମ୍ପସ ନିର୍ମାଣ, ଗତି ନିୟନ୍ତ୍ରକ ସାଇନ ବୋର୍ଡ ଲଗାଇବା, ସିସିଟିଭି କ୍ୟାମେରା ଲଗାଇବା ସହ ଦୀର୍ଘ ବର୍ଷର ଅଚଳ ବିଦ୍ୟୁତ ହାଇମାଷ୍ଟ ଆଲୋକକୁ କାର୍ଯ୍ୟକ୍ଷମ ଦାବିରେ ସିଭିଲ ସୋସାଇଟି ଧାରଣା ଦେଇଥିଲା। ସୋସାଇଟିର କାର୍ଯ୍ୟକାରୀ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱ ତଥା ଯୁଗ୍ମ ସାଃ ସଂପାଦକ ରବୀନ୍ଦ୍ରନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅପ୍ରେଲ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଚଣ୍ଡୀ ଛକ ଠାରେ ଅନୁଷ୍ଠିତ ଗଣଧାରଣାରେ ଦୈନିକ ଶତାଧିକ ସ୍ୱେଚ୍ଛାସେବୀ, ସମାଜସେବୀ, ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ, ସାମ୍ବାଦିକ, ଶିକ୍ଷାବିତ ଗଣଧାରଣାରେ ଯୋଗଦେଇ ଦାବିଗୁଡ଼ିକୁ ସମର୍ଥନ ଜ୍ଞାପନ କରିଥିଲେ ।

ଦ୍ୱିତୀୟ ଦିବସରେ ନାରୀନେତ୍ରୀ ମାଧବୀ ସେନାପତି, ରାଜନେତା ଯାମିନୀ କାନ୍ତ ନାଏକ, ମୟୂର ସାହିତ୍ୟର ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଓ ସଂପାଦକ ଯତୀନ୍ଦ୍ରନାଥ ସାହୁ, ବରିଷ୍ଠ ନାଗରିକ ଗୌତମ ଚନ୍ଦ୍ର ବେହେରା, କବିସଂଗମ ସଭାପତି ବାସୁଦେବ ନାପିତ, ସମାଜସେବୀ ପ୍ରକାଶ ବେହେରା, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବିପ୍ରତି ସମର୍ଥନ ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

ସ୍ଥାନୀୟ ବିଡିଓ ସୁଶାନ୍ତ କୁମାର ସୁତାର, ଥାନା ଭାରପ୍ରାପ୍ତ ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଓ ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ମହାନ୍ତି ଧାରଣାସ୍ଥଳକୁ ଯାଇ ସମସ୍ତ ଦାବି ଯୁକ୍ତିଯୁକ୍ତ ଓ ଜନହିତକାରୀ ବର୍ଣ୍ଣନା କରି ଅବିଳମ୍ବେ ସେସବୁ ପୂରଣର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସଂପାଦକ ଶ୍ରୀମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ସହ ଧାରଣା ଆପାତତଃ ସ୍ଥଗିତ ରଖାଯିବାର ଘୋଷଣା କରିଥିଲେ ।

## ୨୭ରୁ ଜୁନ ୧୭ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା



ନବରଙ୍ଗପୁର,୨୪।୪ (ସଂଚାର ବ୍ୟୁରୋ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ୨୭ରୁ ସ୍କୁଲ ଛୁଟି ଘୋଷଣା । ଏପ୍ରିଲ ୨୭ରୁ ଜୁନ ୧୭ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା ନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ରାଜ୍ୟର ସମସ୍ତ ଅଙ୍ଗନବାଡି ଠାରୁ ଆରମ୍ଭ କରି ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ କଲେଜ ବନ୍ଦ ରହିବା ନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ। ଯଦି ଏ ସମୟରେ କୌଣସି ଶିକ୍ଷାନୁଷ୍ଠାନ ଖୋଲା ରଖନ୍ତି ତେବେ ସେ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ । ଏ ସମୟରେ ଅନ୍ୟ ଜନଗଣନା ଭଳି ସରକାରୀ କାର୍ଯ୍ୟ ଥିବାରୁ ଶିକ୍ଷକ ମାନେ ନିଜ ନିଜ ସୁରକ୍ଷା ଜନିତ ସତର୍କତା ମୂଳକ ପଦକ୍ଷେପ ନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ନବରଙ୍ଗପୁର ଗସ୍ତ ସମୟ ରେ ଏନେଇ ସୂଚନା ଦେଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

## ନାରୀ ବନ୍ଦନ ଅଧିନିୟମକୁ ବିରୋଧ କରୁଥିବା ଦଳଙ୍କୁ ମହିଳାମାନେ ଉଚିତ ଜବାବ ଦେବେ



ନବରଙ୍ଗପୁର,୨୪।୪ (ସଂଚାର ବ୍ୟୁରୋ): ସଂସଦରେ ଆଗତ ହୋଇଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ କଂଗ୍ରେସ ଓ ତାର ସହଯୋଗୀମାନଙ୍କ ବିରୋଧ ଯୋଗୁଁ ପାରିତ ହୋଇପାରି ନ ଥିବାରୁ ଏହାକୁ ନେଇ ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଉପ ସଭାପତି ଶର୍ମିଷ୍ଠା ଦେଓ, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ବାସନ୍ତୀ ମାଝୀ, ବରିଷ୍ଠ ଅଧିବକ୍ତା କିଶୋରୀ ପଟ୍ଟନାୟକ, ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ନବରଙ୍ଗପୁର ଠାରେ ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା। ନାରୀ ବନ୍ଦନ ଅଧିନିୟମ କୁ ବିରୋଧ କରୁଥିବା କଂଗ୍ରେସ ଓ ସହଯୋଗୀ ଦଳଙ୍କୁ ଭାରତର ମହିଳାମାନେ ଉଚିତ ଜବାବ ଦେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଛନ୍ତି। ଜନ ଆକ୍ରୋଶ ସମାବେଶ ଜରିଆରେ ନାରୀ ଶକ୍ତିକୁ ବିରୋଧ କରୁଥିବା ବର୍ଗଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କହିଛନ୍ତି।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ




ସତ୍ୟବାଦୀ,୨୪।୪ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ୍ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଠାରେ ଭିଡିଓ କନଫରେନ୍ସ ଦ୍ୱାରା କାର୍ଯ୍ୟକ୍ରମ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ଯୋଜନା ବୋର୍ଡ ଅଧକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଡିଓ ଦେବାଶିଷ ନାୟକ, ୩୩ ନମ୍ବର୍ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ୩୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଓ ଅନେକ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟା ମାନେ ଯୋଗ ଦେଇଥିଲେ। ଏହି ଅବସରରେ ସମୁଦାୟ ୧୩୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେହିପରି ୮ଜଣ ଗୃହ ନିର୍ମାଣ ସଠିକ୍ ସମୟରେ ସାରିଥିବାରୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଦେବାଶିଷ ପତ୍ରି ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ପ୍ରତିଶ୍ରୁତିରେ ସୀମିତ ଢେଙ୍କାନାଳ ମେଡିକାଲ କଲେଜ ଘୋଷଣା

ଢେଙ୍କାନାଳ,୨୪।୪ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ପୁନର୍ବାର ଢେଙ୍କାନାଳରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟକୁ ଦାବିପତ୍ର ପଠାଯାଇଛି । ଜିଲ୍ଲାବାସୀଙ୍କୁ ଥରକୁଥର କେବଳ ଭାଷଣ ମାଧ୍ୟମରେ ପ୍ରତିଶ୍ରୁତି ଦେବା ବ୍ୟତିତ ସରକାର ଏହି କଲେଜ ପ୍ରତିଷ୍ଠା ଦିଗରେ କୌଣସି ଆନ୍ତରିକତା ଦେଖାଇବା ଓ କାର୍ଯ୍ୟକ୍ରମ ଗ୍ରହଣ କରିବା ଏଯାବତ୍ ହୋଇପାରିଲା ନାହିଁ ବୋଲି ସଂଗଠନର ସଦସ୍ୟ ମାନେ ଅଭିଯୋଗ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ କଲେଜର ଭିତିପ୍ରସ୍ତର ସ୍ଥାପନ କରିବେ ବୋଲି ସ୍ଥାନୀୟ ବିଧାୟକ ଗଣମାଧ୍ୟମ ଆଗରେ କହିଥିଲେ। ପୂର୍ବତନ ସରକାର ଢେଙ୍କାନାଳ ଜିଲ୍ଲା ବାସୀଙ୍କୁ ଏ ବିଷୟରେ ଅଣଦେଖା କରି ନିର୍ବାଚନ ହାରିଥିବା ସଂଗଠନ ତରଫରୁ ଦାବିପତ୍ରରେ ଜଣାଯାଇଅଛି । ସ୍ପେଶିଆଲିଷ୍ଟ ଚିକିତ୍ସା ଏବଂ ଆଶୁ ଚିକିତ୍ସା ଅଭାବରୁ (ବିଶେଷ କରି ଦୁର୍ଘଟଣା ପିଡ଼ିତ ରୋଗୀ) ଅକାଳରେ ମୃତ୍ୟୁ ବରଣ କରୁଛନ୍ତି । ଗରିବ ଆଦିବାସୀ, ଦଳିତ, କୃଷକ, ଶ୍ରମିକ ଅର୍ଥାଭାବରୁ କଟକ, ଭୁବନେଶ୍ୱର ଯାଇ ରୋଗୀର ଚିକିତ୍ସା କରାଇ ପାରୁ ନାହାନ୍ତି ଏବଂ କବାଜ୍‌ମାନଙ୍କ ଦ୍ୱାରା ଶୋଷିତ ହେଉଛନ୍ତି । ଯେହେତୁ କଲେଜ ପ୍ରତିଷ୍ଠା ନିମନ୍ତେ ୩-୪ ବର୍ଷ ସମୟ ଲାଗିବ ଏବଂ ପ୍ରାୟ ୭୦୦ କୋଟି ଅର୍ଥ ବ୍ୟୟ ହେବ, ସରକାର ଆଉ ବିଳମ୍ବ ନକରି କଲେଜ ପ୍ରତିଷ୍ଠା ଦିଗରେ କାର୍ଯ୍ୟକ୍ରମ ଆରମ୍ଭ କରନ୍ତୁ ବୋଲି ସଂଗଠନ ଦାବି କରିଛି । ସଭାପତି ପ୍ରଫେସର ଡାକ୍ତର ତୁଷାର କାନ୍ତ ନାୟକ, ଉପସଭାପତି ରୁଦ୍ର ପ୍ରକାଶ ଶରଣ, ସରୋଜ ସତପଥ, ସଦସ୍ୟ ବିନୟ କୁମାର ସାହୁ, ପୁଷ୍ପାଞ୍ଜଳି ପାଢ଼ୀ, ଗୀତା ସାମଲ ପ୍ରମୁଖ ଦାବି ପତ୍ରରେ ସାକ୍ଷର କରିଛନ୍ତି ।

### ଫିରିଙ୍ଗିଆରେ ରନ୍ଧନ ଗ୍ୟାସର ଘୋର ଅଭାବ

# ଆବଶ୍ୟକତା ମେଣ୍ଟାଉଛି ଜାଳେଣି କାଠ



ଫୁଲବାଣୀ,୨୪।୪ (ସଂଚାର ବ୍ୟୁରୋ): ସାରା ଦେଶରେ ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ ଫିରିଙ୍ଗିଆ ବ୍ଲକରେ ମଧ୍ୟ ବିଭିନ୍ନ ହୋଟେଲ ଏବଂ ଘରୋଇ ଜାଳେଣି ଗ୍ୟାସ ଅଭାବ ପରିଲକ୍ଷିତ ହୋଇଛି । ଆବଶ୍ୟକୀୟ ଗ୍ୟାସ ଅଭାବ ହେବାରୁ ପୁଣି ଥରେ ଫିରିଙ୍ଗିଆ ବଜାରରେ ଥିବା ହୋଟେଲରେ ବର୍ତ୍ତମାନ ଜାଳେଣି କାଠ ବ୍ୟବହାର ହେଉଥିବା ବେଳେ ପୁଣି ଥରେ ଗାଁ ଗାଁରେ ସାଧାରଣ ଲୋକେ ଓ ମହିଳାମାନେ ପୂର୍ବପରି ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ଜାଳେଣି ଆବଶ୍ୟକତା ମେଣ୍ଟାଉଥିବା ଦେଖିବାକୁ ମିଳିଛି ।

ବର୍ତ୍ତମାନ ପରିସ୍ଥିତି ଓ ଜାଳେଣି ପାଇଁ ଦୈନିକ ଆବଶ୍ୟକୀୟ ଗ୍ୟାସ ନ ମିଳିବାରୁ ଓ ମାସ ମାସ ପରେ ଗ୍ୟାସ ବୁକ କଲେ ନ ମିଳବାକୁ ନେଇଁ ଏବେ ପୁଣି ଥରେ ହୋଟେଲ ଓ ବାହାଘର ଏବଂ ଘରେ ଘରେ ଜାଳେଣି କାଠ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି । ଦୈନିକ ଜଙ୍ଗଲରୁ କାଠ କଟାଯିବାକୁ ନେଇଁ ପୁଣି ଥରେ ଜଙ୍ଗଲ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ତେବେ ବର୍ତ୍ତମାନ ଠାରୁ ଜାଳେଣି କାଠ ଉପରେ ଫିରିଙ୍ଗିଆ ବ୍ଲକବାସୀ ସଚେତନ ନ ହେଲେ ଆଗାମୀ ଦିନରେ ଜଙ୍ଗଲ କ୍ଷୟ ହେବା ସହ ପରିବେଶ ଉପରେ କୁପ୍ରଭାବ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ପ୍ରକୃତିର ରାଣୀ କନ୍ଧମାଳ ଜିଲ୍ଲାର ଭରପୁର ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ହୋଇ ପଡ଼ିଛି ।

## ହିଞ୍ଜିଳିରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ




ହିଞ୍ଜିଳିକାଟୁ,୨୪।୪ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଶ୍ରୀମତୀ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ସଂଯୋଜନାରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି | ଅତିଥି ରୂପେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ବ୍ଲକ ଉପାଧକ୍ଷ ସୁନୀଲ କୁମାର ଗନ୍ତାୟତ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ | ଏହି ଅବସରରେ ବ୍ଲକର ୭୫ ଜଣକୁ ପକ୍କା ଘର କାର୍ଯ୍ୟାଦେଶ ପ୍ରଦାନ ହୋଇଥିଲା | ଆଜିର କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ବ୍ଲକର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

### କାନଫେଷ୍ଟ-୨୦୨୬ର ଚତୁର୍ଥ ସନ୍ଧ୍ୟା

# 'କୋଇ ବାତ୍ ଚଲେ' ମଞ୍ଚସ୍ଥ



ପାରାଦ୍ୱୀପ,୨୪।୪ (ସଂଚାର ବ୍ୟୁରୋ): ପାରାଦୀପ ପୋର୍ଟର ଜୟଦେବ ସଦନ ଠାରେ କାନମାସ ଦ୍ୱାରା ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ଥିଏଟର ୱାଲା ଅନୁଷ୍ଠାନର କଳାକାରମାନେ ରାମଜୀ ବାଲିଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ଭାଷାରେ ଏକ ଭିନ୍ନ ସ୍ୱାଦର ନାଟକ "କୋଇ ବାତ୍ ଚଲେ" ମଞ୍ଚସ୍ଥ କରିଥିଲେ ।

ଭେଷ୍ଟମ୍ ନେଟୱାର୍କ ସହିତ ମିଳିତ ଭାବରେ ଥିଏଟର ୱାଲା ପ୍ରଡକ୍ସନ୍ "କୋଇ ବାତ୍ ଚାଲେ" ଫିଟ୍ ବଲିଉଡ୍ ଅଭିନେତା "ଯଶପାଲ ଶର୍ମା" ଏବଂ ଅନ୍ୟାନ୍ୟ କଳାକାରଙ୍କୁ ଉପସ୍ଥାପନ କରୁଛି, ନାଟକର କାହାଣୀ, କୋଇ ବାତ୍ ଚାଲେ, ନାୟକ କାନହିଆ ଲାଲ ବଂଶୀ ପ୍ରସାଦଙ୍କ ଚାରିପାଖରେ ଘୂରିବୁଲୁଛି, ସେ ଜଣେ ୩୫ ବର୍ଷ ବୟସର ନାଟ୍ୟ ଶିକ୍ଷକ ଏବଂ ତଥାପି ଅବିବାହିତ। ଏକ ରୋମାଣ୍ଟିକ କମେଡି, ଯେଉଁଥିରେ ବଂଶୀ ଜଣେ ଉପଯୁକ୍ତ ଜୀବନସାଥୀ ଖୋଜିବା ପାଇଁ ବିବାହ ବେରୋର ସାହାଯ୍ୟ ଲୋଡୁଥିବା ଦେଖାଯାଇଛି।

ଏହି ସମୟରେ, ବଂଶୀ ତାଙ୍କ ଆତ୍ମସାଥୀଙ୍କ ସନ୍ଧାନରେ ସୁନ୍ଦର ସୁପ୍ରିୟାଙ୍କୁ ଭେଟି ବିବାହ ବ୍ୟୁରୋକୁ ଯାଉଥିବା ସମୟରେ, ସେ ସୁପ୍ରିୟାଙ୍କୁ ସେହି ବେରୋରେ ପ୍ରବେଶ କରୁଥିବାର ଦେଖନ୍ତି, ଯେତେବେଳେ ବର ଓ ପ୍ୟାରେ ଲାଲର ମାଲିକ ବଂଶୀଙ୍କୁ ତାଙ୍କ ପସନ୍ଦ ବିଷୟରେ ପଚାରନ୍ତି, ବଂଶୀ ପୂର୍ବରୁ ଭେଟିଥିବା ମହାନ ସୁପ୍ରିର ମନୋରମ ଗୁଣଗୁଡ଼ିକ ଉଲ୍ଲେଖ କରନ୍ତି, ସେ ବିଶେଷ ଭାବରେ କାନ ତଳେ ବାମ ଗାଲରେ ସୁନ୍ଦର କଳା ତିଳ ଉଲ୍ଲେଖ କରନ୍ତି ଯାହା ସେ ସୁପ୍ରି ର ବାମ ଗାଲରେ ଦେଖିଥିଲେ।

ପ୍ୟାରେ ଲାଲ ସୁପ୍ରିୟା ବ୍ୟତୀତ ଡାହାଣ ଗାଲରେ ତିଳ ଥିବା ଅନେକ ଝିଅଙ୍କୁ ବଂଶୀଙ୍କ ସହ ପରିଚୟ କରାନ୍ତି। ବଂଶୀ ସୁପ୍ରିୟାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ମୁଗ୍ଧ ହୋଇ ସମସ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ଶେଷରେ ତାଙ୍କୁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ନିଅନ୍ତି। ବଂଶୀ ସୁପ୍ରିୟାଙ୍କୁ କିପରି ତାଙ୍କର ଭାବନା ପ୍ରକାଶ କରନ୍ତି ତାହା ନାଟକର ଆନନ୍ଦ ...... କୋଇ ବାତ ଚାଲେ। ନାଟକଟି ଅନେକ ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା ।

୫ମ ସନ୍ଧ୍ୟାରେ ଓଡ଼ିଆ ନାଟକ ପୂର୍ଣ୍ଣ ପୁରୁଷ ପ୍ରଦର୍ଶିତ ହେବ ।

## ରତ୍ନସିଂହାସନରେ ଚତୁର୍ଦ୍ଧାମୂର୍ତ୍ତି



ବାଲିଅନ୍ତା,୨୪।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ଗଡ଼ କଣ୍ଟୁଣିଆ - ହୀରାପୁର, ସ୍ଥିତ ସୁଦର୍ଶନ ଦାରୁ ପୀଠରେ ଗତ ୧୯ ତାରିଖରୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହ ପ୍ରତିଷ୍ଠା ନେଇ ଚାଲିଥିବା ଯଜ୍ଞ ପୂର୍ଣ୍ଣାହୁତି ଓ ପୂଜା ନୀତିକାନ୍ତି ଆଜି ସମାହିତ ହୋଇଛି। ମଧ୍ୟାହ୍ନ ୧୨ଟାରୁ ଯଥାୱିଧି ପହଣ୍ଡି ଆରମ୍ଭ କରାଯାଇଥିଲା। ପ୍ରଥମେ ବିଭିନ୍ନ ପାର୍ଶ୍ୱ ଦେବାଦେବୀ, ଦଶାବତାର ଓ ନବଗ୍ରହଙ୍କୁ ଗୋଟି ପହଣ୍ଡିରେ ନିଆଯାଇଥିଲା। ଏହାପରେ ଅଗ୍ରପୂଜ୍ୟ ଗଣେସ ଏବଂ ତା' ପରେ ବିମଳ, ଲକ୍ଷ୍ମୀ ନୃସିଂହ ନାଥ ଏବଂ ଏହାପରେ ମା' ଲକ୍ଷୀ ଏବଂ ଦ୍ୱାରପାଳ ଜୟ ବିଜୟଙ୍କୁ ଗୋଟି ପହଣ୍ଡି କରି ମନ୍ଦିର ସିଂହାସନରେ ଉପବିଷ୍ଟ କରାଯାଇଥିଡା। ଅପରାହ୍ନ ୩ଟାରେ ଚତୁର୍ଦ୍ଧା ମୂର୍ତ୍ତି ବିଗ୍ରହମାନଙ୍କ ମଧ୍ୟରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ଏହାପରେ ଯଥାକ୍ରମେ ବଳଭଦ୍ର,ଦେବୀ ସୁଭଦ୍ରା,ଓ ଶେଷରେ ଜଗନ୍ନାଥଙ୍କ ବିଗ୍ରହକୁ ଛାତ୍ରି ଆଲଟ ଚାମର କରି ଗୋଟି ପହଣ୍ଡି କରି ମନ୍ଦିରକୁ ନିଆଯାଇଥିଲା । ସ୍ନାନ ନୀତି ପରେ ଶ୍ରୀ ଜୀଉମନଙ୍କୁ ବେଶ କରାଯାଇଥିଲା । ତା ପରେ ଭୋଗ ଲାଗି କରାଯାଇଥିଲା । ସାହାଣ ମେଲା ଦର୍ଶନ ବିଳମ୍ବିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଧର୍ମିଣୀ ଡ଼ ପ୍ରିୟଙ୍କା ମାରାଣ୍ଡି ଯୋଗ ଦେଇ ଠାକୁରଙ୍କୁ ଦର୍ଶନ କରିଥିଲେ।

# ବନ୍ଦ ହେବ ଅକାମୀ ଯୋଜନା

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ସରକାର ରାଜ୍ୟରେ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ରୂପରେଖ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ

- **ତାଲିକା ପ୍ରସ୍ତୁତି ପାଇଁ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶ**
- **ଏକୀଭୂତ ହେବ ସମାନ ଧରଣର ସ୍କିମ୍**

ଅଧିକ ପ୍ରଭାବଶାଳୀ ଓ ଫଳପ୍ରଦ କରିବା ଲକ୍ଷ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗତ ୧୭ରୁ ୧୮ ତାରିଖ ପର୍ଯ୍ୟନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି



ବୈଠକରେ ୨୩ଟି ବିଭାଗର ଯୋଜନାଗୁଡ଼ିକର ସମୀକ୍ଷା କରାଯାଇଛି। ସରକାର ସମସ୍ତ ରାଜ୍ୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକୁ ସେଗୁଡ଼ିକର ପ୍ରଭାବ ଆଧାରରେ ଉଚ୍ଚ, ମଧ୍ୟମ ଓ ନିମ୍ନ ପ୍ରାଥମିକତା ବର୍ଗରେ ବିଭକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ ପ୍ରାଥମିକତାପ୍ରାପ୍ତ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ଏଥିସହ ଗତ ୩ରୁ ୪ ବର୍ଷ ଧରି କୌଣସି ବଜେଟ ବରାଦ ପାଇ ନ ଥିବା କିମ୍ବା କେବଳ ନାମମାତ୍ର ବ୍ୟୟବରାଦ ହୋଇଥିବା ଯୋଜନାଗୁଡ଼ିକୁ ବନ୍ଦ କରିବା ଉପରେ ସରକାର ବିଚାର କରୁଛନ୍ତି। ଯେଉଁଠାରେ ସମ୍ଭବ ସମାନ ପ୍ରକୃତିର ଯୋଜନାଗୁଡ଼ିକୁ ଏକତ୍ର କରି ଗୋଟିଏ ଯୋଜନା ଅଧୀନକୁ ଆଣିବାକୁ କୁହାଯାଇଛି। ଏହାଛଡ଼ା କେନ୍ଦ୍ରୀୟ ଯୋଜନାଗୁଡ଼ିକରୁ ସର୍ବାଧିକ ହିତାଧିକାରୀ ଯେପରି ଉପକୃତ ହୋଇପାରିବେ, ସେଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ଏବଂ କୌଣସି ଅତିରିକ୍ତ ଆବଶ୍ୟକତା ରହିଲେ ତାହା ରାଜ୍ୟ ସରକାର ପୂରଣ କରିବେ।

ଯୋଜନାଗୁଡ଼ିକର ସଠିକ କାର୍ଯ୍ୟକାରିତା ଓ ତଥ୍ୟଭିତ୍ତିକ ଆକଳନ ପାଇଁ 'ଅନୁସନ୍ଧାନ, ମୂଲ୍ୟାୟନ ଓ ନୀରିକ୍ଷଣ' ବାବଦରେ ପ୍ରତ୍ୟେକ ବଡ଼ ଯୋଜନାରେ କିଛି ଅର୍ଥ ବରାଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗ ସେମାନଙ୍କର ଯୋଜନାଗୁଡ଼ିକର ଚୂଡ଼ାନ୍ତ ତାଲିକା ଆସନ୍ତା ୧୫ ଦିନ ମଧ୍ୟରେ ଯୋଜନା ଓ ସମନ୍ୱୟ ବିଭାଗ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



**ଭିକ୍ଷାବୃତ୍ତି-ମୁକ୍ତ ଭାରତ ଅଭିଯାନରେ ଜେନ-ଜି'**

## ବ୍ରାଣ୍ଡ ଆମ୍ବାସାଡର ହେଲେ ଡିଜିଟାଲ କ୍ରିଏଟର ଶୁଭଶ୍ରୀ

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ଜଣାଶୁଣା ଜେନ-ଜି' ଇନଫ୍ଲୁଏନ୍ସର ତଥା ବ୍ଲଗର ଶୁଭଶ୍ରୀ ସାହୁ ଦେଶକୁ ଦାରିଦ୍ର୍ୟମୁକ୍ତ କରିବା ପାଇଁ ଚାଲିଥିବା ଅଭିଯାନରେ ସାମିଲ ହେବାକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ସେ 'ଭିକ୍ଷାବୃତ୍ତି-ମୁକ୍ତ ଭାରତ' କାର୍ଯ୍ୟକ୍ରମର ଜଣେ ଯୁବ ବ୍ରାଣ୍ଡ ଆମ୍ବାସାଡର ଭାବେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି। ନିଜ ପ୍ରଶଂସକଙ୍କ ମଧ୍ୟରେ 'ଡିଜିଟାଲ ଡ୍ରିମୱିଭର' ଓ 'ଭାଇବ୍ ଆର୍କିଟେକ୍ଟ' ଭାବେ ପରିଚିତ ଶୁଭଶ୍ରୀ ନିଜର ଲୋକପ୍ରିୟତାକୁ ସାମାଜିକ ସଂସ୍କାର, ବିଶେଷ କରି ମିଳିତ ଜାତିସଂଘର ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ (ଶୂନ୍ୟ ଦାରିଦ୍ର୍ୟ ଓ ଶୂନ୍ୟକ୍ଷୁଧା) ହାସଲ କରିବା ଦିଗରେ ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ନିଜର ଯୁବ ପ୍ରଶଂସକମାନଙ୍କୁ ପ୍ରଭାବିତ କରିବା ପାଇଁ ଶୁଭଶ୍ରୀ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି), ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଓ 'ସିଟିଜେନ୍ସ ଫର ବେଗିଙ୍ଗ-ଫ୍ରି ଇଣ୍ଡିଆ' ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏକ ସମାନତାଭିତ୍ତିକ ସମାଜ ଗଠନ କରିବା ତାଙ୍କର ଉଦ୍ଦେଶ୍ୟ, ଯେଉଁଠାରେ କୌଣସି ନାଗରିକ ମୌଳିକ ଆବଶ୍ୟକତା ପାଇଁ ଭିକ୍ଷା ମାଗିବାକୁ ବାଧ୍ୟ ହେବେ ନାହିଁ ବୋଲି ସେ କହିଛନ୍ତି।

ଭିକ୍ଷୁକମାନଙ୍କ ସାମାଜିକ ସୁରକ୍ଷା ପାଇଁ ଏନଏଚଆରସିର ସାମ୍ପ୍ରତିକ ନିର୍ଦ୍ଦେଶାବଳୀକୁ ଶୁଭଶ୍ରୀ ଯୁଗାନ୍ତକାରୀ ବୋଲି କହିଛନ୍ତି। ଏଥିସହ ଭାରତ ସରକାରଙ୍କ 'ସ୍ମାଇଲ' ଯୋଜନାକୁ ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ଏହି ଅଭିଯାନରେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇ ସେ ସରକାରୀ ନୀତି ଏବଂ ଯୁବପିଢ଼ିଙ୍କ ସହଭାଗିତା ମଧ୍ୟରେ ଏକ ସେତୁ ବନିବାକୁ ଚାହୁଁଛନ୍ତି। ଶୁଭଶ୍ରୀ ସାହୁ କହିଛନ୍ତି ଯେ ଦାରିଦ୍ର୍ୟ ହେଉଛି ମାନବିକତା ଓ ସଭ୍ୟତା ପାଇଁ ସବୁଠାରୁ ବଡ଼ ଅଭିଶାପ, ଯାହା ଲୋକଙ୍କୁ ଖାଦ୍ୟ ପାଇଁ ଭିକ୍ଷା ମାଗିବାକୁ ବାଧ୍ୟ କରେ। ମୁଁ ଚାହୁଁଛି ଆଗାମୀ ପିଢ଼ି ଏହି ବଞ୍ଚିତ ଓ ଅସହାୟ ନାଗରିକଙ୍କ ପ୍ରତି ସମ୍ବେଦନଶୀଳ ହେଉ। ଏକ ଦାରିଦ୍ର୍ୟମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବାରେ ଏନଏଚଆରସି, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ତଥା ସିଟିଜେନ୍ସ ଫର ବେଗିଙ୍ଗ-ଫ୍ରି ଇଣ୍ଡିଆକୁ ସହଯୋଗ କରିବା ପାଇଁ ମୁଁ ସଦା ପ୍ରସ୍ତୁତ ବୋଲି ଶୁଭଶ୍ରୀ କହିଛନ୍ତି।

**ସହିପାରିଲେନି ସ୍ୱାମୀଙ୍କ ବିୟୋଗ**

## ମେଡିକାଲ ଛାତରୁ ଡେଇଁ ଆତ୍ମହତ୍ୟା କଲେ ସ୍ତ୍ରୀ



ବଲାଙ୍ଗିର, ୨୪।୪: ବଲାଙ୍ଗିରଃ ସ୍ୱାମୀଙ୍କ ଜଳୁଛି ଚିତା, ଆଉ ଏପଟେ ସ୍ତ୍ରୀ ହାରିଦେଲେ ଜୀବନ। ସ୍ୱାମୀଙ୍କ ବିୟୋଗ ସହିନପାରି ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି ସ୍ତ୍ରୀ। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଆଜି ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି, ଯାହା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନାନୁସାରେ, ଗତକାଲି ପୁଇଁନ୍ତଲା ଥାନା ଅନ୍ତର୍ଗତ ଡୁମେର ବାହାଲ ଗ୍ରାମରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ପଦ୍ମିନୀ ବାଗଙ୍କ ସ୍ୱାମୀ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣିବା ପରେ ପଦ୍ମିନୀ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିଲେ। ନିଜ ଜୀବନସାଥୀଙ୍କୁ ହରାଇବାର ଦୁଃଖ ସେ ସହ୍ୟ କରିପାରିନଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମାନସିକ ଭାରସାମ୍ୟ ହରାଇ ପଦ୍ମିନୀ କାହାକୁ କିଛି ନକହି ସିଧା ମେଡିକାଲ ଛାତ ଉପରକୁ ଚଢ଼ିଯାଇଥିଲେ ଏବଂ ସେଠାରୁ ତଳକୁ ଡେଇଁ ପଡ଼ିଥିଲେ। ଛାତରୁ ଡେଇଁବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା କରାଯାଇଥିଲେ ହେଁ ତାଙ୍କୁ ବଞ୍ଚାଯାଇ ପାରିନଥିଲା। ଗୋଟିଏ ପରିବାରର ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତ୍ୟୁ ପରେ ପୂରା ଗାଁରେ ଏବେ କାନ୍ଦବୋବାଳି ଛୁଟିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ବାପା-ମା'ଙ୍କୁ ଉଠାଇନେଲା ପୁଲିସ**

## ଗିରଫ ଭୟରେ ଜୀବନ ହାରିଲେ ଯୁବକ




ଢେଙ୍କାନାଳ,୨୪।୪(ସଂଚାର ବ୍ୟୁରୋ): ଗିରଫ ଭୟରେ ଜୀବନ ହାରିଲେ ଯୁବକ ଓ ସ୍ଥାନୀୟ ପୁଲିସ୍ ତାଙ୍କ ବାପା-ମା'ଙ୍କୁ ଉଠାଇନେଇଛି। ଢେଙ୍କାନାଳ ମୋଟଙ୍ଗା ଥାନା ନୀମିଧା ଗାଁରେ ଦେଖିବାକୁ ମିଳିଛି ଏପରି ଏକ ଅଭାବନୀୟ ଘଟଣା। ମୃତକ ଜଣଙ୍କ ହେଉଛନ୍ତି ବେଣୁପାଣି ସାହୁ। ମୃତକ ବେଣୁପାଣି ଅନୁଗୁଳର ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ନିକଟତରେ ଉଭୟେ ଘରୁ ଲୁଚି କିଛି ଦିନ ପାଇଁ ମୁମ୍ବାଇ ମଧ୍ୟ ପଳାଇଯାଇଥିଲେ। ଏନେଇ ଉକ୍ତ ନାବାଳିକାଙ୍କ ଘର ଲୋକେ ସ୍ଥାନୀୟ ଥାନାରେ ଏତଲା ଦେବା ପରେ ଏହି ମାମଲାରେ ଅନୁଗୁଳ ସଦର ଥାନା ପୁଲିସ୍ ବେଣୁପାଣିଙ୍କ ବାପା-ମା'ଙ୍କୁ ଉଠାଇ ନେଇଥିଲା। ପୁଲିସ୍ ସେମାନଙ୍କୁ ଦୁଇ ତିନି ଦିନ ଧରି ଅଟକ ରଖିଥିଲା। ମୁମ୍ବାଇରୁ ଫେରିବା ପରେ ବେଣୁପାଣି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେବେ ଏହା ସହି ନ ପାରି ବେଣୁପାଣି ଜୀବନ ହାରିଥିବା ଅଭିଯୋଗ ହୋଇଛି। ଆଜି ସକାଳେ ବେକରେ ରଶି ଲଗାଇ ଜୀବନ ହାରିଛନ୍ତି। ତେବେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଜୀବନ ହାରିଥିବା ବେଣୁପାଣିଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଭିନ୍ନକ୍ଷମଙ୍କୁ ଦୁଷ୍କର୍ମ, ଯୁବକ ଗିରଫ

ରେଢ଼ାଖୋଲ,୨୪।୪(ସଂଚାର ବ୍ୟୁରୋ): ଜଣେକୈ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ରେଢ଼ାଖୋଲ ଥାନାଞ୍ଚଳରେ ଏହି ଘଟଣା ଘଟିଛି। ଗିରଫ ପରେ ଅଭିଯୁକ୍ତ ଯୁବକଙ୍କୁ ପୁଲିସ୍ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ବଉଦ ଜିଲ୍ଲା କିରାସିରା ଗ୍ରାମର ଶୁକଦେବ ବାଘ ବୋଲି ଜଣାପଡ଼ିଛି। ଉକ୍ତ ଭିନ୍ନକ୍ଷମ ଯୁବତୀ ଜଣଙ୍କ ୩ ମାସର ଗର୍ଭବତୀ ହେବା ପରେ ତାଙ୍କ ପରିବାର ଲୋକେ ରେଢ଼ାଖୋଲ ଥାନାରେ ଶୁକଦେବଙ୍କ ନାଁରେ ଅଭିଯୋଗ କରିଥିଲେ। ଶୁକଦେବ ସ୍ଥାନୀୟ ପଣ୍ଡକିମଳ ଗାଁରେ ରହି ଛକରେ ଏକ ଟାୟାର ଦୋକାନ କରିଥିଲେ। ପୀଡ଼ିତା ଜଣଙ୍କ ତାଙ୍କ ସମ୍ପର୍କୀୟଙ୍କ ଘରକୁ ବିଭିନ୍ନ ସମୟରେ ଯିବାଆସିବା କରିବା ଅବସରରେ ଶୁକଦେବଙ୍କର ତାଙ୍କ ସହ ପରିଚିତ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ୩ ଥର ଶାରୀରିକ ସମ୍ପର୍କ ସ୍ଥାପିତ ହୋଇଥିଲା। ଅବଶ୍ୟ ପୀଡ଼ିତାଙ୍କ ଇଚ୍ଛା ବିରୋଧରେ ଶୁକଦେବ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ଯୁବତୀ ଜଣଙ୍କ ୩ ମାସର ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ଯୁବତୀଙ୍କ ପରିବାର ଲୋକେ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ତଦନ୍ତ କରି ଶୁକଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ମୋବାଇଲ୍ ଲୁଟେରା ଗିରଫ

**ମହିଳାଙ୍କୁ ଟାର୍ଗେଟ୍ କରୁଥିଲା**



ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ଧରାପଡ଼ିଲା କୁଖ୍ୟାତ ମୋବାଇଲ ଲୁଟେରା ଗୁଣିଆ ପରିଡ଼ା। ସ୍ଥାନୀୟ ଖଣ୍ଡଗିରି ଅଞ୍ଚଳରେ ଲୁଟପାଟ କରି ଆତଙ୍କ ଖେଳାଇଥିଲା ଏହି ଯୁବକକୁ ଆଜି ପୁଲିସ୍ ଗିରଫ କରିଛି। ଲେଡିଜ ଟେଲର ଦୋକାନରୁ ମହିଳାଙ୍କଠାରୁ ମୋବାଇଲ ଝାମ୍ପି ନେବା ସମୟରେ ତାକୁ ଗିରଫ କରାଯାଇଛି। ତିନି ଦିନ ଧରି ଲୁଚକାଳି ଖେଳିବା ଶେଷରେ ଖଣ୍ଡଗିରି ଥାନା ପୁଲିସ୍ ହାତରେ ଧରାପଡ଼ିଛି ସେ। ସେ ମୁଖ୍ୟତଃ ଲେଡିଜ ଟେଲର ଦୋକାନକୁ ଆସୁଥିବା ମହିଳାମାନଙ୍କୁ ଟାର୍ଗେଟ୍ କରୁଥିଲା। ଦୋକାନ ଭିତରେ ମହିଳା ଡ୍ରେସ ଫିଟିଙ୍ଗ୍‌ରେ ବ୍ୟସ୍ତ ଥିବାର ଫାଇଦା ନେଇ ଗୁଣିଆ ସେମାନଙ୍କ ମୋବାଇଲ୍ ନେଇ ଛୁ' ମାରୁଥିଲା। ପୁଲିସ୍ ତାକୁ ଧରିବା ସକାଶେ ଉଦ୍ୟମ କରିଆସୁଥିବା ବେଳେ ଶେଷରେ ସେ ଆଜି ସ୍ଥାନୀୟ ସରକନ୍ତରାରୁ ଧରାପଡ଼ିଛି। ତା' ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ୍ ଜାଣିବାକୁ ପାଇଛି। ଅଭିଯୁକ୍ତ ଗୁଣିଆ ଧରାପଡ଼ିବା ପରେ ଅଭିଯୋଗକାରୀ ମହିଳା ମୁହଁ ଖୋଲିଛନ୍ତି। କିଭଳି ଲୁଟେରା ଜଣକ ଲେଡିଜ୍ ଟେଲର ଦୋକାନକୁ ଆସୁଥିବା ମହିଳାଙ୍କୁ ଟାର୍ଗେଟ କରୁଥିଲା, ସେନେଇ ଅଭିଯୋଗକାରୀ ମହିଳା କହିଛନ୍ତି।

**ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଲୁଟେରା**

## ଆଲମିରାରୁ ନେଇଗଲେ ୮ ଭରି ସୁନା ଓ ୩ ଲକ୍ଷ ଟଙ୍କା

ରାୟଗଡ଼ା,୨୪।୪(ସଂଚାର ବ୍ୟୁରୋ): ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଦେଇଛନ୍ତି ଲୁଟେରା। ଲୁଟେରାମାନେ ରାତିରେ ଆସି ଉକ୍ତ ବ୍ୟବସାୟୀଙ୍କ ଘରୁ ସୁନା ଓ ଟଙ୍କା ଲୁଟିନେଇଛନ୍ତି। ସେମାନେ ଘରର କବାଟ ଭାଙ୍ଗି ଭିତରେ ପଶିବା ସହ ଆଲମିରାରୁ ୮ ଭରି ସୁନା ସହ ନଗଦ ୩ ଲକ୍ଷ ଟଙ୍କା ନେଇଯାଇଛନ୍ତି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଦାନ ସାହିର ଶଙ୍କର ସେନାପତିଙ୍କ ଘରୁ ହୋଇଛି ଏହି ବଡ଼ ଧରଣର ଲୁଟ୍। ଶଙ୍କରଙ୍କ ପରିବାର ଲୋକେ ଏକ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଭଞ୍ଜନଗର ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଗତକାଲି ରାତିରେ ଦୁର୍ବୃତ୍ତମାନେ ଘର ପଛପଟ କବାଟ ଭାଙ୍ଗି ଆଲମିରାରୁ ସୁନା ଓ



ଟଙ୍କା ଲୁଟି ନେଇଛନ୍ତି। ସକାଳୁ ଶଙ୍କର ଏନେଇ ଜାଣିବା ପରେ ସ୍ଥାନୀୟ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ନିକଟବର୍ତ୍ତୀ ଅଞ୍ଚଳରେ ଉପଲବ୍ଧ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି ପୋଲିସ। ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

ସେହିପରି ଆଜି ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ଆହାରପୁର ଛକ ନିକଟରୁ ଲୁଟ୍ ଅଭିଯୋଗ ଆସିଛି। ମୁହଁରେ କଳାକନା ବାନ୍ଧି ଲୁଟିଲେ ଦୁର୍ବୃତ୍ତ। ଘରେ କେହି ନଥିବାର ସୁଯୋଗ ନେଇ ମହିଳାଙ୍କ ବେକରୁ ସୁନା ହାର ଛିଣ୍ଡାଇ ନେଲେ। ଲୁଟ୍ ର ଶିକାର ହୋଇଛନ୍ତି ପ୍ରତିମା ସାହୁ। ସେ ନିଜ ପରିବାର ସହ ରୁହନ୍ତି। ଗତକାଲି ଘରେ କେହି ନଥିବା ବେଳେ ୨ଜଣ ଦୁର୍ବୃତ୍ତ ମୁହଁରେ କଳାକନା ବାନ୍ଧି ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବେକରୁ ସୁନା ହାର ଛିଣ୍ଡେଇ ନେଇଛନ୍ତି। ଅନନ୍ତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନରସିଂହ



- **ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା**
- **ବ୍ୟାରେଜରୁ ପାନୀୟ ଜଳ ସମସ୍ୟା ନେଇ ଦାବିପତ୍ର**

ବଲାଙ୍ଗୀର,୨୪।୪(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଗସ୍ତ ଅବସରରେ ତାଙ୍କୁ ଭେଟିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର। ଉଭୟଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପାନୀୟ ଜଳଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଅଭାବ ଭଳି ଏକାଧିକ ସମସ୍ୟା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ବେଳେ ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ନରସିଂହ ମିଶ୍ର କହିଛନ୍ତି ଯେ, ଦେଓଗାଁ ସୋନଗଡ ନଦୀ ଉପରେ ବ୍ୟାରେଜ ନିର୍ମାଣ, ସିକୁଆଁ ବ୍ୟାରେଜ ସହ ଦେଓଗାଁ ଓ ଜରାସିଂହା ଠାରେ ଦୁଇଟି ବ୍ରିଜ ନିର୍ମାଣ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏଥିସହିତ ଏବେ ବି ଜିଲ୍ଲାରେ ବିସ୍ଥାପିତ ସମସ୍ୟା ଅଛି, କେହି ପଦକ୍ଷେପ ନେଉନାହାଁନ୍ତି। ବିସ୍ଥାପିତଙ୍କ ଘରକୁ ଘର ଯାଇ ସେମାନଙ୍କ ସମସ୍ୟା ବୁଝି ସମାଧାନ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କରିଛନ୍ତି। ଏଥିସହିତ ବଲାଙ୍ଗିର ସହରର ଲକ୍ଷ୍ମୀଜୋରର ଉନ୍ନତିକରଣ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ଏବେ ଜବରଦଖଲରେ ରହିଛି। ଏଥିରୁ ଜବରଦଖଲ ହଟାଇବା ଦାବି ସହ ସେ ବଲାଙ୍ଗୀର ସହରର ପାନୀୟ ଜଳ ସମସ୍ୟା ଏବେ ବି ଉତ୍କଟ ଥିବା କହିଛନ୍ତି।

ସେହିଭଳି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ ଅଣଅଧ୍ୟାପକ ପଦବୀ ଖାଲି ପଡିଛି। ୯୫ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡିଛି। ଏହାକୁ ତୁରନ୍ତ ପୂରଣ କରିବାକୁ ସେ ଅନୁରୋଧ କରିଛନ୍ତି। ଦେଓଗାଁ ଚିନିକଳ, ବଲାଙ୍ଗୀର ଠାରେ କୃଷି ମହାବିଦ୍ୟାଳୟ ନୁହେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ମହିଳା ମହାବିଦ୍ୟାଳୟ ସମସ୍ୟା, ଲୋୟର ସୁକତେଲ ବିସ୍ଥାପିତ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନରସିଂହ ମିଶ୍ର କହିଛନ୍ତି।

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାଇକକୁ ୫୦ ଫୁଟ ପର୍ଯ୍ୟନ୍ତ ଘୋଷାଡ଼ିନେଲା**



କଟକ, ୨୪।୪ (ସଂଚାର ବ୍ୟୁରୋ): ବେଆଇନ ମୋରମ ବୋଝେଇ ହାଇୱା ଧକ୍କାରେ ଚାଲିଗଲା ଯୁବକଙ୍କ ଜୀବନ। ସେ ବାଇକ୍‌ରେ ଯାଉଥିବା ସମୟରେ ତାଙ୍କୁ ଧକ୍କା ଦେଇ ହାଇୱା (ନଂ.ଓଡି୦୯ଟି ୨୩୫୫)ଟି ତାଙ୍କ ବାଇକ୍‌କୁ ୫୦ ଫୁଟ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ରତାଗଡ଼ ରେଳ ପୋଲ ନିକଟରେ ଆଜି ଭୋର୍ ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣାଟି ଘଟିଛି। ବେଆଇନ ମୋରମ ବୋଝେଇ ହାଇୱାଟି ପୁରୀ ମୁଖ୍ୟ କେନାଲ୍ ରାସ୍ତାରେ ଦ୍ରୁତ ବେଗରେ ଗୋଡ଼ିସାହି ଅଭିମୁଖେ ଯାଉଥିବା ସମୟରେ ଏହା ସମ୍ମୁଖରୁ ବାଇକ୍ (ନଂ.ଓଡି୦୨ବିଜେଡ୍ ୫୨୯୩)କୁ ଧକ୍କା ଦେଇଥିଲା। ଏଥିରେ ଆଠଗଡ଼ରୁ ଭୁବନେଶ୍ୱର ଯାଉଥିବା ପାର୍ଥ ସାରଥୀଙ୍କର ମୃତ୍ୟୁ ଘଟିଛି। ଖବର ପାଇ ବାରଙ୍ଗ ଥାନାଧିକାରୀ ନିରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମିଳିଥିବା ସୂଚନାନୁସାରେ, ବାରଙ୍ଗ ଥାନା ନିକଟସ୍ଥ ମଧୁବନ ଗ୍ରାମ ନିକଟସ୍ଥ ଏକ ପାହାଡ଼ରୁ ବେଆଇନ ଭାବେ ପ୍ରତିଦିନ ମୋରମ୍ ଚୋରାଚାଲାଣ ହେଉଛି। ତେବେ ଆଜି ରତାଗଡ଼ ରେଳ ପୋଲ ନିକଟରେ ହାଇୱାଟି ଉକ୍ତ ବାଇକକୁ ସାମ୍ନାପଟୁ ଧକ୍କା ଦେଇଥିଲା। ଫଳତଃ ବାଇକ୍ ଚାଳକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଦୁର୍ଘଟଣା ଘଟାଇବା ପରେ ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ଉଭୟ ହାଇୱା ଓ ବାଇକ୍‌କୁ ଜବତ କରିଛି। ବାରଙ୍ଗ ଅଞ୍ଚଳରେ ବେଆଇନ ମୋରମ ଚାଲାଣ ଉପରେ ପ୍ରଶାସନର ଅଙ୍କୁଶ ରହୁ ନ ଥିବାରୁ ଭାରୀଯାନଗୁଡ଼ିକ ବିପଦର କାରଣ ହେଉଛି।

## କାର୍ ସହ ୩୦ କିଲୋ ଗଞ୍ଜେଇ ଜବତ

**ଆନ୍ତଃଜିଲ୍ଲା ଗଞ୍ଜେଇ ମାଫିଆ ଗିରଫ**




ଫୁଲବାଣୀ, ୨୪।୪ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ପୁଲିସ୍ ଆଜି ଏକ ଅଲ୍‌ଟୋ କାର ସହ ୩୦ କିଗ୍ରା ଓଜନର ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଘଟଣାରେ ଜଣେ ଆନ୍ତଃଜିଲ୍ଲା ଗଞ୍ଜେଇ ମାଫିଆକୁ ବି ପୁଲିସ୍ ଗିରଫ କରିବାରେ ସଫଳ ହୋଇଛି। କନ୍ଧମାଳ ଜିଲ୍ଲା ଏସପି ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଅପରେସନ ନୀଳ ଜହର ଜାରି ରହିଥିବା ବେଳେ ଗୋଛାପଡ଼ା ଥାନାଧିକାରୀ ସଞ୍ଜିତ କୁମାର ବେହେରା ଏଠାରେ ଏହି ଅପରେସନର ନେତୃତ୍ୱ ନେଉଛନ୍ତି। ଏହି ପରିପେକ୍ଷୀରେ ଏକ କାରରେ ଗୋଛାପଡ଼ା ଅଞ୍ଚଳରୁ ନୟାଗଡ଼ ଜିଲ୍ଲାକୁ ଗଞ୍ଜେଇ ଚାଲାଣ ହୋଇଥିବ କୌଣସି ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ପରେ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଗୋଛାପଡ଼ା-ଫୁଲବାଣୀ ମୁଖ୍ୟ ରାସ୍ତାର ଲୁହୁରା ସାହି ଛକ ନିକଟରେ କାରକୁ ଧରିବାରେ ସଫଳ ହୋଇଥିଲା। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଫିରିଙ୍ଗିଆ ତହସିଲଦାର ଜ୍ୟୋତିପ୍ରକାଶ ସେଠୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯିବା ସହ ଏହାର ଭିଡିଓଗ୍ରାଫି କରାଯାଇଥିଲା। ଏହି ମାମଲାରେ ଗୋଛାପଡ଼ା ଥାନାରେ ୬୨/୨୦୨୬ରେ ଏକ ମାମଲା ରୁଜୁ ହୋଇଛି। ଏଥିସହ ଗିରଫ ଅଭିଯୁକ୍ତ ଗଞ୍ଜେଇ ମାଫିଆକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଶ୍ରୀ ବେହେରା। ଗିରଫ ଅଭିଯୁକ୍ତ ନୟାଗଡ଼ ଜିଲ୍ଲା ସରୋଡ଼ା ଅଞ୍ଚଳର ମାନସ ପ୍ରଧାନ ପେସାଦାର ଗଞ୍ଜେଇ ମାଫିଆ ହୋଇଥିବାରୁ ତା' ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି।

## ନାଗ ଚୋଟରୁ ୩୦ ଜୀବନ ବଞ୍ଚାଇଲା କୁକୁର

ବାରିପଦା,୨୪।୪(ସଂଚାର ବ୍ୟୁରୋ): ବିଷାକ୍ତ ନାଗ କବଳରୁ ୩୦ ଜଣ କୋମଳମତି ଶିଶୁଙ୍କ ଜୀବନ ବଞ୍ଚାଇଛି କୁକୁର କାଳି। ଏଥିସହ ସେ ପ୍ରମାଣ କରିଛି ଯେ ସ୍ନେହ ଓ ଶ୍ରଦ୍ଧା ପାଇଲେ ପଶୁମାନେ ମଧ୍ୟ ମଣିଷ ପାଇଁ ଢାଲ ହୋଇ ବିପଦକୁ ଟାଳି ଦେଇପାରନ୍ତି। ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ବାରିପଦା



ବନଖଣ୍ଡ ଅଧୀନରେ ଥିବା ଡିହିରାକୁଳ ଗାଁରେ କୁକୁର କାଳିର ସାହସିକତା ଚର୍ଚ୍ଚାର ବିଷୟ ପାଲଟିଛି। ଡିହିରାକୁଳର ଜଗନ୍ନାଥ ଶିଶୁ ବିଦ୍ୟା ମନ୍ଦିରରେ ପିଲାମାନେ ପଢୁଥିବା ସମୟରେ ଏକ ବିଷାକ୍ତ ନାଗ ସାପ ଘର ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରୁଥିଲା। କିନ୍ତୁ ସେଠାରେ ଥିବା କୁକୁର କାଳି ଉକ୍ତ ସାପକୁ ଅଟକାଇବା ସହ ତା' ସହ ଲଢ଼ିଥିଲା। ଶେଷରେ ଏହି ଲଢ଼େଇରେ ସାପଟିକୁ ଜୀବନ ହରାଇବାକୁ ପଡ଼ିଥିଲା। କିନ୍ତୁ କାଳି ମଧ୍ୟ ସାପ ବିଷର ଶିକାର ହୋଇ ଜୀବନ ହରାଇଥିଲା। କିନ୍ତୁ ଜୀବନ ହରାଇଥିଲେ ମଧ୍ୟ ୩୦ ଜଣ ପିଲାଙ୍କ ଜୀବନ ବଞ୍ଚାଇବାରେ କାଳି ସକ୍ଷମ ହୋଇଛି। ତେଣୁ ଡିହିରାକୁଳ ଗାଁ ଲୋକଙ୍କ ପାଇଁ 'କାଳି' ଏକ ସାଧାରଣ କୁକୁର ନଥିଲା, ବରଂ ୩୦ଟି ପରିବାର ପାଇଁ ଦେବଦୂତ ସାଜିଥିଲା। ଗତକାଲି କାଳିର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମାଓଗଡ଼ରେ ଜନ୍ମଦିନ ପାଳିଲେ ସଚିନ

ମାଲକାନଗିରି, ୨୪।୪ (ସଂଚାର ବ୍ୟୁରୋ): ଭାରତରତ୍ନ ଏବଂ କ୍ରିକେଟ୍‌ର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର ଆଜି ତାଙ୍କର ୫୩ତମ ଜନ୍ମଦିନ ପାଳନ କରିଛନ୍ତି। ଚଳିତ ବର୍ଷ

**ଦୁର୍ଗମ ଅଞ୍ଚଳରେ ପଡ଼ିଲା କ୍ରୀଡା ବିପ୍ଲବର ମୂଳଦୁଆ**



ସଚିନ ଛତିଶଗଡ଼ର ଇନ୍ଦ୍ରାବତୀ ନଦୀ କୂଳରେ ଥିବା ଏକ ଛୋଟ, ବସ୍ତର ଜିଲ୍ଲାର ଦୁର୍ଗମ ଆଦିବାସୀ ଗାଁ ଛିନ୍ଦନାରଠାରେ ତାଙ୍କ ଜନ୍ମଦିନ ପାଳିଛନ୍ତି। ନକ୍ସଲ ପ୍ରଭାବିତ ବସ୍ତର ଅଞ୍ଚଳର ଲୋକେ ସଚିନଙ୍କ ଆଗମନ ବିଷୟରେ ଶୁଣି ବହୁତ ଖୁସି ହୋଇଯାଇଥିଲେ। ସଚିନ୍ ଗତ ୨୨ ତାରିଖରେ ଦୁଇଦିନିଆ ରହଣି ପାଇଁ ଦାନ୍ତେୱାଡାରେ ପହଞ୍ଚିଥିଲେ, ଯେଉଁଠାରେ ସେ ତାଙ୍କ ଜନ୍ମଦିନର କେକ କାଟିବା ସହ ପିଲାଙ୍କ ସହ କିଛି ସମୟ ପାଇଁ ଭଲିବଲ ଖେଳିଥିଲେ।

ଛତିଶଗଡ଼ ମାଓମୁକ୍ତ ହେବା ପରେ ଲାଲଗଡ଼ରେ ପାଦ ରଖିଲେ ମାଷ୍ଟର ବ୍ଲାଷ୍ଟର ସଚିନ ଓ ତାଙ୍କ ପରିବାର। ଛିନ୍ଦନାର ଗାଁରେ ସଚିନ ଏକ କ୍ରୀଡ଼ା ବିପ୍ଳବର ମୂଳଦୁଆ ପକାଇଛନ୍ତି। ସଚିନ ଓ ମାନଦେସୀ ଫାଉଣ୍ଡେସନ ଏହି ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳର ଯୁବକଙ୍କ ଭବିଷ୍ୟତ ଆଶା ଉଜ୍ଜ୍ୱଳ କରିଛନ୍ତି। ସ୍ଥାନୀୟ କ୍ରୀଡ଼ା ପ୍ରତିଭା ପାଇଁ ମୌଳିକ ସୁବିଧା ଯୋଗାଇବା ପାଇଁ ମାନଦେସୀ ଫାଉଣ୍ଡେସନ ଯୋଜନା କରିଛି। ସଚିନ ଦୁଇ ଦିନ ପୂର୍ବରୁ ଛିନ୍ଦନାରର ଦୂରବର୍ତ୍ତୀ ଆଦିବାସୀ ଗ୍ରାମ ପରିଦର୍ଶନ କରିଥିଲେ। ତାଙ୍କ ସହ ଝିଅ ସାରା ତେନ୍ଦୁଲକର ଓ ବୋହୂ ସାନିଆ ତେନ୍ଦୁଲକର ମଧ୍ୟ ଥିଲେ। ସଚିନ ଏକ ନବନିର୍ମିତ ଖେଳପଡ଼ିଆରେ ସ୍ଥାନୀୟ ପିଲାମାନଙ୍କୁ ଭେଟିଥିଲେ। ସେ ପିଲାମାନଙ୍କ ସହ ବେଶ୍ ସରଳତା ଏବଂ ଉଷ୍ମତାର ସହ ତାଙ୍କ ଜନ୍ମଦିନ ପାଳିଥିଲେ। ପିଲାମାନେ ସେମାନଙ୍କ ଗହଣରେ ସଚିନଙ୍କୁ ପାଇଁ ଖୁସିରେ ଅଧୀର ହୋଇଯାଇଥିଲେ।

ସେହିପରି ସଚିନ କେକ୍ କାଟିବା ସମୟରେ ସମଗ୍ର ଅଞ୍ଚଳ 'ଜନ୍ମଦିନର ଶୁଭେଚ୍ଛା ସଚିନ ସାର୍' ଧ୍ୱନିରେ ପ୍ରତିଧ୍ୱନିତ ହୋଇଉଠିଥିଲା। ଏହି ସମୟ ମଧ୍ୟରେ ସଚିନ ପିଲାମାନଙ୍କ ସହିତ ସମୟ ବିତାଇଲେ, ସେମାନଙ୍କ ସହ ଭଲିବଲ୍ ଖେଳିଲେ ଏବଂ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଲେ। ପିଲାମାନଙ୍କ ସହିତ ଖେଳିବା ପରେ ସଚିନ ସମଗ୍ର ଖେଳ ପଡ଼ିଆ ପରିଦର୍ଶନ କରିବା ସହ ପଡ଼ିଆ ନିର୍ମାଣରେ ପ୍ରମୁଖ ଭୂମିକା ନେଇଥିବା ଲୋକମାନଙ୍କୁ ସମ୍ମାନିତ କରିଥିଲେ। ଦାନ୍ତେୱାଡା ଜିଲ୍ଲାରେ ଅଦ୍ୟାବଧି ୨୫ଟି ଖେଳ ପଡ଼ିଆ ନିର୍ମାଣ ସରିଛି ଓ ୨୫ଟି ନୂଆ ଖେଳ ପଡ଼ିଆ ପ୍ରସ୍ତୁତି ପାଇଁ କାମ ଚାଲିଛି। ଏହି ଅବସରରେ ସଚିନ ଏକ ପ୍ରମୁଖ ଘୋଷଣା ମଧ୍ୟ କରିଥିଲେ। ସେ କହିଥିଲେ ଯେ ସେ କେବଳ ୫୦ ନୁହେଁ, ବରଂ ୧୦୦ରୁ ଅଧିକ ଖେଳ ପଡ଼ିଆ ନିର୍ମାଣରେ ଯୋଗଦାନ କରିବେ। ସେ କହିଥିଲେ, ମୁଁ ଏଠାକୁ ଆସି ବହୁତ ଖୁସି ହୋଇଥିଲି। ଯେତେବେଳେ ମୁଁ ଜାଣିଲି ଯେ ଖେଳାଳିମାନଙ୍କ ପାଖରେ ପ୍ରତିଭା ଅଛି, କିନ୍ତୁ ସେମାନଙ୍କ ପାଇଁ କୌଣସି ଖେଳ ପଡ଼ିଆ ନାହିଁ, ଏହା ମୋତେ ମୋ ପିଲାଦିନର କଥା ମନେ ପକାଇଦେଇଥିଲା। ମୋର ଜୀବନ ମଧ୍ୟ ଖେଳ ପଡ଼ିଆରୁ ଆରମ୍ଭ ହୋଇଥିଲା।

ଛାତ୍ର ଜୀବନରେ ପ୍ରତିଭା ସହ ଶୃଙ୍ଖଳା ଏବଂ କଠିନ ପରିଶ୍ରମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ତେନ୍ଦୁଲକର କହିଛନ୍ତି। ସଚିନ, ସାରା ଓ ସୋନିଆ ଉତ୍ସାହର ସହି ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ, ଯାହା ଆଦିବାସୀ ପିଲାଙ୍କ ମନୋବଳ ବୃଦ୍ଧି କରିଥିଲା। ଟଗ୍ ଅଫ୍ ୱାର୍, ଭଲିବଲ୍, ଦୌଡ଼ ଓ ଖୋ-ଖୋ ଭଳି ଆକର୍ଷଣୀୟ ଖେଳର ଆୟୋଜନ କରାଯାଇଥିଲା। ଗ୍ରାଉଣ୍ଡ ଉଦ୍‌ଘାଟନ ପରେ ସଚିନ ଦେଶର ଯୁବ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776 Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ସେନ୍‌ସେକ୍ସ ୯୮୨ ପଏଣ୍ଟ ଖସିଲା

## ବଜାରରେ କାରବାର ପ୍ରଭାବିତ



ମୁମ୍ବାଇ, ୨୪।୪ଃ ମଧ୍ୟପ୍ରାଚ୍ୟ ଯୁଦ୍ଧ ଅନିଶ୍ଚିତତା ମଧ୍ୟରେ ଅଶୋଧିତ ତୈଳ ଦର ପୁଣି ବଢ଼ିଥିବାରୁ ଇକ୍ୱିଟି ବଜାରରେ କାରବାର ପ୍ରଭାବିତ ହୋଇଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୯୮୨ ପଏଣ୍ଟ୍ ହ୍ରାସ ପାଇ ୭୬,୬୮୧.୨୯ ପଏଣ୍ଟ୍‌ରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୨୭୫.୧୦ ପଏଣ୍ଟ୍ ହ୍ରାସ ପାଇ ୨୩,୮୯୭.୯୫ ପଏଣ୍ଟ୍‌ରେ ବନ୍ଦ ହୋଇଛି।

ସେନ୍‌ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ମୋଟ୍ ବଜାର ପୁଞ୍ଜି ପରିମାଣ ୪୬୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଆଜି ନିବେଶକମାନେ ପ୍ରାୟ ସବୁ କ୍ଷେତ୍ରର ସେୟାର ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା।

ସୂଚନା ପ୍ରଯୁକ୍ତି କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଥିଲା। ଇନ୍‌ଫୋସିସ୍, ଏଚ୍‌ସିଏଲ୍ ଟେକ୍, ଟିସିଏସ୍ ଓ ଟେକ୍ ମହିନ୍ଦ୍ରାର ସେୟାର ମୂଲ୍ୟ ହ୍ରାସ ପାଇଥିଲା। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ୍ କ୍ରୁଡ୍‌ର ଦାମ୍ ବ୍ୟାରେଲ୍ ପିଛା ୧୦୭ ଡଲାର ହୋଇଯାଇଥିବାରୁ ଯୁଦ୍ଧ ସଙ୍କଟ ଆହୁରି ଜଟିଳ ହେବା ଆଶଙ୍କା କରାଯାଉଛି। ସେଥିପାଇଁ ନିବେଶକମାନେ ଭୟଭୀତ ହୋଇପଡ଼ିଛନ୍ତି। ତେଲର ଚଢ଼ା ଦର ଆମଦାନି ଉପରେ ନିର୍ଭରଶୀଳ ଦେଶ ଭାରତ ପାଇଁ କ୍ଷତିକାରକ। ଏହାର ପ୍ରଭାବରେ ଦରଦାମ୍ ସ୍ଥିତି ବେଲଗାମ ହେବା ଓ ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ପାଇବା ଆଶଙ୍କା କରାଯାଉଛି।



# ମେ’ ପହିଲାରୁ ପରିବର୍ତ୍ତନ ହେବ ଇପିଏଫଓ ଉଠାଣ ନିୟମ

ନୂଆଦିଲ୍ଲୀ,୨୪।୪ଃ ଲକ୍ଷ ଲକ୍ଷ ଇପିଏଫଓ ଗ୍ରାହକଙ୍କ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି। ଆପଣଙ୍କୁ ଆଉ ଆପଣଙ୍କ ପିଏଫ ଟଙ୍କା ଉଠାଇବା ପାଇଁ ସପ୍ତାହେ ଅପେକ୍ଷା କରିବାକୁ ପଡିବ ନାହିଁ, କାରଣ ମେ’୧ ୨୦୨୬ ଠାରୁ ଆପଣ ୟୁପିଆଇ ମାଧ୍ୟମରେ ଆପଣଙ୍କ ଟଙ୍କା ଉଠାଇ ପାରିବେ। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଏହାର ସିଷ୍ଟମକୁ ଅଧିକ ଉଚ୍ଚ-ପ୍ରଯୁକ୍ତିବିଦ୍ୟାରେ ଅପଗ୍ରେଡ କରିବାକୁ ଯାଉଛି। ଆପଣଙ୍କୁ ପିଏଫ ଦାବି ସମାଧାନ ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡିବ ନାହିଁ। ମେ’୧ ୨୦୨୬ଠାରୁ, ଗ୍ରାହକମାନେ ୟୁପିଆଇ ବ୍ୟବହାର କରି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରିପାରିବେ। ବର୍ତ୍ତମାନ ପିଏଫ ଉଠାଣ ପ୍ରକ୍ରିୟା ୭ରୁ ୧୫ ଦିନ ସମୟ ନେଇଥାଏ। ୟୁପିଆଇ ପେମେଣ୍ଟ ସିଷ୍ଟମର ସମନ୍ୱୟ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ। ଜରୁରୀକାଳୀନ ପରିସ୍ଥିତିରେ କର୍ମଚାରୀମାନେ କିଛି ଘଣ୍ଟା ମଧ୍ୟରେ ସେମାନଙ୍କର ପାଣ୍ଠି ପାଇବା ନିଶ୍ଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରାରମ୍ଭରେ, ୟୁପିଆଇ ମାଧ୍ୟମରେ ଏକ ଦୈନିକ ଉଠାଣ ସୀମା ସ୍ଥିର କରାଯାଇପାରେ। ରିପୋର୍ଟ ଅନୁସାରେ, ଚିକିତ୍ସା ଜରୁରୀକାଳୀନ କିମ୍ବା ଶିକ୍ଷା ଭଳି ଛୋଟ ଉନ୍ନତି ପାଇଁ, ଆପଣ ୟୁପିଆଇ ମାଧ୍ୟମରେ ତୁରନ୍ତ ୫୦,୦୦୦ ରୁ ୧୦୦,୦୦୦ ପର୍ଯ୍ୟନ୍ତ ଟଙ୍କା ଉଠାଇ ପାରିବେ। ଏହି ସୁବିଧାର ଲାଭ ଉଠାଇବା ପାଇଁ, ଆପଣଙ୍କର ୟୁନିଭର୍ସାଲ ଆକାଉଣ୍ଟ ନମ୍ବର (ୟୁଏଏନ) ଆପଣଙ୍କ ଆଧାର ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ ହୋଇଥିବା ଆବଶ୍ୟକ। ଏହା ବ୍ୟତୀତ, ୟୁପିଆଇ ଆଇଡି ପାଇଁ ସମାନ ମୋବାଇଲ ନମ୍ବର ଆପଣଙ୍କ ବ୍ୟାଙ୍କ ଏବଂ ଇପିଏଫଓ ସହିତ ପଞ୍ଜୀକୃତ ହୋଇଥିବା ଆବଶ୍ୟକ।

# ମହଙ୍ଗା ମାଡ଼ରେ ଅଣନିଃଶ୍ୱାସୀ ହେବ ବଜାର

## ଅର୍ଥନୀତିକୁ ଆରବିଆଇର ‘ରେଡ୍ ସିଗନାଲ୍’

ମୁମ୍ବାଇ, ୨୪।୪ଃ ଯୋଗାଣ ସମସ୍ୟା ଓ ମହଙ୍ଗା ମାଡ଼ରେ ଥରିବ ଅର୍ଥନୀତି ! ମଧ୍ୟପ୍ରାଚ୍ୟରେ ଅଶାନ୍ତି ଏବଂ ଯୋଗାଣ ଶୃଙ୍ଖଳ ସମସ୍ୟା ଘରୋଇ ଅର୍ଥବ୍ୟବସ୍ଥାରେ ଛିଡ଼ା କରିବ ବଡ଼ ଆହ୍ୱାନ। ଉଚ୍ଚ ଶକ୍ତି ଦର, ଉତ୍ପାଦନ ଖର୍ଚ୍ଚ ଚାପ, ବାଣିଜ୍ୟିକ ପ୍ରବାହରେ ବାଧା ଏବଂ ବିତ୍ତୀୟ ବଜାରରେ ଅସ୍ଥିରତା ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ଚେତାବନି ଦେଇଛି। ଆର୍ବିଆଇ ଏହାର ଏପ୍ରିଲ ବୁଲେଟିନ୍ରେ ପ୍ରକାଶ କରିଛି ଯେ, ମଧ୍ୟପ୍ରାଚ୍ୟରେ ଅଶାନ୍ତି ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବଡ଼ ଆକାରରେ ଚାପଗ୍ରସ୍ତ କରିଛି। ଘରୋଇ ବଜାରରେ ଅର୍ଥନୈତିକ ଗତିବିଧି ମନ୍ଥର ହୋଇଯାଇଛି। ଯୁଦ୍ଧ ଯଦି ଅଧିକ ଦିନ ଲାଗିରୁହେ ଏବଂ ଶକ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ରରେ କ୍ଷତି ମାତ୍ରା ବୃଦ୍ଧି ପାଏ ତେବେ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପ୍ରତି ରିସ୍କ ରହିଥିବା ଆର୍ବିଆଇ ପ୍ରକାଶ କରିଛି। ଯଦି ଯୁଦ୍ଧ ଜାରି ରୁହେ ଏବଂ ଯୋଗାଣ ଶୃଙ୍ଖଳରେ ସୁଧାର ଆସିବାରେ ବିଳମ୍ବ ହୁଏ ତେବେ ଘରୋଇ ବଜାରକୁ ଅନେକ ପ୍ରକାର ଆହ୍ୱାନର ସାମ୍ନା କରିବାକୁ ପଡ଼ିବ ବୋଲି ସର୍ବୋଚ୍ଚ ବ୍ୟାଙ୍କ ପ୍ରକାଶ କରିଛି। ଯଦିଓ ମୁଦ୍ରାସ୍ଫୀତି ସହ୍ୟ ସୀମା ମଧ୍ୟରେ ରହିଛି, ଯୋଗାଣ ଶୃଙ୍ଖଳଜନିତ ବାଧକ ଏବଂ ପାଣିପାଗଜନିତ ଅନିଶ୍ଚିତତାଗୁଡ଼ିକ ଯୋଗୁ ଅପ୍ସାଇଡ୍ ରିସ୍କ ବୃଦ୍ଧି ପାଇଥିବା ଏହା ପ୍ରକାଶ କରିଛି।

ଏଭଳି ଝଟ୍କାକୁ ସାମ୍ନା କରି ଦୃଢ଼ତାର ସହ ଛିଡ଼ା ହେବା ପାଇଁ ଭାରତୀୟ ଅର୍ଥନୀତିକୁ ମଜଭୂତ ମାକ୍ରୋ-ଅର୍ଥନୈତିକ ମୂଳଦୂଆଗୁଡ଼ିକ ବଳ ଦେବା ଉଚିତ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପ୍ରକାଶ କରିଛି। ପ୍ରକାଶଯୋଗ୍ୟ, ସାମ୍ପ୍ରତିକ ଅନିଶ୍ଚିତତାଗୁଡ଼ିକ ମଧ୍ୟରେ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ବିତ୍ତୀୟ ପ୍ରତିଷ୍ଠାନଗୁଡ଼ିକ ଭାରତର ଅଭିବୃଦ୍ଧି ଅନୁମାନକୁ ସଂଶୋଧିତ କରୁଛନ୍ତି। ଭାରତ ପାଇଁ ଏହାର ଅଭିବୃଦ୍ଧି ଅନୁମାନକୁ ଖସାଇଛି ମୁଡିସ୍। ମୁଡିସ୍ ରେଟିଙ୍ଗସ୍ ପ୍ରକାଶ କରିଛି ଯେ, ୨୦୨୬- ୨୭ ଆର୍ଥିକବର୍ଷରେ ଭାରତର ବିକାଶ ହାର ୬% ରହିବ। ପୂର୍ବ ଅନୁମାନ ଥିଲା ୬.୮%। ଇରାନ ଯୁଦ୍ଧ ଯୋଗୁ ଉଚ୍ଚ ଶକ୍ତି ଦର ଏବଂ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ ମଧ୍ୟରେ ଦୁର୍ବଳ ଘରୋଇ ଚାହିଦା ଓ ମନ୍ଥର ଶିଳ୍ପ କାର୍ଯ୍ୟକଳାପ ଯୋଗୁଁ ଅନୁମାନକୁ ଖସାଇଛି ମୁଡିସ୍। ଅନ୍ୟପକ୍ଷରେ, ବିଶ୍ୱ ଅସ୍ଥିରତାଗୁଡ଼ିକ ମଧ୍ୟରେ ଭାରତୀୟ ଅର୍ଥବ୍ୟବସ୍ଥା ୨୦୨୬ରେ ୬.୪% ଏବଂ ୨୦୨୭ରେ ୬.୬% ଅଭିବୃଦ୍ଧି ନେଇ ବଢ଼ିବ ବୋଲି ମିଳିତ ଜାତିସଂଘ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଏସିଆ ପାସିଫିକ୍ କ୍ଷେତ୍ରରେ ଅଭିବୃଦ୍ଧିର ପ୍ରମୁଖ ଇଞ୍ଜିନ ଭାରତ ରହିବ ବୋଲି ଏହା ପ୍ରକାଶ କରିଛି।



# ମେଟାରୁ ବିଦା ହେବେ ୮୦୦୦ କର୍ମଚାରୀ

ନୂଆଦିଲ୍ଲୀ, ୨୪।୪ଃ ସୋସିଆଲ ମିଡିଆ ଜଗତର ସବୁଠାରୁ ବଡ଼ କମ୍ପାନୀ 'ମେଟା' ବଡ଼ ଧରଣର କର୍ମଚାରୀ ଛାଟକାଟ କରିବାକୁ ଯାଉଛି। କମ୍ପାନୀ ଏହାର ମୋଟ କର୍ମଚାରୀଙ୍କ ମଧ୍ୟରୁ ୧୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୮,୦୦୦ ଜଣଙ୍କୁ ଚାକିରିରୁ ବାହାର କରିବ ବୋଲି ସ୍ପଷ୍ଟ କରିଛି। ଆସନ୍ତା ମେ' ୨୦ ତାରିଖ ସୁଦ୍ଧା ଏହି ଛଟେଇ ପ୍ରକ୍ରିୟା ଶେଷ ହେବ। କମ୍ପାନୀର ଚିଫ୍ ପିପୁଲ୍ ଅଫିସର ଜାନେଲ୍ ଗେଲ୍ କର୍ମଚାରୀଙ୍କୁ ଏକ ଆଭ୍ୟନ୍ତରୀଣ ମେମୋ ପଠାଇ ଏହି ଦୁଃଖଦ ଖବର ଜଣାଇଛନ୍ତି। ୬,୦୦୦ ପଦବୀ ଉଚ୍ଛେଦଃ କେବଳ କାମ କରୁଥିବା କର୍ମଚାରୀ ନୁହଁନ୍ତି, ବରଂ ନିଯୁକ୍ତି ପାଇଁ ଖାଲି ପଡ଼ିଥିବା ପ୍ରାୟ ୬,୦୦୦ ପଦବୀକୁ ମଧ୍ୟ କମ୍ପାନୀ ବାତିଲ କରିଦେଇଛି।

ଏଆଇ ଉପରେ ଫୋକସ୍ଃ ଜାନେଲ୍ ଗେଲ୍ଙ୍କ ଅନୁସାରେ, କମ୍ପାନୀ ଏବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ବିପୁଳ ପରିମାଣର ଅର୍ଥ ନିବେଶ କରୁଛି। ଏହି ନିବେଶକୁ ଭରଣା କରିବା ଏବଂ କମ୍ପାନୀକୁ ଅଧିକ ଦକ୍ଷ କରିବା ପାଇଁ ଏହି କଠୋର ନିଷ୍ପତ୍ତି ନିଆଯାଇଛି।

ପ୍ରଭାବିତ କର୍ମଚାରୀଙ୍କ ପାଇଁ କମ୍ପାନୀ ଏକ ସହାୟତା ରାଶି ଘୋଷଣା କରିଛି। ୧୬ ସପ୍ତାହର ବେସିକ୍ ସ୍ୟାଲେରୀ ସହ ପ୍ରତି ବର୍ଷର ଅଭିଜ୍ଞତା ପାଇଁ ଅତିରିକ୍ତ ୨ ସପ୍ତାହର ଦରମା ମିଳିବ। ଆମେରିକାର କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ୧୮ ମାସ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଖର୍ଚ୍ଚ କମ୍ପାନୀ ବହନ କରିବ। ନୂଆ ଚାକିରି ଖୋଜିବା ପାଇଁ କ୍ୟାରିୟର ସର୍ଭିସେସ୍ ଏବଂ ପ୍ରବାସୀ କର୍ମଚାରୀଙ୍କୁ ଇମିଗ୍ରେସନ ସପୋର୍ଟ ପ୍ରଦାନ କରାଯିବ। ରିପୋର୍ଟ ଅନୁସାରେ, ଏହା କେବଳ ପ୍ରଥମ ପର୍ଯ୍ୟାୟ। ଚଳିତ ବର୍ଷର ଦ୍ୱିତୀୟ ଭାଗରେ ମେଟା ଆଉ ଏକ ରାଉଣ୍ଡ ଛଟେଇ କରିପାରେ, ଯେଉଁଥିରେ ଆହୁରି ୮,୦୦୦ କର୍ମଚାରୀ ପ୍ରଭାବିତ ହେବାର ସମ୍ଭାବନା ରହିଛି।

ମେଟାର ମୁଖ୍ୟ ମାର୍କ ଜୁକରବର୍ଗ ଏବେ 'ମେଟାଭର୍ସ' ଅପେକ୍ଷା 'ଏଆଇ' କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କମ୍ପାନୀ ଚଳିତ ବର୍ଷ ଏଆଇ ଭିତ୍ତିଭୂମି ପାଇଁ ପ୍ରାୟ ୧୩୫ ବିଲିୟନ ଡଲାର ଖର୍ଚ୍ଚ କରିବାର ଲକ୍ଷ୍ୟ ରଖିଛି। ଜୁକରବର୍ଗଙ୍କ ଅନୁସାରେ, ଏଆଇ ଯୋଗୁଁ କାମ କରିବାର ଧାରା ବଦଳିବା ସହ କମ୍ କର୍ମଚାରୀରେ ଅଧିକ କାମ କରିହେବ।




# ଦେଶରେ ଅଶୋଧିତ ତେଲ ଓ ଗ୍ୟାସ ଉତ୍ପାଦନ ତଳମୁହାଁ

ନୂଆଦିଲ୍ଲୀ,୨୪।୪ଃଲଗାତର ୧୧ ବର୍ଷ ଧରି ହ୍ରାସ ହୋଇଛି ଦେଶର ଅଶୋଧିତ ତେଲ ଉତ୍ପାଦନ। ସେହିଭଳି ଦ୍ୱିତୀୟ ବର୍ଷ ଲାଗି ପ୍ରାକୃତିକ ଗ୍ୟାସ ଉତ୍ପାଦନ କମିଛି। ପୁରୁଣା ଅଏଲ ଫିଲ୍ଡ ଗୁଡିକରୁ ଉତ୍ପାଦନ କମିବା ଏବଂ ନୂଆ ଫିଲ୍ଡ ନ ଯୋଡିବା ଯୋଗୁ ଉତ୍ପାଦନ କମିଛି। ଘରୋଇ ବଜାରରେ ଉତ୍ପାଦନ ହ୍ରାସ ହେଉଥିବାରୁ ଆମଦାନି ନିର୍ଭରତା ବଢ଼ୁଛି। ଦେଶ ଏବେ ଏହାର ମୋଟ ତେଲ ଚାହିଦାର ୮୯% ଆମଦାନି ଜରିଆରେ ପୂରଣ କରୁଛି। ସେହିଭଳି ଗ୍ୟାସ ଚାହିଦାର ୫୧% ଆମଦାନି ହେଉଛି। ଆମେରିକା ଏବଂ ଇରାନ ଯୁଦ୍ଧ ଯୋଗୁ ଏବେ ଆମଦାନିରେ ସମସ୍ୟା ଉପୁଜୁଛି। ବିଶୋଧନାଗାର ଗୁଡିକ ମାର୍ଚ୍ଚରେ ଉଚ୍ଚ ଦରରେ ତେଲ କିଣିଥିଲେ। ଏହା ସତ୍ତ୍ୱେ ମଧ୍ୟ ଯୋଗାଣ ସଙ୍କଟରେ ରହିଛି।

ବିଗତ ବର୍ଷ ଗୁଡ଼ିକରେ ତେଲ ଏବଂ ଗ୍ୟାସ ଉତ୍ପାଦନକୁ ବୃଦ୍ଧି କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ଏହା ମଧ୍ୟରେ ଜାତୀୟ ଜିଓଲୋଜିକାଲ ଡାଟା ରିପୋଜିଟୋରି, ନିୟାମକ ଏବଂ ପରିବେଶ ମଞ୍ଜୁରି ଏବଂ ଉତ୍ତୋଳନ କମ୍ପାନି ଗୁଡ଼ିକ ଉତ୍ସାହିତ ହେବା ଭଳି କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ତେବେ ଏହା ସତ୍ତ୍ୱେ ମଧ୍ୟ ବିଶ୍ୱ ସ୍ତରୀୟ କମ୍ପାନି ଗୁଡ଼ିକ ଭାରତର ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ନିବେଶ ନେଇ ଆକୃଷ୍ଟ ହୋଇନାହାନ୍ତି।

ଗତ ଦଶନ୍ଧିରେ ଲାଇସେନ୍ସ ପାଇଥିବା କମ୍ପାନି ଗୁଡ଼ିକ ମଧ୍ୟରେ ରାଷ୍ଟ୍ରାୟତ୍ତ ସଂସ୍ଥା ଗୁଡ଼ିକର ପତିଆରା ରହିଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଡାଟା ମୁତାବକ, ୨୦୨୫-୨୬ରେ ଦେଶ ମଧ୍ୟରେ ଅଶୋଧିତ ତେଲ ଉତ୍ପାଦନ ୨.୫% ହ୍ରାସ ହୋଇ ୨୮ ନିୟୁତ ମେଟ୍ରିକ ଟନ୍ ଛୁଇଁଛି। ୨୦୧୪-୧୫ ଠାରୁ ଏହି ଉତ୍ପାଦନ ପ୍ରାୟ ୨୨% ଖସିଛି। ସେହିଭଳି ପ୍ରାକୃତିକ ଗ୍ୟାସ ଉତ୍ପାଦନ ୩.୭% ହ୍ରାସ ହୋଇ ୩୪,୭୭୬ ନିୟୁତ ମେଟ୍ରିକ ଷ୍ଟାଣ୍ଡାର୍ଡ ଘନ ମିଟର ରହିଛି। ୨୦୧୧-୧୨ରେ ଏହା ୪୭,୫୫୫ ନିୟୁତ ଘନ ମିଟର ଥିଲା। ୨୦୨୧-୨୨ରେ ଏହା ୨୮,୬୭୨ ନିୟୁତ ଘନ ମିଟରକୁ କମିଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦ୍ୱାରା ପରିଚାଳିତ କେଜି-ଡି୬ ଅଞ୍ଚଳରୁ ଉତ୍ପାଦନ ଏହି ଅବଧିରେ ବଡ ପରିମାଣରେ ହ୍ରାସ ହୋଇଛି। ଏହି ଅଞ୍ଚଳରେ ନୂଆ ଫିଲ୍ଡ ବାର୍ଷିକ ଭିତ୍ତିରେ ୧୯% ବଢ଼ିଥିବା ବେଳେ ଉତ୍ପାଦନ ସେହି ଅନୁସାରେ ବଢ଼ି ପାରିନି। ସେହିଭଳି ଓଏନ୍‌ଜିସିର ଉତ୍ପାଦନ ମଧ୍ୟ ସେଭଳି ବଢ଼ିନି।

## ଚାହିଦାର ୮୯% ଅଂଶ ଆମଦାନି




ତୈଳ ଶିଳ୍ପ ବିଶେଷଜ୍ଞ କହିଛନ୍ତି, ଗତ ଦଶନ୍ଧିରେ ଦେଶରେ ସେଭଳି କିଛି ବଡ ତୈଳ ଏବଂ ଗ୍ୟାସ ଉତ୍ପାଦନ କ୍ଷେତ୍ର ଯୋଡ଼ି ହୋଇନି। ସମୟକ୍ରମେ ତେଲ ଏବଂ ଗ୍ୟାସ ସମ୍ପଦ ହ୍ରାସ ହେଉଛି। ନୂଆ କ୍ଷେତ୍ର ବିକଶିତ ନ ହେଲେ ଉତ୍ପାଦନ ବଢ଼ାଇବା ବଡ ଆହ୍ୱାନ। ସେହିଭଳି କମ୍ପାନି ଗୁଡ଼ିକ ନିକଟରେ ଗଚ୍ଛିତ ଥିବା ପ୍ରାକୃତିକ ସମ୍ବଳର ଉତ୍ପାଦନ ସେମାନେ ତ୍ୱରିତ ଭାବେ ବଢ଼ାଇବାକୁ ସକ୍ଷମ ହେଉନାହାନ୍ତି। ଯାହାର ପ୍ରଭାବ ଉତ୍ପାଦନ ଉପରେ ପଡୁଛି। ତୈଳ ଶିଳ୍ପର ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ନୀତିଗତ ପଦକ୍ଷେପ ଆଖିଦୃଶିଆ ନ ହେବାରୁ ଦେଶରେ ଏ କ୍ଷେତ୍ରରେ ନିବେଶ ନେଇ କମ୍ପାନି ଏତେଟା ଆଗଭର ହେଉନାହାନ୍ତି। ଉତ୍ପାଦନ ବଢ଼ାଇବାକୁ ହେଲେ ନୂଆ ତେଲ ଏବଂ ଗ୍ୟାସ କ୍ଷେତ୍ର ସନ୍ଧାନରେ ଅଧିକ ନିବେଶ ଜରୁରୀ।



# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।




# ପିଲାମାନଙ୍କ ଖାଇବାରେ ସାମିଲ କରନ୍ତୁ ପ୍ରୋଟିନ



ଆଜିକାଲିର ଖରାପ ଜୀବନଶୈଳୀ ଯୋଗୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଯଦି ଆପଣ ରୋଗରୁ ଦୂରେଇ ରହିବାକୁ ଚାହୁଁଛନ୍ତି ତେବେ ଆପଣଙ୍କର ଖାଦ୍ୟପେୟରେ ପରିବର୍ତ୍ତନ ଆଣିବା ଜରୁରୀ। ସୁସ୍ଥତା ଆମ ଖରାପ ଏବଂ ଭଲ ଖାଦ୍ୟ ଉପରେ ନିର୍ଭର କରେ। କିଛି ଖାଦ୍ୟକୁ ନିଜ ଡାଏଟରେ ସାମିଲ କରିବା ନିହାତି ଆବଶ୍ୟକ। ଯାହା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଯାଇପାରିବ। ଯେତେବେଳେ ଆପଣ ସଠିକ୍ ଡାଏଟ୍ ପ୍ଲାନ୍ ଫଲୋ କରିବେ, ସେତେବେଳେ ସୁସ୍ଥ ରହିବା ସମ୍ଭବ ହେବ। ଯଦି ଆପଣଙ୍କର ଖାଇବା ରୁଟିନ୍ ଏବଂ ଲାଇଫ୍ ଷ୍ଟାଇଲ ଖରାପ ହେବ ତେବେ ବାରମ୍ବାର ଅସୁସ୍ଥ ହେବାର ଆଶଙ୍କା ରହିଛି। ଯଦି ଆମେ ପିଲାମାନଙ୍କ ବିଷୟରେ କଥା ହେବା, ତେବେ ବଡ଼ମାନଙ୍କ ଅପେକ୍ଷା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ଖାସ କରି ପିଲାମାନଙ୍କ ରାଜାପ୍ରତିରୋଧକ ଶକ୍ତି ମଜବୁତ ରହିବା ଜରୁରୀ। ନଚେତ୍ ପିଲାମାନେ ଶୀଘ୍ର ଅସୁସ୍ଥତାର ଶିକାର ହୋଇଥାନ୍ତି। ତେଣୁ ସେମାନଙ୍କ ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍। ତେବେ ପାଣିପାଗର ପରିବର୍ତ୍ତନ ସହିତ ପିଲାମାନେ ପ୍ରାୟତଃ ଶୀଘ୍ର ଅସୁସ୍ଥ ହୁଅନ୍ତି। ଏଭଳି ପରିସ୍ଥିତିରେ, ଏପରି ଜିନିଷକୁ ସେମାନଙ୍କ ଖାଦ୍ୟରେ ସାମିଲ କରିବା ଜରୁରୀ, ଯାହା ସେମାନଙ୍କର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବ। ଏଠାରେ ଆମେ ଆପଣଙ୍କୁ ସେହି ଜିନିଷଗୁଡ଼ିକ ବିଷୟରେ କହିବାକୁ ଯାଉଛୁ ଯାହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବା ସହିତ ବିଭିନ୍ନ ରୋଗ ବୈରାଗ୍ୟଠାରୁ ଦୁରେଇ ରଖିବାରେ ସାହାଯ୍ୟ କରିବ। ପ୍ରତିରକ୍ଷା ପ୍ରଣାଳୀ ପାଇଁ ଭିଟାମିନ୍ 'ସି' ଅତ୍ୟନ୍ତ ଜରୁରୀ ହୋଇଥାଏ। ଯାହା ଶରୀରରେ ଧଳା ରକ୍ତ କଣିକା ବୃଦ୍ଧି କରିଥାଏ। ଏହା ସହିତ, ଭିଟାମିନ୍ 'ସି' ସଂକ୍ରମଣ ସୃଷ୍ଟି କରୁଥିବା ଜୀବାଣୁକୁ ମାରିଦେଇଥାଏ। ସେଥିପାଇଁ କମଳା, ଅଁଳା ଏବଂ ଅଙ୍ଗୁର ପରି ଖଟା ଫଳଗୁଡିକ ପିଲାମାନଙ୍କ ଖାଦ୍ୟରେ ସାମିଲ କରନ୍ତୁ।

ଯଦି ଆପଣ ପିଲାମାନଙ୍କ ଶୀଘ୍ର ବଢ଼ିବାକୁ ନେଇ ଚିନ୍ତିତ ତେବେ ତାଙ୍କ ଡାଏଟରେ ପ୍ରୋଟିନ୍ ଖାଦ୍ୟ ସାମିଲ କରନ୍ତୁ। ଯାହା ମାଂସପେଶୀ ଏବଂ ହାଡକୁ ମଜବୁତ କରିବାରେ ସାହାଯ୍ୟ କରିବ। ଯଦି ଶରୀରରେ ପ୍ରୋଟିନର ପରିମାଣ ଠିକ୍ ଥାଏ ତେବେ ଯେକୌଣସି ଆଘାତ ଲାଗିଥିଲେ ଶୀଘ୍ର ଭଲ ହୋଇଯାଇଥାଏ। ତେଣୁ ପ୍ରୋଟିନ ପାଇଁ ପିଲାମାନଙ୍କ ଖାଦ୍ୟରେ ପନିର, ଅଣ୍ଡା, ଟୋଫୁ ଏବଂ ସୋୟାବିନ୍ ସାମିଲ କରନ୍ତୁ।

ବାଦାମ: ପିଲାମାନଙ୍କର ପ୍ରତିଦିନ ଖାଦ୍ୟରେ ବାଦାମ ନିଶ୍ଚିତ ସାମିଲ କରନ୍ତୁ। ରାତିସାରା ୫ ରୁ ୬ଟି ବାଦାମକୁ ଭିଜାଇ ସକାଳେ ନିଜ ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ଫଳରେ ପିଲାମାନଙ୍କୁ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଭିଟାମିନ୍ 'ଇ' ପାଇବେ। ଯାହା ଦ୍ୱାରା ପିଲାମାନଙ୍କୁ ଆକ୍ଟିଭ ରଖିବାରେ ସାହାଯ୍ୟ କରିଥାଏ।

ଦହି: ଶିଶୁର ହଜମ ପ୍ରକ୍ରିୟା ଭଲ ନଥିଲେ ମଧ୍ୟ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ, ପିଲାମାନଙ୍କର ଅନ୍ତନଳୀ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ହୋଇଥାଏ। ପିଲାମାନେ ସେମାନଙ୍କର ପ୍ରତିଦିନ ଖାଦ୍ୟରେ ଦହି ଏବଂ ବଟର ମିଲ୍କ ସାମିଲ କରିବା ନିହାତି ଜରୁରୀ। ଦହିରେ ପ୍ରୋବୋଟିକ୍ସ ଥାଏ। ଯାହା ଅନ୍ତନଳୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେଣୁ, ସେମାନଙ୍କର ଖାଦ୍ୟରେ ଦହି କିମ୍ବା ବଟର ମିଲ୍କ ସାମିଲ କରନ୍ତୁ। ଯାହା ଫଳରେ ସେମାନେ ସୁସ୍ଥ ରହିବେ ଏବଂ କୌଣସି ପ୍ରକାରର ସମସ୍ୟା ହେବ ନାହିଁ।

# ରାତି ୯ଟା ପରେ ଖାଉଛନ୍ତି କି ଅଧିକ ଖାଦ୍ୟ ?



ରାତି ୯ଟା ପରେ ଅଧିକାଂଶ ଲୋକ ଖାଦ୍ୟ ଖାଇଥାନ୍ତି। ତେବେ ବ୍ୟସ୍ତତା ଏବଂ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଅନେକଙ୍କ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ତେବେ ରାତି ୯ଟା ପରେ ଯଦି ଅଧିକ ଖାଦ୍ୟ ଗ୍ରହଣ କରନ୍ତି ତାହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏମିତିକି ବଡ଼ ପେଟ ସମସମ୍ୟା ମଧ୍ୟ ଉପୁଜିଯାଇପାରେ ବୋଲି କୁହାଯାଏ।

ଆମେରିକାର ନ୍ୟାସନାଲ ହେଲ୍ଥ ଆଣ୍ଡ ନ୍ୟୁଟ୍ରିସନ ଏଗଜାମିନେସନ ସର୍ଭେରୁ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ୧୧ ହଜାର ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି କି, ବିଳମ୍ବିତ ରାତିରେ ଅତ୍ୟଧିକ ଖାଦ୍ୟ ଖାଇଲେ ଅନ୍ତଃନଳୀ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଏହାସହ ଅଧ୍ୟୟନରୁ ଜଣା ପଡ଼ିଛି କି, ଅଧିକାଂଶ ଲୋକ କହିଛନ୍ତି କି, ବ୍ୟସ୍ତତା ପାଇଁ ବିଳମ୍ବରେ ଖାଦ୍ୟ ଗ୍ରହଣ କରନ୍ତି। ପାଖାପାଖି ୨୫ ପ୍ରତିଶତରୁ ଅଧିକ ଲୋକ ଏଭଳି ଥିବା ଜଣାପଡ଼ିଛି। ତେବେ ଏମାନଙ୍କ ନିକଟରେ କୋଷ୍ଠକାଠିନ୍ୟ ଦେଖାଯାଏ ବୋଲି ତଥ୍ୟରେ ପ୍ରକାଶ ପାଇଛି।

ତେବେ ଏହି ସର୍ଭେର ମୁଖ୍ୟ କହିଛନ୍ତି କି, ବିଳମ୍ବରେ ଖାଇବା ଅପେକ୍ଷା ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ଆପଣ ଯଦି ଚାପରେ ଅଛନ୍ତି ଏବଂ ଅତ୍ୟଧିକ ଖାଦ୍ୟ ଗ୍ରହଣ କରନ୍ତି ତାହେଲେ ଅନ୍ତଃନଳୀ ଉପରେ ଏହା ପ୍ରଭାବ ପକାଇଥାଏ। ଏହାସହ ଏହା ଶରୀର ଉପରେ ଅଧିକ ପ୍ରଭାବ ପକାଇଥାଏ। ମାନସିକ ଚାପରେ ରହିଲେ ଏହା ପେଟ ସମସ୍ୟା ହେବାର ଆଶଙ୍କା ରହିଥାଏ। କୁହାଯାଇଛି କି, ଦିନ ଅପେକ୍ଷା ରାତିରେ ଖାଦ୍ୟ ହଜମ କରିବାର କ୍ଷମତା ହ୍ରାସ ପାଇଥାଏ। ରାତିରେ ଅଧିକ ପରିମାଣର ଖାଦ୍ୟ ଗ୍ରହଣ କଲେ ଏହା ସହଜରେ ହଜମ ହୋଇନଥାଏ। ଯାହାଦ୍ୱାରା ଆପଣଙ୍କ ନିକଟରେ ବହୁ ଲକ୍ଷଣମାନ ଦେଖାଯାଇଥାଏ। ଏହାକୁ ଏଡାଇବା ପାଇଁ ସବୁବେଳେ ରାତିରେ ହାଲୁକା ଖାଦ୍ୟ ଖାଆନ୍ତୁ। ମାନସିକ ଚାପ ନିଅନ୍ତୁ ନାହିଁ। ପ୍ରତିଦିନ ଯୋଗ କରନ୍ତୁ, ଚାଲିବା କିମ୍ବା ଧ୍ୟାନ କରନ୍ତୁ। ପର୍ଯ୍ୟାପ୍ତ ପରିମାଣ ଶୁଅନ୍ତୁ।

# ଖରାଦିନେ ପିଅନ୍ତୁ ବେଲପଣା



ପ୍ରତି ଓଡିଆଙ୍କ ପ୍ରିୟ ବେଲପଣା। ଏହାର ଗଛଠାରୁ ଆରମ୍ଭ କରି ପତ୍ର,ଫଳ ବିଶେଷ ଉପକାରୀ। ବିଶେଷ କରି ଖରା ଆସିବା ମାତ୍ରେ ଘରେ ଘରେ ବେଲପଣା ତିଆରି ହୋଇଥାଏ। ଏହାକୁ କିଏ କଞ୍ଚା ଖାଇବାକୁ ପସନ୍ଦ କରନ୍ତି ତ ଆଉ ପୁଣି କିଏ ପଣା ତିଆରି କରି ପିଇବାକୁ ଭଲ ପାଇଥାଆନ୍ତି। ଓଡିଆ ନୂଆ ବର୍ଷ ଆରମ୍ଭ ହେବା ମାତ୍ରେ ବେଲପଣା ପିଇ ସମସ୍ତେ ବର୍ଷର ଆରମ୍ଭ କରିଥାଆନ୍ତି। ଓଡିଆଙ୍କ ପାଇଁ ନ୍ୟାଚୁରାଲ ଥଣ୍ଡା କହିଲେ ବେଲପଣାକୁ ବୁଝାଏ। ଯାହା ସ୍ୱାସ୍ଥ୍ୟକୁ ଭଲ ରଖିବା ସହିତ ଶରୀରକୁ ଭିତରୁ ଥଣ୍ଡା ରଖେ। ଏହା ଏନର୍ଜି ବୁଷ୍ଟର ଭାବେ କାର୍ଯ୍ୟ କରିଥାଏ। ଯାହା ଆମ ଶରୀର ପାଇଁ ରାମବାଣ ସଦୃଶ। ବେଲପଣା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହିତକର। ଯାହା ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ଆଜିକାଲିକା ଯୁବ ପିଢ଼ିମାନେ ଖରାଦିନ ଆରମ୍ଭ ହେଉ ହେଉ କୋଲଡ୍ରିଙ୍କସ ଏବଂ ଆଇସ୍କ୍ରିମ୍ ଖାଉଛନ୍ତି। ଏହା କିଛି ସମୟ ପାଇଁ ହୁଏତ ଆମକୁ ଥଣ୍ଡା ଅନୁଭବ କରାଇଥାଏ ହେଲେ ପରେ ବିପଦ ମୁହଁକୁ ଠେଲି ଦେଇଥାଏ। ସେଥିପାଇଁ ଗରମରୁ ରକ୍ଷା ପାଇବାକୁ ଚାହୁଁଥିଲେ ଆପଣମାନେ ବେଲପଣା ପିଇପାରିବେ। ବେଲରେ ଫାଇବାର, ପ୍ରୋଟିନ୍, ଆଇରନ୍ ଓ ପୁଷ୍ଟିକର ଗୁଣ ଭରପୂର ମାତ୍ରାରେ ଥାଏ। ଯାହା ଶରୀରକୁ ହାଇଡ୍ରେଡ୍ ରଖିବା ସହ କୋଷ୍ଠ-କାଠିନ୍ୟ,ଗ୍ୟାସ୍, ବଦହଜମି ଓ ଥକ୍କାପଣ ଭଳି ସମସ୍ୟାକୁ ଦୂର କରିଥାଏ। ତେବେ ଆମେ ଆଜି ଆପଣଙ୍କୁ ବେଲପଣା ପିଇବାର ଲାଭ ସମ୍ପର୍କରେ ଜଣାଇବୁ। ଯାହା ଆପଣଙ୍କୁ ଅନେକ ଲାଭ ପ୍ରଦାନ କରିବ। ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଯାହା ଦ୍ୱାରା ଆପଣଙ୍କ ସମସ୍ୟା କିଛି ମାତ୍ରାରେ ଲାଘବ ହୋଇପାରିବ।

ଶରୀରକୁ ଥଣ୍ଡା ରଖେ: ଖରାଦିନେ ଅଧିକରୁ ଅଧିକ ଝାଳ ବୋହିଥାଏ। ସାଧାରଣତଃ ଏହି ଦିନରେ ଜଳୀୟ ଅଂଶର ଅଭାବ ଦେଖିବାକୁ ମିଳିଥାଏ। ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ ଆପଣ ବେଲପଣା ପିଇପାରିବେ। ଯାହା ଆପଣଙ୍କ ଶରୀର ଜଳୀୟ ଅଂଶର ଅଭାବକୁ ଦୂର କରିବ। ଏହା ସହିତ ଆପଣଙ୍କୁ ଇନଷ୍ଟାଣ୍ଟ ଏନର୍ଜି ଦେବ।

ରକ୍ତକୁ ପରିଷ୍କାର କରେ: ବେଲପଣା ପିଇବା ଦ୍ୱାରା ରକ୍ତକୁ ପରିଷ୍କାର କରିବାରେ ସାହାଯ୍ୟ କରେ। ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ତ୍ୱଚାରେ ଚମକ ଆଣିବାରେ ସହାୟକ କରେ।

ହଜମ ପ୍ରକ୍ରିୟା ଉନ୍ନତ କରେ: ବେଲ ପଣାରେ ପ୍ରଚୁର ପରିମାଣର ଡାଏଟ୍ରି ଫାଇବର ଏବଂ ପେକ୍ଟିନ ଥାଏ। ଯାହା ମଳତ୍ୟାଗକୁ ନିୟନ୍ତ୍ରଣ କରିବାରେ ଏବଂ ଏକ ସୁସ୍ଥ ପାଚନ ପ୍ରଣାଳୀ ବଜାୟ ରଖିବାରେ ସାହାଯ୍ୟ କରେ। ଏହା ଏକ ପ୍ରାକୃତିକ ଔଷଧ ଭାବରେ କାର୍ଯ୍ୟ କରେ। କୋଷ୍ଠକାଠିନ୍ୟକୁ କମ କରିବାରେ ସାହାଯ୍ୟ କରେ।

ହାର୍ଟକୁ ସୁସ୍ଥ ରଖେ: ବେଲପଣା ନିୟମିତ ଭାବେ ସେବନ କଲେ କୋଲେଷ୍ଟ୍ରୋଲ୍ ସ୍ତର ନିୟନ୍ତ୍ରଣ କରାଯାଇପାରିବ। ଯାହା ଦ୍ୱାରା ହାର୍ଟକୁ ସୁସ୍ଥ ରଖାଯାଇପାରିବ। ହାର୍ଟର ସ୍ୱାସ୍ଥ୍ୟକୁ ଉନ୍ନତ କରି ହୃଦରୋଗର ଆଶଙ୍କା ହ୍ରାସ କରିଥାଏ।

ମଧୁମେହ ନିୟନ୍ତ୍ରଣ କରେ: ବେଲପଣାରେ ଫେରୁଲିକ୍ ଏସିଡ୍ ଏବଂ ରୁଟିନ୍ ଭଳି ଗୁଣ ରହିଛି। ଯାହା ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହା ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରେ ଏବଂ ରକ୍ତ ଶର୍କରା ସ୍ତରକୁ ହ୍ରାସ କରେ ।

ଚର୍ମକୁ ସୁସ୍ଥ ରଖେ: ବେଲପଣାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ ଚର୍ମକୁ ଅକ୍ସିଡେଟିଭ ଚାପରୁ ରକ୍ଷା କରେ ଏବଂ କୋଲାଜେନ ଉତ୍ପାଦନକୁ ବୃଦ୍ଧି କରେ। ଯାହା ଚର୍ମକୁ ଉନ୍ନତ କରିବା ସହ ଅକାଳ ବାର୍ଦ୍ଧକ୍ୟକୁ ରୋକିଥାଏ। ତେଣୁ ଖରାଦିନେ ଅନ୍ୟ ଥଣ୍ଡା ପିଇବା ପରିବର୍ତ୍ତେ ବେଲପଣା ପିଅନ୍ତୁ। ଯାହା ଆପଣଙ୍କର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିପାରିବ।

# ଦିନରେ ତରଭୁଜ ଖାଇବା ଉଚିତ

ଗରମ ଦିନରେ ତରଭୁଜ ସ୍ୱାସ୍ଥ୍ୟ ଲାଗି ବେଶ ଲାଭଦାୟକ। ଏଥିରେ ୯୦ ପ୍ରତିଶତ ଜଳ ରହିଛି। ଶରୀରକୁ ହାଇଡ୍ରେଟ୍ ରଖିବାକୁ ତରଭୁଜ ସର୍ବୋତ୍ତମ। କିନ୍ତୁ ତରଭୁଜ କେତେବେଳେ ଖାଇବା ଉଚିତ, ସେନେଇ ବିଭିନ୍ନ ମତ ରହିଛି। ଦିନ ନା ରାତି, କେତେବେଳେ ତରଭୁଜ ଖାଇଲେ ଏହାର ଫାଇଦା ଅଧିକ ମିଳେ ତାହା ଜାଣିବା ଜରୁରୀ। ଗରମ ଦିନରେ ତରଭୁଜ ଖାଇବାକୁ ଲୋକେ ପସନ୍ଦ କରନ୍ତି। କିନ୍ତୁ ଏହାକୁ ମୁଡ୍ ଅନୁସାରେ ଖାଇବା କେତେଦୂର ଠିକ୍ ? ଖାଲି ପେଟରେ ତରଭୁଜ ଖାଇବା ଉଚିତ କି ନାହିଁ ? ଏହାକୁ ନେଇ ଟିଭି-୯ ଜଣେ ଡାକ୍ତରଙ୍କ ପରାମର୍ଶ କ୍ରମେ ତଥ୍ୟ ଦେଇଛି। ଗରମ ଦିନରେ ଦେହରୁ ଅଧିକରୁ ଅଧିକ ଝାଳ ବାହାରିଥାଏ, ତେଣୁ ଶରୀରକୁ ହାଇଡ୍ରେଟ୍ ରଖିବା ନିହାତି ଆବଶ୍ୟକ। ଏହି ସମୟରେ ତରଭୁଜ ଶରୀରରେ ଜଳୀୟ ଅଂଶ ବଢ଼ାଇବାରେ ସହାୟକ ହୋଇଥାଏ। ୧୦୦ ଗ୍ରାମ ତରଭୁଜରେ ପ୍ରାୟ ୪୦ ରୁ ୪୫ କ୍ୟାଲୋରୀ ଏବଂ ୭.୫୫ ଗ୍ରାମ କାର୍ବୋହାଇଡ୍ରେଟ୍ ଥାଏ। ଅନ୍ୟାନ୍ୟ ପୁଷ୍ଟିକର ପଦାର୍ଥ ମଧ୍ୟରେ ଫାଇବର, ପ୍ରୋଟିନ୍, ଭିଟାମିନ୍ ସି, ଭିଟାମିନ୍ ଏ, ପୋଟାସିୟମ୍ ଏବଂ ଲାଇକୋପିନ୍ ଅନ୍ତର୍ଭୁକ୍ତ।

ଏହି ଫଳ ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ରାତ୍ରି ଭୋଜନ ପରେ ଏହାକୁ ଖାଇବାର ଭୁଲ କରିବା ଉଚିତ୍ ନୁହେଁ। କୁହାଯାଏ ଯେ, ରାତିରେ ଏହାକୁ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ମନ୍ଥର ହୋଇପାରେ, ଯାହା ଫଳରେ କିଛି ଲୋକଙ୍କର ଗ୍ୟାସ୍ କିମ୍ବା ପେଟ ଫୁଲିବାର ସମ୍ଭାବନା ବଢ଼ିଯାଏ। ବିଶେଷଜ୍ଞଙ୍କ ମତରେ ଖାଦ୍ୟ ପରେ ତୁରନ୍ତ ଏହାକୁ ଖାଇବା ଦ୍ୱାରା ପାଚନକ୍ରିୟା ପ୍ରଭାବିତ ହୋଇପାରେ। ଆପଣ ଏହାକୁ ସକାଳ ୧୧ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ଖାଇପାରିବେ। ଏହାକୁ ସର୍ବୋତ୍ତମ ସମୟ ବୋଲି ବିବେଚନା କରାଯାଏ, କାରଣ ଏହି ସମୟରେ ମେଟାବୋଲିଜିମ୍ ଦ୍ରୁତ ହୋଇଥାଏ। ଫଳରେ ଶରୀରରେ ତରଭୁଜର ପୁଷ୍ଟିକର ତତ୍ତ୍ୱ ସହଜରେ ଅବଶୋଷିତ ହୋଇଥାଏ। ଡାକ୍ତରଙ୍କ ମତରେ, ତରଭୁଜକୁ ଖାଲି ପେଟରେ ଖାଇବା ସମସ୍ତଙ୍କ ପାଇଁ ଲାଭଦାୟକ ନୁହେଁ। ତରଭୁଜରେ ପ୍ରଚୁର ପରିମାଣରେ ପାଣି ଏବଂ ପ୍ରାକୃତିକ ଶର୍କରା ଥାଏ। ତେଣୁ, ଖାଲି ପେଟରେ ଏହାକୁ ଖାଇବା ଦ୍ୱାରା ଶର୍କରା ସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇପାରେ ଏବଂ ପାଚନ ତନ୍ତ୍ର ଉପରେ ପ୍ରଭାବ ପକାଇପାରେ। ପ୍ରଥମତଃ, ଖାଲି ପେଟରେ ତରଭୁଜ ଖାଇବା ଦ୍ୱାରା ରକ୍ତରେ ଶର୍କରାର ସ୍ତର ହଠାତ୍ ବୃଦ୍ଧି ପାଇପାରେ, ଯାହା ମଧୁମେହ କିମ୍ବା ପ୍ରିଡାଇବେଟିସ୍ ଥିବା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ଦ୍ୱିତୀୟତଃ, ଏଥିରେ ଥିବା ଅତ୍ୟଧିକ ପାଣି ଯୋଗୁଁ, ଏହା ପେଟରେ ଭାରୀପଣ, ଗ୍ୟାସ୍ ଏବଂ ଫୁଲିବା ଭଳି ସମସ୍ୟା ସୃଷ୍ଟି କରିପାରେ। ତୃତୀୟତଃ, କିଛି ଲୋକ ଏସିଡିଟି ଏବଂ ପେଟ ଯନ୍ତ୍ରଣା ଅନୁଭବ କରନ୍ତି, କାରଣ ଫଳ ଖାଲି ପେଟରେ ଶୀଘ୍ର ପ୍ରତିକ୍ରିୟା ସୃଷ୍ଟି କରେ।



# ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ



**ବାଲିପାଟଣା, ୨୪।୪(ସଂଚାର ବ୍ୟୁରୋ)ः** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଆଜି ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ପଞ୍ଚାୟତରାଜ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ସାଂସଦ ଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାସ, ସରପଞ୍ଚ ବାହାନ ଭୋଇ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।କାର୍ଯ୍ୟକ୍ରମ ରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ରୁ ସମଗ୍ର ଓଡିଶା ବାସୀ ଙ୍କୁ ଉଦବୋଧନ ଦେଇଥିଲେ। ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ଅଙ୍ଗନୱାଡି କର୍ମୀ, ମହିଳା ସଂଗଠନ ର କର୍ମକର୍ତ୍ତା ଓ ସରକାରୀ ଅଧିକାରୀ ମାନେ ଆଜି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ବ୍ଲକ ପ୍ରଶାସନ ତରଫରୁ ହିତାଧିକାରୀ ମାନଙ୍କୁ ଅନ୍ତୋଦୟ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ ସହିତ ଜନପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ପ୍ରଭାତ କୁମାର ଜେନା, ନେତ୍ରାନନ୍ଦ ବେହେରା, ଦିବ୍ୟରଞ୍ଜନ ମହାପାତ୍ର, ହରପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ନିଆଁ ଗିଳିଦେଲା ଗରିବର ଆଶ୍ରୟ ସ୍ଥଳ

## ସବୁ ହରାଇ ଖୋଲା ଆକାଶ ତଳେ ଦୁଇ ଦଳିତ ପରିବାର



**ବାଲିକୁଦା, ୨୪।୪ (ସଂଚାର ବ୍ୟୁରୋ)ः** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତର ନାଲୋ ଗ୍ରାମରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇଟି ଗରିବ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଗ୍ରାମର ନରେଶ ମଲ୍ଲିକ ଏବଂ ସୁବାଷ ମଲ୍ଲିକଙ୍କ ଘର ଜଳିପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଏବେ ସେମାନେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ସୂଚନା ଅନୁଯାୟୀ, ନରେଶ ଓ ସୁବାଷ ପ୍ରତିଦିନ ଭଳି ଶୁକ୍ରବାର ସକାଳୁ ମୂଲ ଲାଗିବା ପାଇଁ ବାହାର ଗାଁକୁ ଯାଇଥିଲେ। ଘରେ କେବଳ ବୟସ୍କା ମା' ଓ ଛୋଟ ପିଲାମାନେ ଥିବାବେଳେ ପୂର୍ବାହ୍ନରେ ହଠାତ ସର୍ଟ ସର୍କିଟ ରୁ ନିଆଁ ଲାଗିଯାଇଥିଲା ବୋଲି ପଡୋଶୀ ମାନେ ପ୍ରକାଶ କରିଛନ୍ତି। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ସ୍ଥାନୀୟ ଗ୍ରାମବାସୀ ଚେଷ୍ଟା କରି ମଧ୍ୟ ତାହାକୁ ଆୟତ୍ତ କରିପାରିନଥିଲେ। ପରେ ବାଲିକୁଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ ମଧ୍ୟ ସେତେବେଳକୁ ଘରର ସମସ୍ତ ଆସବାବପତ୍ର ଓ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ଅଳ୍ପକେ ବୟସ୍କା ମା' ଓ ପିଲାମାନେ ରକ୍ଷା ପାଇଯାଇଥିବା ଜଣାପଡ଼ିଛି। ଦୀର୍ଘ ଦିନ ଧରି ଏହି ଦୁଇ ଦଳିତ ପରିବାର ସରକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇ ରହିବା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ପରେ ବାଲିକୁଦା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଆର.ଆଇ ପହଞ୍ଚି କେବଳ ଦୁଇଖଣ୍ଡ ପଲିଥିନ ଏବଂ ଆଶ୍ୱାସନା ପ୍ରଦାନ କରି ଚାଲିଯାଇଛନ୍ତି। ଏଭଳି ସଙ୍କଟ ସମୟରେ ପ୍ରଶାସନର ଏଭଳି ସାମାନ୍ୟ ସହାୟତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଏହି ଦୁଇ ନିରାଶ୍ରୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ରେଡକ୍ରସ୍ ନାମରେ ଅବୈଧ ଧନ ସଂଗ୍ରହ ଅଭିଯୋଗ, ତଦନ୍ତ ଦାବି

ମାଲକାନଗିରି, ୨୪ ଏପ୍ରିଲ୍ (ହି.ସ.)- କୋରାପୁଟ ଜିଲ୍ଲାରେ ଇଣ୍ଡିଆନ ରେଡକ୍ରସ ସୋସାଇଟି ନାମକୁ ବ୍ୟବହାର କରି ଅବୈଧ ଧନ ସଂଗ୍ରହ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ହେଉଛି। ଇଷ୍ଟ ଇଣ୍ଡିଆ କନଷ୍ଟ୍ରକ୍ସନ, ଭୁବନେଶ୍ୱର ନାମକ ଏକ ସଂସ୍ଥା ବାଇକ ଓ ଚାରିଚକିଆ ଚାଳକମାନଙ୍କ ପାଖରୁ ଟଙ୍କା ଗ୍ରହଣ କରୁଥିବା ଜଣାପଡ଼ିଛି। ଏକ କଳାରଙ୍ଗର କାର୍ ନଂ ଓଡ଼ି୦୨ବିୟୁ ୯୭୪୭ ରେ ୪ ଜଣ ବ୍ୟକ୍ତି ଟିମ୍ ଲିଡର ଚକ୍ରଧର ମହାରଣାଙ୍କ ସହ ଆସି ମାଥିଲି ଠାରୁ ୪ କି.ମି. ଦୂରରେ ଲୋକଙ୍କୁ ଅଟକାଇ ସୁରକ୍ଷିତ ମୋଟରଗାଡ଼ି ଚଳାଇବା ବାର୍ତ୍ତା ଦେବାସହ ପ୍ଲାଷ୍ଟିକ ଫୁଲ ଦେଉଥିବା ଦେଖିବାକୁ ମିଳିଛି। ସେମାନଙ୍କ ଠାରେ ଅନେକ ବେନାମୀ ରସିଦ ଥିବା ମଧ୍ୟ ଦେଖିବାକୁ ମିଳିଛି। ଅଭିଯୋଗ ଅନୁସାରେ, ସଂସ୍ଥାର କିଛି ବ୍ୟକ୍ତି "ରକ୍ତଦାନ ଶିବିର" ଓ "ରେଡ୍ କ୍ରସ୍" ନାମରେ ବାଇକ ଚାଳକଙ୍କୁ ୧୦ ରୁ ୨୦ ଟଙ୍କା ଏବଂ ଚାରିଚକା ଚାଳକଙ୍କୁ ଧନ ସଂଗ୍ରହ କରୁଛନ୍ତି। ଏହା ସହିତ ଯେଉଁ ରସିଦ ଦିଆଯାଉଛି, ସେଥିରେ ଦାତାଙ୍କ ନାମ ଉଲ୍ଲେଖ ନଥିବା ଓ ଖାଲି ରସିଦ ବଣ୍ଟନ ହେଉଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ନେଇ ସନ୍ଦେହ ଓ ଅସନ୍ତୋଷ ବୃଦ୍ଧି ପାଇଛି। ସେମାନଙ୍କ କହିବା ଅନୁସାରେ, ଏହି ଧନ ସଂଗ୍ରହ ପାଇଁ କୌଣସି ଅଧିକାରିକ ଅନୁମତି ରହିଛି କି ନାହିଁ, ସେଥିରେ ସ୍ପଷ୍ଟ ନାହିଁ। ଏହି ଘଟଣାକୁ ନେଇ କୋରାପୁଟ ଜିଲ୍ଲାପାଳ ଓ ମାଲକାନଗିରି ଜିଲ୍ଲାପାଳଙ୍କ ରେଡକ୍ରସ ଅଧିକାରୀଙ୍କ ପାଖରେ ଅଭିଯୋଗ ଦାଖଲ

# ସଟ୍ଟାଖେଳରେ ପୁଲିସ୍‌ର ଚଢ଼ାଉ, ୫ଅଭିଯୁକ୍ତ ଗିରଫ



**ବରଗଡ଼,୨୪।୪(ସଂଚାର ବ୍ୟୁରୋ)ः** ବରଗଡ଼ ସଦର ଥାନା ପୁଲିସ୍ ସଟ୍ଟା କାରବାରରେ ବୁଧବାର ୫ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ସଦର ଥାନା ଅନ୍ତର୍ଗତ ନିଲେଶ୍ୱର ଗ୍ରାମର ନେପାଳ ସାହୁ(୪୬), ସଦାନନ୍ଦ ସାହୁ (୩୯), ଗିରିଜା ଶଙ୍କର ସାହୁ(୩୯), ଶୁରୁବାବୁ ସାହୁ (୪୫) ଏବଂ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ମହାନ୍ତି ପଡାର ସନ୍ତୋଷଜନକ ପୋପଟାନୀ(୪୨) । ସେମାନଙ୍କ ପାଖରୁ ନଗଦ ୧୦ହଜାର ୨୧୦ ଟଙ୍କା, ସଟ୍ଟା ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ, ଗୋଟିଏ ମୋବାଇଲ, ଗୋଟିଏ ଜୁପିଟର ସ୍କୁଟି (ନଂ-ଓଡି୧୭ପି ୮୩୪୭), ଗୋଟିଏ ହୋଣ୍ଡା ସାଇନ ବାଇକ୍ (ନଂ-ଓଡି୧୭ୟୁ ୬୫୦୭) ଜବତ ହୋଇଛି। ଏ ନେଇ ବରଗଡ଼ ସଦର ଥାନା ପୁଲିସ୍ ଏକ ମାମଲା (ନଂ-୧୨୩/୨୪) ରୁଜୁ କରି ଅଧିକ ତଦନ୍ତ କରୁଛି।

# ମରଣଯନ୍ତା ପାଲଟିଛି ରାସ୍ତା

## ଘାରୁଛି ଦୁର୍ଘଟଣା ଭୟ, ଚୁପ୍ ବସିଛି ପ୍ରଶାସନ

**କେନ୍ଦୁଝର,୨୪।୪ (ସଂଚାର ବ୍ୟୁରୋ)ः** ଜିଲ୍ଲା ଚମ୍ପୁଆ ଏନଏସିର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ରାମଲା ଠାରୁ ପାଞ୍ଚପୋଖରିଆ ଯାଇଥିବା ମୁଖ୍ୟ ରାସ୍ତା। ଦୀର୍ଘ ଦୁଇ କିଲୋମିଟର ପର୍ଯ୍ୟନ୍ତ ଏହି ରାସ୍ତା ଏବେ ସମ୍ପୂର୍ଣ୍ଣ ବେହାଲ୍। ପାଦେ ପାଦେ ବିପଦ। ପିଚୁ ଛାଡ଼ି ମେଣ୍ଟାଲ ଚିପ୍ସ ବାହାରି ପଡ଼ିଛି। ବାଇକ୍ କିମ୍ବା ସାଇକେଲ୍ ଚଲାଇବା ତ ଦୂରର କଥା। ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ବର୍ଷ ବର୍ଷ ଧରି ମରାମତି ଅଭାବରୁ ରାସ୍ତା ଆଜି ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ୨ଟି ଘରୋଇ ସ୍କୁଲ ସହ ୨ଟି ସରକାରୀ ସ୍କୁଲ ରହିଛି।



ଶହ ଶହ ସ୍କୁଲ ପିଲାଙ୍କ ସହ ଅନ୍ୟାନ୍ୟ ଯାନବାହାନ ପ୍ରତିଦିନ ଏହି ବିପଦପୂର୍ଣ୍ଣ ରାସ୍ତା ଦେଇ ଯାଉଛନ୍ତି। ରାସ୍ତାର ଅବସ୍ଥା ଏମିତି କୌଣସି ମୁହୂର୍ତ୍ତରେ ଏଠାରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। କିନ୍ତୁ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନର କର୍ଣ୍ଣଭେଦ କରିପାରୁନି ଲୋକଙ୍କ ଦୁଃଖ। ଅନ୍ୟପଟେ ଏନଏସି ନିର୍ବାହୀ ଅଧିକାରୀ କହିଛନ୍ତି ଯେ ଖୁବଶୀଘ୍ର ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ଏ ଖବର ଦେଖିଲେ ଲାଗୁଛି କିଛି ବଡ଼ ଅଘଟଣ ଘଟିଲେ ହିଁ ପ୍ରଶାସନ ଓ ସରକାରଙ୍କ ନିଦ ଭାଙ୍ଗେ।

# ସୁବର୍ଣ୍ଣପୁରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ସୁବର୍ଣ୍ଣପୁର,୨୪।୪(ସଂଚାର ବ୍ୟୁରୋ)ः** ସୁବର୍ଣ୍ଣପୁର ଜିଲ୍ଲାର ଟାଉନ ହଲ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ଅବସରରେ ଜିଲ୍ଲା ଓ ବ୍ଲକ ସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନନୀୟ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ପ୍ରହଲ୍ଲାଦ ନାଏକ, ଜିଲ୍ଲାପରିଷଦ ସଭ୍ୟ ମଧୁସୂଦନ ଓତା, ସମାଜସେବୀ ବେଣୁଧର ଦାସ, ମାନନୀୟା ବଲାଙ୍ଗୀର ସଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର ଓ ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କାଳିଆ ମଲ୍ଲିକ, , ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅର୍ଜୁନ ମାଝୀ ଯୋଗଦାନ କରିଥିଲେ। ଏହି ଅବସରରେ ୧୦୪ଟି କାର୍ଯ୍ୟଦେଶ ଓ ୧୬ଟି ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗୋଷ୍ଠୀ ନିବେଶ ରାଶି ଓ ବ୍ୟକ୍ତିଗତ ପାଇଖାନା ପାଇଁ ପ୍ରତୀକାତ୍ମକ ଚେକ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଇଂ ରଘୁନାଥ ଜଗଦଲା କହିଥିଲେ ଯେ, ୧୯୯୩ ମସିହାରେ ପଞ୍ଚାୟତି ରାଜ ବ୍ୟବସ୍ଥାର ଆରମ୍ଭ ହେବା ପରେ ଗ୍ରାମୀଣ ଅଞ୍ଚଳକୁ ସରକାରୀ ସୁବିଧା ସିଧାସଳଖ ପହଞ୍ଚୁଛି। ବିଭିନ୍ନ ଯୋଜନା ମାଧ୍ୟମରେ ଗାଁର ବିକାଶ ସୁନିଶ୍ଚିତ ହେଉଛି ବୋଲି ସେ କହିଥିଲେ ଏବଂ ସମସ୍ତଙ୍କୁ ଜିଲ୍ଲାର ବିକାଶରେ ସହଭାଗୀ ହେବାକୁ ଆହ୍ୱାନ ଜଣାଇଥିଲେ। ସଭାପତି ତଥା ମୁଖ୍ୟ ବକ୍ତା, ଜିଲ୍ଲାପାଳ ଡ଼ ନୃପରାଜ ସାହୁ ସମସ୍ତ ଅତିଥି ତଥା ଉପସ୍ଥିତ ପଞ୍ଚାୟତ ପ୍ରତିନିଧି, ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ସଦସ୍ୟା ଓ ବିଭିନ୍ନ ସମ୍ବାଦ ପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇବା ସହିତ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପଞ୍ଚାୟତି ରାଜ ବ୍ୟବସ୍ଥା ତୃଣମୂଳ ସ୍ତରରେ ସୁଶାସନ ଓ ଲୋକଙ୍କ ସଶକ୍ତିକରଣ ପାଇଁ ଏକ ମୁଖ୍ୟ ମାଧ୍ୟମ। କାର୍ଯକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ ସୋନପୁର ଗୋଷ୍ଠୀ ଉନ୍ନୟନ କାର୍ଯାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତେ ବାଲାଙ୍ଗୀରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯକ୍ରମର ଲାଇଭ ଷ୍ଟ୍ରିମିଙ୍ଗ ଦେଖିଥିଲେ।

# ଗଛରେ ପିଟି ହୋଇ ବାଇକ ଚାଳକ ମୃତ

**ଗଞ୍ଜାମ,୨୪।୪(ସଂଚାର ବ୍ୟୁରୋ)ः** ଗତକାଲି ରାତିରେ ଭୋଜିଖାଇ ବାଇକରେ ଫେରୁଥିବା ବେଳେ ତରେଇଗୁଞ୍ଜି ଗ୍ରାମର ରାଜୁ ବେହେରା ସୋରଡା ନିକଟରେ ଥିବା ଗୋଟିଏ ଗଛରେ ପିଟି ହେବା ଫଳରେ ଘଟଣାସ୍ଥଳରେ ରାଜୁଙ୍କ ମୃତ୍ୟୁ ଘଟିଛି। ତାଙ୍କ ପଛରେ ବସିଆସୁଥିବା ଅନାଦି ବେହେରା ଗୁରୁତର ଆହତ ହୋଇଛନ୍ତି। ରାଜୁଙ୍କ ଶବ ପୋଷ୍ଟମର୍ଟମ ପାଇଁ ସୋରଡା ପୁଲିସ ଡାକ୍ତରଖାନାକୁ ପଠାଇବା ସହ ଗୁରୁତର ଆହତ ଅନାଦୀକୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୩୦ ଅଟକ

**ବଲାଙ୍ଗିର,୨୪।୪(ସଂଚାର ବ୍ୟୁରୋ)ः** ରାଜ୍ୟ ସ୍ତରିୟ ପଞ୍ଚାୟତରାଜ ଦିବସ ପାଳନ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବଲାଙ୍ଗିର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଗାନ୍ଧି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡାଇବାକୁ ବିଭିନ୍ନ ରାଜନୈତିକ ଦଳ ବିଶେଷ କରି ବିରୋଧି ଦଳ ମାନଙ୍କର ୩୦ରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ଅଟକ ରଖିଛି।

# ବେଆଇନ ଲଘୁ ଖଣିଜ ଚୋରା ଚାଲାଣ, ୬ ବାଲି ଗାଡି ଜବତ



**ବାରଙ୍ଗ,୨୪।୪(ସଂଚାର ବ୍ୟୁରୋ)ः** ବାରଙ୍ଗ ଅଞ୍ଚଳ ଚୋରା ମୋରମ ଓ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ସନ୍ଧ୍ୟା ହେବା ମାତ୍ରେ ଏମାନେ ସକ୍ରିୟ ହୋଇ ଉଠୁଛନ୍ତି । ଏହିସବୁ ଲଘୁ ଖଣିଜ ଚୋରାରେ ପରିବହନ କରୁଥିବାରୁ ଦ୍ରୁତଗତିରେ ଗାଡି ଚାଳନା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି । ଏସବୁ ସତ୍ତ୍ୱେ ଖଣି ବିଭାଗ ନୀରବଦ୍ରଷ୍ଟା ସାଜି ବ୍ୟବସାୟୀଙ୍କ ପାଇଁ ପ୍ରୋତ୍ସାହନ ସୃଷ୍ଟି କରିଛି । ଗୁରୁବାର ବିଳମ୍ବିତ ରାତିରେ ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନଙ୍କ ନେତୃତ୍ୱରେ ଏକ ଦଳ ଗଠନ ହୋଇଥିଲା । ବାରଙ୍ଗର ବିଭିନ୍ନ ସ୍ଥାନରେ ଚଢାଉ କରି ବେଆଇନ ଭାବେ ପରିବହନ କରୁଥିବା ୯ଟି ଗାଡିକୁ ଜବତ କରାଯାଇଛି। ସେଥି ମଧ୍ୟରେ ବାଲି ବୋଝେଇ ୬ଟି ହାଇୱା ଏବଂ ୩ଟି ଚିପ୍ସ ବୋଝେଇ ହାଇୱା ରହିଛି । ଚିପ୍ସ ବୋଝେଇ ହାଇୱା ୩ଟି ଓଭରଲୋଡ଼ିଂ କରିଥିବାରୁ ଏମାନଙ୍କୁ ପରିବହନ ଦ୍ୱାରା ଲକ୍ଷାଧିକ ଟଙ୍କା ଫାଇନ କରଯାଇଛି । ସବୁଠାରୁ ବଡକଥା ହେଲା ବେଆଇନ ମୋରମ ଓ ବାଲି ଚାଲାଣ ଉପରେ ଖଣି ବିଭାଗ କାହିଁକି ଅଙ୍କୁଶ ଲଗାଉନାହିଁ ତାହା ବାରଙ୍ଗର ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବାଇବାଲିରୁ ପୁରୀ ଗଲା ୫୫ ଖଣ୍ଡ ରଥକାଠ

**ଭଞ୍ଜନଗର,୨୪।୪(ସଂଚାର ବ୍ୟୁରୋ)ः** ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ସେକ୍ସସନ ଗୁନାକିଆ ଜଙ୍ଗଲରୁ ଶୁକ୍ରବାର ପୁରୀ ଗଲା ୫୫ ଖଣ୍ଡ ରଥକାଠ। ଏ ନେଇ ଗୁନାକିଆ ଠାରେ ଶୁକ୍ରବାର ପୂଜାପାଠ ପରେ ରଥ କାଠ ଗାଡି ପୁରୀ ଅଭିମୁଖେ ବାହାରିଥିଲା। ଏହି ସମୟରେ ରାସ୍ତା କଡ଼ରେ ବହୁ ଶ୍ରଦ୍ଧାଳୁ ରଥ କାଠ ଗାଡ଼ିକୁ ପୂଜାର୍ଚ୍ଚନା କରିଥିଲେ। ପରେ ଭଞ୍ଜନଗର ଡି ଏଫ ଓ କାର୍ଯ୍ୟାଳୟ ଠାରେ ରଥ କାଠ ଗାଡି ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମୟରେ ସେଠାରେ ଏସିଏଫ ବିବେକ କୁମାର ଦାସ, ଏସିଏଫ ବିମଳ କୁମାର ପ୍ରଧାନ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥିବୀରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡି ଏଫ ଓ ହିମାଂଶୁ ଶେଖର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଯୋଗ୍ୟ ଯେ, ବିଗତ କିଛି ବର୍ଷ ହେବ ଏହି ବନଖଣ୍ଡରୁ ପୁରୀ ରଥଯାତ୍ରା ପାଇଁ ରଥକାଠ ଯାଉଛି। ଯାହାକି ଅଞ୍ଚଳବାସୀଙ୍କ ପାଇଁ ଗର୍ବର ବିଷୟ।

# ଶେରଗଡ଼ ବ୍ଲକରେ ରାଜନେତା ଚଳଚଞ୍ଚଳ, ଜନତା ଶିଥିଳ

**ଗଞ୍ଜାମ,୨୪।୪(ସଂଚାର ବ୍ୟୁରୋ)ः** ଗତ ସାଧାରଣ ନିର୍ବାଚନ ପରଠାରୁ ଏଠାରେ ରାଜନୈତିକ ଶିଥିଳତା ଲାଗି ରହିଥିବା ବେଳେ ବର୍ତ୍ତମାନ ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳର ନେତୃବୃନ୍ଦ ସକ୍ରିୟ ହୋଇ ଜନସାଧାରଣଙ୍କ ନିକଟତର ହେବାରେ ଲାଗିଛନ୍ତି। ଗ୍ରାମାଚଂଳରେ ସରକାରଙ୍କ କୌଣସି ଉନ୍ନତିମୂଳକ କାର୍ଯ୍ୟକ୍ରମ ହେଉନଥିବାରୁ ଲୋକେ ରାଜନୈତିକ ଦଳମାନଙ୍କ ପ୍ରତି ବିମୁଖ ହୋଇପଡ଼ିଛନ୍ତି। ତେବେ ଆଜିଠାରୁ ଭୋଟର ତଥା ଲୋକ ମାନଙ୍କୁ ଆପଣାର କରି ରଖିବା ପାଇଁ ବିଭିନ୍ନ ଦଳର ନେତୃବୃନ୍ଦ ବିଭିନ୍ନ ଗାଁ କୁ ଯାଇ ମଠମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା, ଯାତ୍ରା ନାଟକ, କ୍ରିକେଟ ଓ ଭଲିବଲ ପ୍ରତିଯୋଗୀତାମାନ କରାଇ ଦକ୍ଷିଣା ଦେବା ମଧ୍ୟ ଆରମ୍ଭ କରିଦେଇଛନ୍ତି।

# ସେତୁ ଓ ଜନମନ ଯୋଜନା କାର୍ଯ୍ୟର ଅନୁଧ୍ୟାନ ନାରିଙ୍ଗଝୋଲାକୁ ଆଦର୍ଶ ଗ୍ରାମ ଭାବେ ଗଢ଼ିବାକୁ ପ୍ରଶାସନର ଗୁରୁତ୍ୱ

**ମାଲକାନଗିରି,୨୪।୪(ସଂଚାର ବ୍ୟୁରୋ)ः** ମାଲକାନଗିରି ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ କୋରୁକୋଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଞ୍ଚାୟତରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଏବଂ ଚାଲିଥିବା ପ୍ରକଳ୍ପ ଗୁଡିକର ସଠିକ୍ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି ଏକ ସ୍ୱତନ୍ତ୍ର ପରିଦର୍ଶନ କରିଛନ୍ତି। ପ୍ରଶାସନର ଏହି ଗସ୍ତର ମୁଖ୍ୟ ଲକ୍ଷ୍ୟ ଥିଲା ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଏବଂ ଲୋକଙ୍କର ସମସ୍ୟା ଗୁଡିକୁ ପ୍ରତ୍ୟକ୍ଷ ଭାବରେ ଶୁଣି ତା'ର ସମାଧାନ କରିବା। ବାୟାପଡ଼ା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କାଳରେ ଅତିରିକ୍ତ ଶ୍ରେଣୀ ଗୃହର ସ୍ଥିତି ପରଖିବା ପରେ ଗ୍ରାମରେ ବହୁ ଦିନରୁ ଅସମ୍ପୂର୍ଣ୍ଣ ରହିଥିବା ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ବିଷୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ବିଡିଓଙ୍କୁ କାର୍ଯ୍ୟଟିକୁ ଅତି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେହିଠାରେ ହିଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଦାମଦରବେଢ଼ା ଗ୍ରାମରେ ସେତୁ ଯୋଜନାରେ ନିର୍ମାଣଧୀନ ୩୦ ଲକ୍ଷ ଟଙ୍କାର ବକ୍ସ ସେଲ୍‌ଫ କଲଭର୍ଟ କାର୍ଯ୍ୟର ଅନୁଧ୍ୟାନ ବେଳେ ବର୍ଷା ଦିନ ପୂର୍ବରୁ ଏବଂ ସବୁ ସମୟ ପାଇଁ ଗୁଣବତା ଅପରିବର୍ତିତ ରଖିବାକୁ ପରାମର୍ଶ ଦିଆଯାଇଛି। ଗଙ୍ଗାପଡ଼ା ଗ୍ରାମରେ

# ବିନାନୁମତିରେ ପିଚୁ ରାସ୍ତା ଖୋଳି ପାଇପ୍ ଲାଇନ ବିଛାଉଛି କମ୍ପାନୀ



**ପାଟଣା,୨୪।୪(ସଂଚାର ବ୍ୟୁରୋ)ः** କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ ମେଗା ପାନୀୟ ଜଳ ଯୋଗାଣ ପାଇଁ ପାଇପ ଲାଇନ୍ ବିଛାଇବା କାର୍ଯ୍ୟକୁ ଠିକାରେ ନେଇଥିବା କମ୍ପାନୀ ମନଇଚ୍ଛା ବିନା ଅନୁମତିରେ ପିଚୁ ଓ କଂକ୍ରିଟ ରାସ୍ତା ଖୋଳି ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ପୂର୍ତ୍ତ ବିଭାଗ ସୁଆମ ହନୁମାନ ଛକ ଠାରୁ ପିପିଳିଆକୁ ସଂଯୋଗ କରୁଥିବା ହନୁମାନ ଛକ, ସ୍ୱାମ ରାସ୍ତା, ପାଟଣା କେନ୍ଦେପୋଷି ରାସ୍ତାର ପୁଟୁଳିଆ, ଟାଙ୍ଗରପଡ଼ା ଓ ପାଟଣା ତହସିଲ ପାଖରେ ବିରାଟ ଖାଲ କରିପକାଇଛି। ଏଥିସହ ସାମ ପିପିଳିଆ ରାସ୍ତାର ସାମ ରାସ୍ତାପାଶର୍ୱ ଖୋଳି ପକାଇବା ସହ ୫ଦିନ ହେବ ବିପଦ ପୂର୍ଣ୍ଣ ଭାବେ ପିଚୁ ରାସ୍ତା ଉପରେ ମୋରମ ପକାଇ ରଖିଛି। ଫଳରେ ପିଚୁ ରାସ୍ତା ଉପରେ ମୋରମ ପଡ଼ି ରହିଥିବାରୁ ରାସ୍ତା ନଷ୍ଟ ହେବା ସହ ଗାଡ଼ି ସ୍ଲିପ୍ କରି ଦୁର୍ଘଟଣା ଘଟୁଛି। ଏନେଇ ପୂର୍ତ୍ତବିଭାଗ ଯନ୍ତ୍ରୀ ମହେଶ୍ୱର ପାଶାଙ୍କୁ ପଚାରିବାରୁ ଆମ ବିଭାଗର କୌଣସି ଅନୁମତି ନ ନେଇ ଏଲ୍ ଆଣ୍ଡଟି କମ୍ପାନୀ ରାସ୍ତା କାଟି ପକାଇଛି ତା' ନାଁରେ ଥାନାରେ କେସ୍ କରାଇବାକୁ ବିଭାଗ ବିଚାର ବିମର୍ଷ କରୁଛି।

# ଅନାବରଣ ପୂର୍ବରୁ ଭାଙ୍ଗିଦେଲେ ଦାମ ରାଉତଙ୍କ ପ୍ରତିମୂର୍ତ୍ତି

**ପାରାଦ୍ୱୀପ,୨୪।୪ (ସଂଚାର ବ୍ୟୁରୋ)ः** ଅନାବରଣ ପୂର୍ବରୁ ଭାଙ୍ଗିଦେଲେ ଦାମଙ୍କ ପ୍ରତିମୁର୍ତ୍ତି ଏଭଳି ଘଟଣା ଘଟିଛି ଖୋଦ ଦମଙ୍କ ଜନ୍ମମାଟି ଏରସମା ଶିଆଳି ଅଞ୍ଚଳରେ। ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ସ୍ୱର୍ଗତଃ ଡ ଦାମୋଦର ରାଉତଙ୍କୁ କିଏ ବା ନଜାଣେ। ଦୀର୍ଘ ଦଶନ୍ଧି ଧରି ରାଜନୈତିକ ଜୀବନରେ ସେ ଅନେକ ପଦପଦବୀରେ ରହି ରାଜ୍ୟର ବହୁ ଗୁରୁ ଦାଇତ୍ୱ ସମାପନ କରିଛନ୍ତି। ହାତଗଣତି ରାଜ୍ୟର କେତେଜଣ ମହାନ ରାଜନେତାଙ୍କ ମଧ୍ୟରେ ତାଙ୍କ ନାମ ନିଶ୍ଚୟ ଆସିବା କଥା। କଥାରେ ସେ ସମସ୍ତଙ୍କୁ ସାବାଡ କରି ଦେଉଥିବା ଏକ ଭିନ୍ନ ଭାବଭଙ୍ଗୀର ନେତା ଥିଲେ ଦାମ ବାବୁ। କିନ୍ତୁ ଆଜି ଜଗତସିଂହପୁର ଜିଲ୍ଲା ଶିଆଳି ବେଳାଭୂମି ପାଖରେ ତାଙ୍କର ପ୍ରତିମୂର୍ତ୍ତିକୁ ଭାଙ୍ଗି ଖଣ୍ଡଖଣ୍ଡ କରି ଦିଆଯାଇଛି। ଏହାକୁ ଆଉ କିଏ ଭାଙ୍ଗି ନାହାନ୍ତି, ଭାଙ୍ଗିଛି ଖୋଦ ବନ ବିଭାଗ।



ଶିଆଳି ବାଲିଯାତ୍ରା କମିଟି ପକ୍ଷରୁ ବେଳାଭୂମି ପାଖରେ ଡ ଦାମୋଦର ରାଉତଙ୍କ ଏକ ପ୍ରତିମୁର୍ତ୍ତି ନିର୍ମାଣ ସରିଥିଲା। ଆସନ୍ତା ୨୬ ତାରିଖ ଅପରାହ୍ନ ୪ଟା ସମୟରେ ଉଦ୍ଘାଟିତ ହୋଇଥାନ୍ତା ଏହି ପ୍ରତିମୁର୍ତ୍ତି। ଅତିଥି ନିମନ୍ତ୍ରଣ, ନାମ ଫଳକ ଶିଳା ମଧ୍ୟ ଲଗାଯାଇ ଥିଲା। ସାଂସଦ ଡ ବିଭୁ ପ୍ରସାଦ ତରାଇ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଶୂର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସମ୍ବିତ ରାଉତରାୟଙ୍କ ଠାରୁ ଆରମ୍ଭ କରି ଅନେକ ରାଜନେତା ମାନଙ୍କର ନାମ ମଧ୍ୟ ଫଳକରେ ଲେଖା ଯାଇଥିଲା। କିନ୍ତୁ ଆଜି ଠିକ ମଧ୍ୟାହ୍ନ ସମୟରେ ବନ ବିଭାଗର କିଛି କର୍ମଚାରୀ ଯାଇ ଉକ୍ତ ପ୍ରତିମୂର୍ତ୍ତିକୁ ଲୁହା ହାତୁଡ଼ି ଓ ସାବଳରେ ବାଡେଇ ବାଡେଇ ଭାଙ୍ଗିଥିଲେ। ଘଟଣା ବିଷୟରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ସଞ୍ଜୟ ପ୍ରଧାନଙ୍କୁ ପଚାରିବାରୁ ପ୍ରତିମୂର୍ତ୍ତି କାହାର ଆମେ ଜାଣିନୁ, ପ୍ରତିମୂର୍ତ୍ତିର ମୁହଁ ଘୋଡା ଯାଇଥିଲା। ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଥିବା ଜାଗାଟି ଫରେଷ୍ଟ ବ୍ଲକ ଅଧୀନରେ ଆସୁଛି। ରାଜନଗର ଡ଼ିଏଫଓଙ୍କ ନିର୍ଦ୍ଦେଶ କ୍ରମେ ହାଉୱାଖାନା ରାମତରା ବନ ବିଭାଗ ଅଧିକାରୀ ଓ ଗାର୍ଡ ଏହାକୁ ଭାଙ୍ଗିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# ଶର୍ଟସର୍କିଟରୁ ଦୋକାନରେ ଲାଗିଲା ନିଆଁ



**ଜଗତସିଂପୁର,୨୪।୪ (ସଂଚାର ବ୍ୟୁରୋ)ः** ଜଗତସିଂପୁର ଜିଲ୍ଲାର ସଦର ବଡ଼ବଜାର ଠାରେ ହୁତୁ ହୁତୁ ହୋଇ ଜଳିଗଲା ଦୋକାନ । ଏକ ସାଇକେଲ ଦୋକାନରେ ନିଆଁଲାଗିବା ପରେ ପାଖ ବ୍ୟାଗ ଦୋକାନ ଓ ଅନ୍ୟାନ୍ୟ ଦୋକାନକୁ ବ୍ୟାପିଥିଲା । କିଛି ସମୟ ବିଳମ୍ବରେ ଅଗ୍ନିଶ୍ରମ ବାହିନୀ ଆସି ନିଆଁକୁ ଆୟତ କରିଛନ୍ତି । ଭିଷଣ ଗରମ ଯୋଗୁ ନିଆଁ ଲାଗିଥାଇ ପାରେ କିମ୍ବା ସଟସର୍କିଟରୁ ନିଆଁ ଲାଗିଥିବା ଜଣାପଡିଛି । ଅଗ୍ନିଶ୍ରମ ବାହିନୀର କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ କରିଛନ୍ତି। ବ୍ୟବସାୟୀଙ୍କର ଥିବା ଦୋକାନରେ ସମସ୍ତ ଆସବାବ ପତ୍ର ଓ ସମସ୍ତ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଫଳରେ ବ୍ୟବସାୟୀମାନେ ଚିନ୍ତାରେ ରହିଛନ୍ତି। ନିଆଁର ଭୟାବହରେ ବିଦ୍ୟୁତ ତାର ମଧ୍ୟ ଜଳି ଯାଇଛି। ଯାହା ଦ୍ୱାରା ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି ।

# ଦିବାକରଙ୍କୁ ସହାୟତାର ହାତ ବଢ଼ାଇଲେ ରୁକୁ ସୁନା



**ନୂଆପଡ଼ା,୨୪।୪(ସଂଚାର ବ୍ୟୁରୋ)ः** ବାଇକ୍ ଦୁର୍ଘଟଣାରେ ଗୋଡ ହରାଇଥିବା ବ୍ୟକ୍ତିଙ୍କୁ କଣ୍ଠଶିଳ୍ପୀ ରକଷ୍ଟାର ରୁକୁ ସୁନା ସହାୟତାର ହାତ ବଢାଇଛନ୍ତି। ବୁଧବାର ସେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡିତଙ୍କୁ ଭେଟି ତାଙ୍କ ପରିବାରକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ଡିଖାଳି ମହୋତ୍ସବର ୧୫ ତାରିଖ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୁନାଙ୍କ କାର୍ଯ୍ୟକ୍ରମ ରହିଥିଲା। କୋମନା ବ୍ଲକ ଠିକପାଲି ପଞ୍ଚାୟତ ବାବୁପାଲି ଗାଁର ଦିବାକର ସୁନାନୀ ତାଙ୍କ କାର୍ଯ୍ୟକ୍ରମ ଦେଖିବା ପାଇଁ ବାହାରିଥିଲେ। ବାଇକ୍‌ରେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଅଚେତ ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପରେ ଡାକ୍ତର ଗୋଟିଏ ଗୋଡ ଭାଙ୍ଗିଯାଇଛି ବୁର୍ଲା ବଡ ଡାକ୍ତରଖାନା ନେଇ ଅସ୍ତ୍ରୋପଚାର କରିବାକୁ ପଡିବ ବୋଲି ପରାମର୍ଶ ଦେଇଥିଲେ। ହେଲେ ପରିବାର ଲୋକେ ରାୟପୁରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଲକ୍ଷେ ଟଙ୍କା ଜମା କଲେ ଗୋଡ ଅସ୍ତ୍ରୋପଚାର ହେବ ବୋଲି କହିଥିଲେ। ପରିବାର ଲୋକେ ଜମିବାଡି, ସୁନାଗହଣା ବିକ୍ରୟ କରି ୭୦ ହଜାର ଟଙ୍କା ଦେବାପରେ ଦିବାକରଙ୍କ ଗୋଡ ଅପରେଶନ କରାଯାଇ କାଟି ଦିଆଯାଇଛି। ତାଙ୍କର ସ୍ତ୍ରୀ ଓ ଦୁଇ ପିଲା ଏବେ ଅସହାୟ ହୋଇପଡିଛନ୍ତି। ଏ ନେଇ ଦିବାକର ସାମାଜିକ ଗଣମାଧ୍ୟମରେ ଭିଡିଓ ବାର୍ତ୍ତା ମାଧ୍ୟମରେ ସାହାଯ୍ୟ ଲୋଡିଥିଲେ। ରୁକୁ ସୁନା ଏହା ଜାଣିପାରି ନିଜ ମ୍ୟାନେଜରଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେ ଦିବାକରଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ନଗଦ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।